RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-108 ◆TUESDAY ◆14 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୮ ◆ମଙ୍ଗଳବାର ◆୧୪ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



'କାନ୍ତାରା ଚାପ୍ଟର ୧'
ସଫଳତାର ରାଜ୍ ଖୋଲିଲେ ରିଷବ
▶ପୃଷ୍ଠା ୧୧ ଦେଖନ୍ତୁ...

# ରାଜଧାନୀ ଅଶାନ୍ତ | ଦିନକରେ ଗଡ଼ିଲା ୨ ମୁଣ୍ଡ

## ଜମିବାଡ଼ି ବିବାଦରୁ ଭାଇକୁ ଗୁଳି କରି ହତ୍ୟା

- ଏମ୍ସ ଲ୍ୟାବ୍ ଆସିଷ୍ଟାଣ୍ଟ ମୃତ
- ହତ୍ୟାକାଣ୍ଡ ପରେ ହଣାକଟା
- ଗୋଟିଏ ପରିବାରର ୩ ଅଟକ
- ସରକନ୍ତରାରେ ଉତ୍ତେଜନା



■ **ଭୁବନେଶ୍ୱର, ୧୩।୧୦(ସମିସ):** ପୁଣି ଅଶାନ୍ତ ରାଜଧାନୀ ଉପକଣ୍ଠ। ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆଉ କେହି ନୁହେଁ; ଖୋଦ୍ ଦାଦା ପୁଅ ଭାଇ ଏଭଳି ନାରକୀୟ ଘଟଣା ଘଟାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ, ସରକନ୍ତରା ଗାଁର ପଠାଣି ଖୁଣ୍ଟିଆଙ୍କ ବଡ଼ପୁଅ ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି (୨୫)। ସେ ଠିକା ସଂସ୍ଥା ଅଧୀନରେ ଭୁବନେଶ୍ୱର ଏମ୍ସରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ରବିଙ୍କ ଦାଦାପୁଅ ଭାଇ ଶିବାକୁ ଏଯାଏ ଧରି ପାରିନାହିଁ। ପୁଲିସ ଶିବାର ବାପା ସୁକାନ୍ତ, ମାଆ ଦ୍ରୌପଦୀ ଓ ସାନ ଭାଇ ଛବିକୁ ଅଟକ ରଖିଛି।

ସୂଚନାନୁସାରେ, ପଠାଣିଙ୍କ ସାନଭାଇ ସୁକାନ୍ତ ଗାଁରେ ବିବାହ କରିଥିବା ବେଳେ ଶ୍ୱଶୁର ଘରେ ରୁହନ୍ତି। ଡିହ ଜମିକୁ ପଠାଣିଙ୍କ ମାଆ ରବି ନାମରେ ପଞ୍ଜୀକରଣ କରିଦେଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସୁକାନ୍ତ ଉକ୍ତ ଜମିରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ଏବେ ବି ବିଚାରାଧୀନ ରହିଛି। ହେଲେ ଡିହ ଜମି ମାଲିକାନାକୁ ନେଇ ପଠାଣି ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଉଥିଲା। ଗାଁ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଏହି ବିବାଦ ଥମି ନଥିଲା।

ସବୁଦିନ ଭଳି ସୋମବାର ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍ସକୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ସେ ସରକନ୍ତରା ମଙ୍ଗଳା ମନ୍ଦିର ଅତିକ୍ରମ କରୁଥିବା ବେଳେ ଶିବା ତାଙ୍କୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତାଙ୍କ ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିଥିଲା। ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶି ଯାଇଥିବା ବେଳେ ଶିବା ମଧ୍ୟ ତାଙ୍କୁ ପିଛା କରିଥିଲା। ଶରୀରରେ ଗୁଳି ବାଜିଥିବାରୁ ବେଶି ଭିତରକୁ ଯାଇ ନପାରି ପଡ଼ି ଯାଇଥିଲେ। ଶିବା ତାଙ୍କ ପାଖକୁ ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ସ୍ଥାନୀୟ ଲୋକେ ତାଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ହତ୍ୟାକାଣ୍ଡ ପରେ ରବିଙ୍କ ସମ୍ପର୍କୀୟ ଦାଦା ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସୁକାନ୍ତ, ଦ୍ରୌପଦୀ ଓ ଛବି ମିଶି ଏହି କାଣ୍ଡ ଭିଆଇଛନ୍ତି। ଶିବା ହିଁ ଗୁଳି କରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସଫଳ ହୋଇ ପାରିନାହିଁ। ଘଟଣାସ୍ଥଳରେ ସିସିଟିଭି ନଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି।

## ପଥରରେ ଛେଚି ଯୁବକଙ୍କୁ ହତ୍ୟା

■ **ଭୁବନେଶ୍ୱର, ୧୩।୧୦(ସମିସ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ଚୁନୁକୋଳି ବସ୍ତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ ପଥର ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛି। ମୃତ ଯୁବକର ପରିଚୟ ଯେମିତି ଜଣା ନପଡ଼ିବ, ସେଥିପାଇଁ ମୁହଁ ଏବଂ ମୁଣ୍ଡକୁ ବାରମ୍ବାର ଛେଚିଥିବା ଜଣାଯାଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତିଜଣଙ୍କ କୌଣସି ଟ୍ରକ୍‌ର ଚାଳକ କିମ୍ବା ହେଲପର୍ ଭାବେ କାମ କରୁଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ଅନ୍ୟତ୍ର ହତ୍ୟା କରିବା ପରେ ଶବକୁ ଟ୍ରକ୍‌ରେ ଆଣି ଏଠାରେ ଫିଙ୍ଗି ଦିଆଯାଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଜବତ କରି ଉକ୍ତ ଟ୍ରକ୍‌କୁ ଅଣ୍ଡାଳୁଛି। ▶ପୃଷ୍ଠା-୭



**ମୃତକଙ୍କ ପରିଚୟ ପାଇଁ ପୁଲିସ ନାକେଦମ**

**ଟ୍ରକ୍ ଡ୍ରାଇଭର ହୋଇଥିବା ସନ୍ଦେହ କରୁଛି ପୁଲିସ**

## କ୍ଷୋଭ ପ୍ରକାଶ କଲେ ନବୀନ

# ଖୋଲାଖୋଲି ଆତଙ୍କରାଜ; ଲୋକଙ୍କୁ ସୁରକ୍ଷା ଦେବ କିଏ ?



**ଗୋଟିଏ ଦିନରେ ଭୁବନେଶ୍ୱରରେ ଘଟିଛି ଏକାଧିକ ଅପରାଧିକ ଘଟଣା**

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସଜାଗ ନ ହେବା ଆଶ୍ଚର୍ଯ୍ୟର ବିଷୟ**

■ **ଭୁବନେଶ୍ୱର, ୧୩।୧୦(ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ରାଜଧାନୀ ଅଶାନ୍ତ ଥିବାବେଳେ ଆତଙ୍କରାଜ ଖୋଲାଖୋଲି ବୃଦ୍ଧି ପାଇଛି। ଏପରିସ୍ଥଳେ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ନବୀନ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।

ନବୀନ କହିଛନ୍ତି ଯେ ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ଜଣେ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖରପୁରରେ ବୀଭତ୍ସ ହତ୍ୟାକାଣ୍ଡ ସହ ରେଳ ଷ୍ଟେସନରେ ଜନୈକ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ ଘଟଣା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି। କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁ ଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ଆଇଆରସିଟିସି ଦୁର୍ନୀତି ମାମଲା

# ଲାଲୁ, ରାବ୍‌ଡ଼ି, ତେଜସ୍ୱୀଙ୍କୁ ଝଟ୍‌କା

■ **ପାଟନା, ୧୩।୧୦ (ଏଜେନ୍ସି):** ଆସନ୍ତା ମାସ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କର ପୁତ୍ର ତେଜସ୍ୱୀ ଯାଦବଙ୍କୁ ଲାଗିଛି କୋର୍ଟ ଝଟକା। ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଲାଲୁ, ତାଙ୍କର ପତ୍ନୀ ରାବଡ଼ି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଆଜି ଏହି ୩ ଜଣଙ୍କୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାରେ ଅଭିଯୁକ୍ତ ବୋଲି ବିଚାର କରିଛି। ଏହି ମାମଲାରେ ଲାଲୁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀର ଦୁରୁପଯୋଗ କରିଥିବା କୋର୍ଟ କହିଛନ୍ତି। ଲାଲୁଙ୍କ ଜାଣତରେ ଏହି ଟେଣ୍ଡର ଦୁର୍ନୀତିର ପୂରା ଷଡ଼ଯନ୍ତ୍ର ରଚାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଲାଲୁ ହସ୍ତକ୍ଷେପ କରିଥିଲେ। ଏହାଦ୍ୱାରା ଲାଲୁଙ୍କ ପରିବାର ପ୍ରତ୍ୟକ୍ଷ ଭାବେ ଯଥେଷ୍ଟ ଲାଭବାନ ହୋଇଥିଲା ବୋଲି କୋର୍ଟ କହିଛନ୍ତି। ଅପରପକ୍ଷରେ ଲାଲୁ ଏହି ଅଭିଯୋଗଗୁଡିକୁ ଖଣ୍ଡନ କରିଛନ୍ତି। ଏହି ମାମଲା ରାଞ୍ଚି ଓ ପୁରୀସ୍ଥିତ ଆଇଆର୍‌ସିଟିସିର ଦୁଇଟି ହୋଟେଲର ଟେଣ୍ଡର ସହିତ ଦୁର୍ନୀତି ସହିତ ଜଡିତ ରହିଛି।



**୩ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ ପାଇଁ କୋର୍ଟ ନିର୍ଦ୍ଦେଶ**


୨୦୦୪ରୁ ୨୦୦୯ ମଧ୍ୟ ଲାଲୁ ଯାଦବ କେନ୍ଦ୍ରରେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ହୋଇଥିଲା ବୋଲି କୁହାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ମାମଲା ଲାଲୁ ପରିବାର ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଯଦି ଆଇଆରସିଟିସି ମାମଲାରେ ୩ ଜଣଙ୍କ ବିରୋଧରେ ସବୁ ଅଭିଯୋଗ ପ୍ରମାଣିତ ହେଲା, ତେବେ ୩ ଜଣଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ। ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

■ **ଭୁବନେଶ୍ୱର, ୧୩।୧୦ (ସମିସ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଆଜିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ସେହିପରି ୨୪ ତାରିଖ(ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ନାମାଙ୍କନର ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ କରିନଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।



ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।




## ପାର୍ଟ ପ୍ଲଟ୍ ପଞ୍ଜୀକରଣ

# ଏସ୍‌ଓପି ଜାରି; ଫିଟିଲା ବାଟ

■ **ଭୁବନେଶ୍ୱର, ୧୩।୧୦ (ସମିସ):** ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ। ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି।

**ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି**

**ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ**

**ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍**



ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ପାର୍ଟ ପ୍ଲଟ ପଞ୍ଜୀକରଣ ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି। ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ। ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ। ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କାନାଡ଼ା ବିଦେଶ ମନ୍ତ୍ରୀ ଅନୀତା ଆନନ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି କାନାଡ଼ା ବୈଦେଶିକ ମନ୍ତ୍ରୀ ଅନୀତା ଆନନ୍ଦ। ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ବେପାର ବାଣିଜ୍ୟ, ଶକ୍ତି, ଜ୍ଞାନକୌଶଳ, କୃଷି ଓ ସହଯୋଗ ନେଇ ଆଲୋଚନା କରିଥିଲେ। ମୋଦୀ ଏହି ଅବସରରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଆଗାମୀ ବୈଠକଗୁଡିକ ପାଇଁ ଅପେକ୍ଷା କରିଥିବା କହିଥିଲେ। ଅନୀତାଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁଇଦେଶର ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପରେ ଯୁଗ୍ମ ପ୍ରେସ ବିବୃତି ଜାରି କରାଯାଇଥିଲା। ବିଶ୍ୱରେ ଆର୍ଥିକ ଅନିଶ୍ଚିତତା ଓ ସଂଘର୍ଷ ଜାରି ରହିଥିବା ବେଳେ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଭାଗୀତା ଜରୁରୀ ବୋଲି କୁହାଯାଇଥିଲା।

## ଖାଇକୁ ଖସିଲା ବସ୍: ୭ ଶିଶୁ ସମେତ ୪୨ ମୃତ, ୪୯ ଆହତ

କେପ୍‌ଟାଉନ୍, ୧୩।୧୦(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ରାଜ୍ୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ରାତିରେ ଲିମ୍ପୋପୋର ପାହାଡ଼ିଆ ଅଞ୍ଚଳ ଦେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣରେ ଖାଇକୁ ଖସିପଡ଼ିଥିଲା। ଏଥିରେ ୪୨ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୭ ଶିଶୁ, ୧୮ ମହିଳା ଓ ୧୭ ପୁରୁଷ ସାମିଲ ଅଛନ୍ତି। ୪୯ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଏ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଜିମ୍ବାୱେ ଓ ମାଲାୱିର ନାଗରିକ ଯାତ୍ରା କରୁଥିଲେ ବୋଲି କୁହାଯାଇଛି।

## ଜୈସାଲମେର୍‌ରେ ପଲଟିଲା ସେନା ଜିପ୍; ମେଜର ମୃତ

ଜୈସାଲମେର, ୧୩।୧୦(ଏଜେନ୍ସି): ରାଜସ୍ଥାନର ଜୈସାଲମେରରେ ଭାରତୀୟ ସେନାର ଏକ ଜିପ୍ ପଲଟି ଯାଇଛି। ଏଥିରେ ଜଣେ ମେଜର ପ୍ରାଣ ହରାଇଛନ୍ତି। ସେହିପରି ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ, ୨ ଜଣ ମେଜରଙ୍କ ସମେତ ମୋଟ ଉପରେ ୪ ଜଣ ଆହତ ହୋଇଛନ୍ତି। ତନୋଟ ଥାନ ଅନ୍ତର୍ଗତ ରାମଗଡ଼ରୁ ଲୋଙ୍ଗେୱାଲ ମଧ୍ୟରେ ଥିବା ଗମନେବାଲା ଗାଁ ନିକଟରେ ରବିବାର ସନ୍ଧ୍ୟା ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ ସଡ଼କ ଉପରେ ବାଙ୍କ ଥିଲା। କିନ୍ତୁ ଜିପ ବୁଲି ନପାରି ନିୟନ୍ତ୍ରଣ ହରାଇ ପଲଟି ଯାଇଥିଲା। ମେଜର ଟିସି ଭରଦ୍ୱାଜଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଅବସରରେ ସେ ପ୍ରାଣ ହରାଇଥିଲେ।

## କୋଲ୍‌ଡ୍ରିଫ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ୍ ଫାର୍ମା ବନ୍ଦ, ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ତାମିଲନାଡୁ ସରକାର ସୋମବାର କୋଲଡ୍ରିଫ୍ କଫ୍ ସିରପ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ ଫାର୍ମାସ୍ୟୁଟିକାଲ କମ୍ପାନୀ ବନ୍ଦ କରିବା ସହ ଉତ୍ପାଦନ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରି ଦେଇଛନ୍ତି। ଏହି କମ୍ପାନୀକୁ ସବୁଦିନ ପାଇଁ ବନ୍ଦ କରିବାକୁ ସରକାର ଘୋଷଣା କରିଛନ୍ତି। ଏହି କମ୍ପାନୀର କାରଖାନାରେ ୩୫୦ରୁ ଊର୍ଦ୍ଧ୍ୱ ଗମ୍ଭୀର ଶ୍ରେଣୀର ତ୍ରୁଟିଥିବା ଜଣା ପଡ଼ିଥିଲା। ଏହି ସିରପ ସେବନ କରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୨୫ ଶିଶୁ ମୃତ୍ୟୁବରଣ କଲେଣି। ଚେନ୍ନଇରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶ୍ରୀସାନ ଫାର୍ମା ସହିତ ଜଡିତ ୭ଟି ଠିକଣା ଉପରେ ଚଢ଼ାଉ କରିଥିଲା। ଏହି ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶ୍ରୀସାନ ଫାର୍ମାର ମାଲିକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଅକ୍ଟୋବର ୯ରେ ଗିରଫ କରାଯାଇଥିଲା। ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କୋଲଡ୍ରିଫ୍‌ରେ ୪୮ ପ୍ରତିଶତ ବିଷ ରହିଛି ବୋଲି କୁହାଯାଇଛି।

## ଆରଏସ୍‌ଏସ୍‌କୁ ତାଲିବାନ ସହ ତୁଳନା କଲେ ସିଦ୍ଧରମେୟାଙ୍କ ପୁଅ

ବେଙ୍ଗାଲୁରୁ, ୧୩।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ପୁଅ ଯତୀନ୍ଦ୍ର ସିଦ୍ଧରମେୟା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)କୁ ଆଫଗାନିସ୍ତାନର ତାଲିବାନ ସହ ତୁଳନା କରିଛନ୍ତି। ସେ ଆରଏସ୍‌ଏସ୍‌କୁ ନିଷିଦ୍ଧ କରିବାକୁ ମଧ୍ୟ ଦାବି କରିଛନ୍ତି। ପୂର୍ବରୁ ଆରଏସ୍‌ଏସ୍ ନିଜ ଶାଖା ପରିଚାଳନା କରିବାକୁ ସରକାରୀ ଅନୁଷ୍ଠାନଗୁଡିକର ପ୍ରାଙ୍ଗଣକୁ ବ୍ୟବହାର କରୁଛି ବୋଲି ସିଦ୍ଧରମେୟା କହିଥିଲେ। ତାଲିବାନ ଯେଉଁଭଳି ଭାବେ ଇସ୍‌ଲାମର ନିୟମ ଲୋକଙ୍କ ଉପରେ ଲାଗୁ କରୁଛି, ଆରଏସ୍‌ଏସ୍ ମଧ୍ୟ ସେହିପରି ଜନସାଧରଣଙ୍କ ଉପରେ ହିନ୍ଦୁତ୍ୱ ଲଦି ଦେବାକୁ ପ୍ରୟାସ କରୁଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପୁଅ ତଥା କର୍ଣ୍ଣାଟକ ଆଇଟି ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ମଧ୍ୟ ଆରଏସ୍‌ଏସ୍ ସରକାରୀ ଅନୁଷ୍ଠାନଗୁଡିକର ପ୍ରାଙ୍ଗଣ ବ୍ୟବହାର କରିବାକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆରଏସ୍‌ଏସ୍‌ର ଏଭଳି ଆଚରଣକୁ ନିଷିଦ୍ଧ କରିବାକୁ ସେ ଦାବି କରିଛନ୍ତି।

## ବାଂଲାଦେଶରେ ୧୫ ସେନା ଅଧିକାରୀ ଅଟକ

ଢାକା, ୧୩।୧୦(ଏଜେନ୍ସି): ଶେଖ ହସିନାଙ୍କ ଶାସନରେ ବିଭିନ୍ନ ଅପରାଧ ଘଟାଇବା ଅଭିଯୋଗରେ ସେନାର ୧୫ ଜଣ ଅଧିକାରୀକୁ ଅଟକ ରଖାଯାଇଛି। ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବୁନାଲ (ଆଇସିଟି) ୩ଟି ମାମଲାରେ ୨୫ ଜଣ ସେନା ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅଟକ ଥିବା ସେନା ଅଧିକାରୀମାନଙ୍କୁ ସେନା କଷ୍ଟଡିରେ ରଖାଯାଇଛି। ଏହି ଅଧିକାରୀମାନେ ଶେଖ ହସିନାଙ୍କ ଶାସନ କାଳରେ ବିକ୍ଷୋଭକୁ ଭଣ୍ଡୁର କରିବାକୁ ପ୍ରୟାସ କରି ବିଭିନ୍ନ ଆପରାଧିକ ଘଟଣା ଘଟାଇଥିଲେ ବୋଲି କୁହାଯାଇଛି।

# ଶାନ୍ତ ପଡ଼ିଲା ଗାଜା

### ◆ଇସ୍ରାଏଲୀ ପଣବନ୍ଦୀଙ୍କୁ ଛାଡ଼ିଲା ହମାସ୍ ◆ପାଲେଷ୍ଟିନୀୟଙ୍କୁ ବି ମୁକ୍ତ କରୁଛି ଇସ୍ରାଏଲ



### ସବୁ ଯୁଦ୍ଧ ମୁଁ ବନ୍ଦ କରିବି: ଟ୍ରମ୍ପ

### ଭାରତ-ପାକିସ୍ତାନ ପ୍ରସଙ୍ଗ ପୁଣି ଦୋହରାଇଲେ

ତେଲ ଆଭିଭ, ୧୩।୧୦ (ଏଜେନ୍ସି): ଦୀର୍ଘ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି। ଶେଷରେ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ବାଟ ଫିଟିଛି। ଶାନ୍ତି ବୁଝାମଣା ଅନୁଯାୟୀ ହମାସ କବଳରେ ଥିବା ଇସ୍ରାଏଲ ପଣବନ୍ଦୀ ସୋମବାର ମୁକ୍ତ ହୋଇଛନ୍ତି। ଇସ୍ରାଏଲ ମଧ୍ୟ ଶତାଧିକ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିଛି। ଦୁଇ ବର୍ଷର ବ୍ୟବଧାନ ପରେ ଆମେରିକା ହସ୍ତକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲରେ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭ ଜଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଜଣ ପଣବନ୍ଦୀଙ୍କୁ ହମାସ୍ ଛାଡ଼ିଛି। ଏମାନଙ୍କୁ ରେଡ୍ କ୍ରସ୍ ମାଧ୍ୟମରେ ଇସ୍ରାଏଲ ସେନା (ଆଇଡିଏଫ) କୁ ହସ୍ତାନ୍ତର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହମାସ କବଳରୁ ମୁକ୍ତ ପଣବନ୍ଦୀଙ୍କୁ ରେମି ସ୍ଥିତ ଆଇଡିଏଫ କ୍ୟାମ୍ପକୁ ନିଆଯାଇଥିଲା। ଏଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟା ପରୀକ୍ଷା କରାଯାଇଥିଲା। ପରେ ପରିବାର ସଦସ୍ୟଙ୍କୁ ଭେଟିବାକୁ ଦିଆଯାଇଥିଲା। ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ ଅଞ୍ଚଳରେ ଅନ୍ୟ ୧୩ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ଏହାକୁ ନେଇ ଇସ୍ରାଏଲରେ ଆନନ୍ଦର ଲହରୀ ଖେଳି ଯାଇଛି। ଏମାନଙ୍କୁ ୧୦ ହଜାର ଇସ୍ରାଏଲ ନାଗରିକ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। ଅନେକ ଅନ୍‌ଲାଇନ ମାଧ୍ୟମରେ ଏହି ଦୃଶ୍ୟ ଦେଖିଛନ୍ତି। ସେହିପରି ହମାସ ୪ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ଏମାନଙ୍କ ମଧ୍ୟରେ ନେପାଳର ବିପିନ ଯୋଶୀ ସାମିଲ ଅଛନ୍ତି। ପରେ ଆଉ ବାକି ପଣବନ୍ଦୀଙ୍କ ମୃତଦେହ ପ୍ରଦାନ କରାଯିବ। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ଏହି କଫିନର ଯାଞ୍ଚ କରୁଛି। ଏଥିପାଇଁ ଫରେନସିକ ଅଧିକାର ମୁତୟନ ହୋଇଛନ୍ତି। ମୃତଦେହ ଚିହ୍ନଟ କରିବାକୁ ଦୁଇ ଦିନ ସମୟ ଲାଗିବ ବୋଲି ଆଇଡିଏଫ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବଦଳରେ ଇସ୍ରାଏଲ ଆଜି ୨୫୦ ପାଲେଷ୍ଟିନୀୟ କଏଦୀଙ୍କୁ ମୁକ୍ତ କରିଛି।

ଏହି ଉଲ୍ଲେଖନୀୟ ଅଗ୍ରଗତି ସହିତ ଇସ୍ରାଏଲ ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୩୦ ସୂତ୍ରୀ ଗାଜା ଶାନ୍ତି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ପ୍ରକ୍ରିୟା ଏବଂ ଚୁକ୍ତି ପାଇଁ ସେ ଇସ୍ରାଏଲରେ ଅଛନ୍ତି। ଏଠାରୁ ସେ ଶାନ୍ତି ଚୁକ୍ତିରେ ଦସ୍ତଖତ ପାଇଁ ଇଜିପ୍ଟର ଶର୍ମ ଅଲ-ସେଖ ଗସ୍ତ କରିଛନ୍ତି। ଏଠାରେ ଟ୍ରମ୍ପ ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତହ ଅଲ-ସିସିଙ୍କ ନେତୃତ୍ୱରେ ବ୍ରିଟେନ, ଫ୍ରାନ୍ସ ଜର୍ମାନୀ ଏବଂ କିଛି ଆରବ ରାଷ୍ଟ୍ରଙ୍କ ଉପସ୍ଥିତିରେ ଶାନ୍ତି ଆଲୋଚନା ହେବ।

ଏହା ପୂର୍ବରୁ ଇସ୍ରାଏଲରେ ପହଞ୍ଚିବା ମାତ୍ରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଇସ୍ରାଏଲ ସଂସଦକୁ ପ୍ରାୟ ୬୪ ମିନିଟ ପର୍ଯ୍ୟନ୍ତ ସମ୍ବୋଧନ କରିଥିଲେ। ମୁଁ ସବୁ ଯୁଦ୍ଧ ବନ୍ଦ କରିବି ବୋଲି କହିଥିଲେ। ଏହା ସହିତ ପୁଣି ଥରେ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ନୂଆ ମଧ୍ୟ ପ୍ରାଚ୍ୟ ପାଇଁ ଏହା ଏକ ଐତିହାସିକ ଉପଲବ୍ଧି। ଏହା କହିବା ମାତ୍ରେ ଇସ୍ରାଏଲ ସଂସଦ ତାଳିରେ କମ୍ପି ଉଠିଥିଲା ଏବଂ ସମସ୍ତ ସାଂସଦ ଛିଡ଼ା ହୋଇ ଟ୍ରମ୍ପଙ୍କୁ ଅଭିବାଦନ ଜଣାଇ ଥିଲେ। ଏବେ ଆମେରିକା ଭଳି ଇସ୍ରାଏଲର ସୁବର୍ଣ୍ଣ ଯୁଗ ଆରମ୍ଭ ହେବ ବୋଲି ଟ୍ରମ୍ପ କହିଥିଲେ। 'କେବଳ ଯୁଦ୍ଧ ନୁହେଁ, ବରଂ ଆତଙ୍କର ଅନ୍ତ ହୋଇଛି। ଦୀର୍ଘ ଦିନର ଯୁଦ୍ଧ ପରେ ଆକାଶ ନିରବ ଏବଂ ବନ୍ଧୁକ ଶାନ୍ତ ରହିଛି। ପବିତ୍ର ମାଟିରେ ନୂଆ ସକାଳ ଆସିଛି। ଆଶା କରୁଛି ଆଗକୁ ମଧ୍ୟ ଏହା ବଜାୟ ରହିବ। ପଣବନ୍ଦୀ ମୁକ୍ତ ହୋଇଛନ୍ତି। ଏହା ଇସ୍ରାଏଲ ଏବଂ ବିଶ୍ୱ ପାଇଁ ବଡ଼ ବିଜୟ। ଅନେକ ଦେଶ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଥିଲେ। ଗାଜା ଚୁକ୍ତି ପାଇଁ ଟ୍ରମ୍ପ ଅରବ ଦେଶ ଏବଂ ମୁସଲିମ ନେତାଙ୍କ ପ୍ରଶଂସା କରିଥିଲେ। ଏହି ନେତାମାନେ ହମାସ ଉପରେ ଚାପ ପକାଇ ବନ୍ଦୀଙ୍କୁ ମୁକ୍ତ କରିବାରେ ସହାୟତା କରିଥିଲେ'।

ଟ୍ରମ୍ପ ପୁଣି ଥରେ ଆଠ ମାସରେ ୮ଟି ଯୁଦ୍ଧ ବନ୍ଦ କରାଇଥିବା ଦାବି କରିଥିଲେ। ସେ ଯୁଦ୍ଧକୁ ପସନ୍ଦ କରୁ ନ ଥିବା କହିଥିଲେ। ଟ୍ରମ୍ପ ଅଭିଭାଷଣରେ ପାଲେଷ୍ଟିନକୁ ରାଷ୍ଟ୍ର ମାନ୍ୟତା ଦେବା ପାଇଁ ଦାବି କରିଥିବା ଦୁଇ ସାଂସଦ ବାହାର କରିଦିଆଯାଇଥିଲା। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ସଂସଦଙ୍କୁ ସମ୍ବୋଧନ କରି ଟ୍ରମ୍ପଙ୍କୁ ଇସ୍ରାଏଲର ସର୍ବୋଚ୍ଚ ସମ୍ମାନ ଦେବାକୁ ଘୋଷଣା କରିଥିଲେ। ଟ୍ରମ୍ପ ହିଁ ଇସ୍ରାଏଲର ଘନିଷ୍ଠ ବନ୍ଧୁ ବୋଲି କହିଥିଲେ। ସେ ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ଦାବି କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଣବନ୍ଦୀଙ୍କ ମୁକ୍ତିକୁ ସ୍ୱାଗତ କରିଛନ୍ତି। କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ନେତନ୍ୟାହୁ ଏବଂ ଟ୍ରମ୍ପ କରିଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଅର୍ଥନୀତିରେ ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ



ଷ୍ଟକ୍‌ହାମ, ୧୩।୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ଅର୍ଥନୀତିରେ ତିନି ଜଣ ଅର୍ଥଶାସ୍ତ୍ରୀଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଜୋଏଲ ମୋକିର , ପିଟର ହାଭିଟ ଏବଂ ବ୍ରିଟେନର ଫିଲିପ ଏଘିୟାନଙ୍କୁ ଡିସେମ୍ବର ୧୦ରେ ଏହି ବଡ଼ ସମ୍ମାନ ଦିଆଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ନବୋନ୍ମେଷ ଦ୍ୱାରା କେମିତି ଆର୍ଥିକ ବିକାଶର ଦ୍ୱାର ଖୋଲିଥାଏ ତାହା ଏହି ଅର୍ଥଶାସ୍ତ୍ରୀମାନେ ଦର୍ଶାଇ ଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳି ଥାଏ। ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ଥାଏ। ଉତ୍ପାଦ ଏବଂ ଉତ୍ପାଦନର ନୂଆ ଉଦ୍ଭାବନା ପୁରୁଣାକୁ ବଦଳାଇ ଦେଇଥାଏ। ଏହି ପ୍ରକ୍ରିୟା ଅନବରତ ଭାବେ ଜାରି ରହିଥାଏ। ଏହି ଧାରା କେବେ ବନ୍ଦ ନ ହୋଇ ଆର୍ଥିକ ବିକାଶର ଆଧାର ହୋଇ ରହିଛି। ଏହା ଦ୍ୱାରା ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ସ୍ତର ବଦଳି ଥାଏ। ଏହି ନୋବେଲ ବିଜେତାଙ୍କୁ ୧୦ ମିଲିୟନ ସ୍ୱିଡିଶ କ୍ରୋନା ତଥା ୧୦.୩ କୋଟି ଟଙ୍କା, ସୁନା ମେଡାଲ, ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।

ନୋବେଲ କମିଟି ଅନୁଯାୟୀ, କ୍ରମାଗତ ଭାବେ ଆର୍ଥିକ ବିକାଶ କାହିଁକି ହୋଇପାରିଛି ତାହା ଇତିହାସ ଦେଖି ଜୋଏଲ ମୋକିର ଦର୍ଶାଇ ଥିଲେ। ସେ କହିଥିଲେ ଯେ ନୂଆ ଆବିଷ୍କାର ଏବଂ ସୁଧାର କ୍ରମାଗତ ଭାବେ ଜାରି ରହିଥିଲେ, ତାହା କେବଳ କାମ କରୁଛି ବୋଲି ଜାଣିବା ଯଥେଷ୍ଟ ନୁହେଁ। ଏହା କାହିଁକି କାମ କରୁଛି ତାହା ବୁଝିବା ଜରୁରୀ। ଶିଳ୍ପ ବିପ୍ଳବ ପୂର୍ବରୁ ଲୋକେ ଏହା ବୁଝି ପାରୁ ନ ଥିଲେ। ଏଥିପାଇଁ ନୂଆ ସନ୍ଧାନ ଏବଂ ଆବିଷ୍କାରର ସଠିକ୍ ବ୍ୟବହାରରେ ସମସ୍ୟା ହେଉଥିଲା। ଏହା ବ୍ୟତୀତ ସମାଜ ମଧ୍ୟ ନୂଆ ବିଚାରକୁ ଗ୍ରହଣ କରିବା ପାଇଁ ମୁକ୍ତ ହେବା ଉଚିତ ଏବଂ ପରିବର୍ତ୍ତନକୁ ମଧ୍ୟ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

### ଭୋଟ ଚୋରି' ଅଭିଯୋଗର ଏସ୍‌ଆଇଟି ତଦନ୍ତ

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଗତ ଲୋକସଭା ନିର୍ବାଚନରେ 'ଭୋଟ ଚୋରି' ହୋଇଥିବା ନେଇ ବିରୋଧୀ ଅଭିଯୋଗ କରିଆସୁଛନ୍ତି। ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏ ନେଇ କ୍ଷମତାସୀନ ଦଳକୁ ଦୋଷ ଦେଉଛନ୍ତି। ବେଙ୍ଗାଲୁରୁ ସେଣ୍ଟ୍ରାଲ ଆସନର 'ଭୋଟ ଚୋରି' ମାମଲାର ଏସ୍‌ଆଇଟି ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ତେବେ ସୋମବାର ସୁପ୍ରିମକୋର୍ଟ ଏହା ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଏ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆବେଦନକାରୀ ରୋହିତ ପାଣ୍ଡେଙ୍କୁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଥିଲେ ଯେ କୋର୍ଟ ଆବେଦନକାରୀ ଓକିଲଙ୍କ ତର୍କବିତର୍କ ଶୁଣିଛନ୍ତି। ଜନସ୍ୱାର୍ଥରେ ଆଗତ ଏହି ମାମଲାରେ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଇଚ୍ଛୁକ ନାହାନ୍ତି। ପାଣ୍ଡେ କହିଥିଲେ ଯେ ରାହୁଲ କରିଥିବା ଅଭିଯୋଗର ସେ ଯାଞ୍ଚ କରିଥିଲେ। ଏ ନେଇ ସେ ଅନେକ ସ୍ପଷ୍ଟ ପ୍ରମାଣ ପାଇଛନ୍ତି। ଭୋଟ ଚୋରି ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ବୈଧ ଭୋଟକୁ ବିକୃତ କରାଯାଇଥିଲା। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସୁପ୍ରିମକୋର୍ଟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଉଚିତ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ ଭୋଟର ତାଲିକାରେ ହଜାର ହଜାର ବେଆଇନ ଏବଂ ନକଲି ନାମ ସାମିଲ କରାଯାଇଥିଲା। ସାମ୍ବିଧାନିକ ଗ୍ୟାରେଣ୍ଟି ଉପରେ ଆକ୍ରମଣ କରାଯାଇଥିଲା। ଧାରା ୩୨୬ ଏବଂ ୩୨୪ର ଉଲ୍ଲଙ୍ଘନ କରାଯାଇଥିଲା। କୌଣସି ସ୍ୱାଧୀନ ସମୀକ୍ଷା ବିନା ଭୋଟର ତାଲିକା ସମୀକ୍ଷା କିମ୍ବା ଚୂଡ଼ାନ୍ତ ନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଦାବି କରିଥିଲେ।

### ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ

### ଏନ୍‌ଡିଏରେ ଅସନ୍ତୋଷ ବଢୁଛି

## ଅଟକିଲା ପ୍ରାର୍ଥୀ ତାଲିକା

ପାଟନା, ୧୩।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଯାଇଛି। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବିଜେପି, ଜେଡିୟୁକୁ ୧୦୧ ଲେଖାଏଁ, ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି (ଆର) କୁ ୧୯, ଜିତନ ରାମ ମାନ୍‌ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆର୍‌ଏଲ୍‌ଏମ୍‌କୁ ୬ଟି ଲେଖାଏଁ ଆସନ ମିଳିଛି। ତେବେ ଏହାକୁ ନେଇ ମେଣ୍ଟରେ ବିବାଦ ଲାଗି ରହିଛି। ସେଥିପାଇଁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଅଟକି ରହିଛି। ଯେତିକି ଆସନ ମିଳିଛି ତାହାକୁ ନେଇ ମାନ୍‌ଝୀ ଏବଂ କୁଶ୍ୱାହ ସନ୍ତୁଷ୍ଟ ନାହାନ୍ତି। ଉଭୟେ ଅଧିକ ଆସନ ଦାବି କରୁଛନ୍ତି। ପ୍ରଥମେ ମାନ୍‌ଝୀ ଏହି ଆସନକୁ ନେଇ ସନ୍ତୁଷ୍ଟ ଥିବା କହିଥିଲେ। ପରେ ଦଳର କ୍ଷମତାକୁ କମ୍ କରି ଆକଳନ କରାଯାଇଛି ଏବଂ ଏହାର ପରିଣାମ ଦେଖିବାକୁ ମିଳିବ ବୋଲି ଏକ ସାକ୍ଷାତକାରରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଏ ନେଇ ମାନ୍‌ଝୀ ମଧ୍ୟ ମେଣ୍ଟକୁ ଧମକ ଦେଇଥିଲେ। ଲଢ଼ିବା ପାଇଁ ୧୦-୨୦ ଆସନ ନ ମିଳିଲେ ଏକାକୀ ସବୁ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏକ କାର୍ଯ୍ୟକ୍ରମରେ କହିଥିଲେ।

ଏନ୍‌ଡିଏରେ କିଏ କେତେ ଆସନରେ ଲଢ଼ିବ ସ୍ଥିର ହୋଇଥିଲେ ବି କେଉଁ ଦଳ କେଉଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ। ୨୪୩ ଆସନରୁ କାହାକୁ କୋଉଟା ଦିଆହେବ ତାହାକୁ ନେଇ ଦଳମାନଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ସୋମବାର ସୁଦ୍ଧା ଏହାର କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ତେଣୁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରି ନାହିଁ। ପୂର୍ବରୁ ସୋମବାର ସନ୍ଧ୍ୟାରେ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କୁହାଯାଉଥିଲା। ଏଥିପାଇଁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ମାତ୍ର ବିବାଦ ଯୋଗୁଁ ବାଧ ହୋଇ ଏହାକୁ ସ୍ଥଗିତ ରଖା ଯାଇଥିଲା।

## ମହୁଆରୁ ଲଢ଼ିବେ ତେଜପ୍ରତାପ

ପାଟନା, ୧୩।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନିଜ ପାର୍ଟି ଜନଶକ୍ତି ଜନତା ଦଳର ଏକ ୨୧ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିରେ ସେ ନିଜେ ମହୁଆ ନିର୍ବାଚନମଣ୍ଡଳୀରେ ଲଢ଼େଇ କରିବେ ବୋଲି ଘୋଷଣା କରିଛନ୍ତି। ଫଳରେ ବିହାର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ମହୁଆ ସିଟ୍‌ରୁ ତେଜପ୍ରତାପ ପୂର୍ବରୁ ମଧ୍ୟ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଜାରି କରାଯାଇଥିବା ଏହି ପ୍ରାର୍ଥୀ ତାଲିକାରେ ଏକାଧିକ ନୂଆ ଓ ଯୁବ ଚେହେରାଙ୍କୁ ସାମିଲ କରାଯାଇଛି।

# ଗାଜା ଚୁକ୍ତି ବିରୋଧରେ ଜଳୁଛି ପାକିସ୍ତାନ

## ପୁଲିସ ଗୁଳିରେ ୨୦୦ ମୃତ, ୧୫୦୦ ଆହତ

ଇସଲାମାବାଦ୍, ୧୩।୧୦ (ଏଜେନ୍ସି): ପାକିସ୍ତାନରେ ଗାଜା ଶାନ୍ତି ଚୁକ୍ତି ଯୋଜନାକୁ ବିରୋଧ କରି ଗତ ୫ ଦିନ ହେବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ବିକ୍ଷୋଭ ଏବେ ଉଗ୍ର ହିଂସାର ରୂପ ନେଇଛି। ପୁଲିସ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଛି। ଏଥରେ ୨୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦୦ ଲୋକ ଆହତ ହୋଇଛନ୍ତି।



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାକୁ ପାକିସ୍ତାନ ପ୍ରଥମେ ସମର୍ଥନ କରିଥିଲା। ଏହାକୁ ନେଇ ପାକିସ୍ତାନରେ ବିଭିନ୍ନ ରାଜନୈତିକ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଜଣାଇ ତେହେରିକ-ଇ- ଲାବେକ ପାର୍ଟି (ଟିଏଲ୍‌ପି) ରାଜଧାନୀ ଇସଲାମାବାଦ ଘେରାଉ କରିଛି। ଏହାର ଲକ୍ଷାଧିକ ସମର୍ଥକ ଇସଲାମାବାଦରେ ଆମେରିକାର ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନ ଏଥିପାଇଁ ଅନୁମତି ନଦେବାରୁ ସେମାନେ ଇସଲାମାବାଦ ବାହାରେ ଅଟକି ରହିଛନ୍ତି। ବିକ୍ଷୋଭକାରୀ ହିଂସାରେ ମାତିଥିବାରୁ ସେମାନଙ୍କୁ ଅଟକାଇବାକୁ ଯାଇ ପୁଲିସ ପକ୍ଷରୁ ଗୁଳିମାଡ଼ କରାଯାଇଛି। ଏଥିରେ ୨୦୦ ଲୋକ ନିହତ ହୋଇଥିବା ଟିଏଲ୍‌ପି ଦାବି କରିଛି। ସଂଗଠନର ମୁଖ୍ୟ ସାଦ ହୁସେନ ରିଜ୍‌ଭି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ଲାହୋରରୁ ଇସ୍‌ଲାମାବାଦ୍ ପର୍ଯ୍ୟନ୍ତ ଇସ୍ରାଏଲ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ମେଡିକାଲ ସେଣ୍ଟରକୁ ନିଆଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା କେଉଁଠି ହୋଇଛି, କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସଂଘର୍ଷରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି।

## ଗାଜାରେ ହମାସ୍-ଆଦିବାସୀ ସଂଘର୍ଷ

### ୬୪ ମୃତ, ପାଲେଷ୍ଟାଇନ୍ ସାମ୍ବାଦିକ ନିହତ

ଗାଜା ସିଟି, ୧୩।୧୦(ଏଜେନ୍ସି): ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି। କିନ୍ତୁ ଏତିକିବେଳେ ଆଉ ଏକ ସଂଘର୍ଷର ସୂତ୍ରପାତ ହୋଇଛି। ଗାଜା ସିଟିରେ ରବିବାର ହମାସ ଓ ଦୋଘମୁଶ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ୬୪ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୫୨ ଦୋଘମୁଶ ଓ ୧୨ ଜଣ ହମାସ ଯୋଦ୍ଧା ସାମିଲ ରହିଛନ୍ତି। ହମାସର ବରିଷ୍ଠ ଅଧିକାରୀ ବାସେମ ନାଇମ୍ ଏହି ସଂଘର୍ଷରେ ମୃତ୍ୟୁବରଣ କରିଛନ୍ତି। ପାଲେଷ୍ଟାଇନ୍ ସମ୍ବାଦିକ ସାଲେହ ଅଲଜାଫ୍ରାଇ ମଧ୍ୟ ଗୁଳିର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଏଥିସହ ଗାଜା ଯୁଦ୍ଧରେ ଏପର୍ଯ୍ୟନ୍ତ ୨୭୦ ସାମ୍ବାଦିକ ପ୍ରାଣ ହରାଇଲେଣି। ସବ୍ରା ଅଞ୍ଚଳରେ ଥିବା ଦୋଘମୁଶ ଆଦିବାସୀଙ୍କ ଠିକଣା ଉପରେ ହମାସ ଆକ୍ରମଣ କରିବାର ଏହି ସଂଘର୍ଷର ସୂତ୍ରପାତ ହୋଇଥିଲା। ଅସ୍ତ୍ରବିରତି ଲାଗୁ ହେବାର ଫାଇଦା ଉଠାଇ ହମାସ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରିଥିଲା। ଯେଉଁ ମିଲିସିଆ ସଦସ୍ୟ ଓ ଅପରାଧୀ ଏହି ରକ୍ତପାତରେ ସାମିଲ ନାହାନ୍ତି ସେମାନେ ରବିବାର ସୁଦ୍ଧା ଆତ୍ମସର୍ମପଣ କରିବାକୁ ହମାସ ନିର୍ଦ୍ଦେଶ ଦେଇଛି।

## ପୁଲିସ ଏସ୍ଆଇ ଚାକିରି ବେପାର

# ବେନାମୀ ଆକାଉଣ୍ଟରେ କୋଟିକୋଟି ଟଙ୍କା କାରବାର

ଭୁବନେଶ୍ୱର,୧୩।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାର ତଦନ୍ତ ଯେତେ ଗହୀରକୁ ଯାଉଛି, ସେତେସେତେ ନୂଆ କେଳେଙ୍କାରୀ ଠାବ ହେଉଛି । ଏହି ସମଗ୍ର ଘଟଣାରେ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତିକୁ କାର୍ପଟଦାର କୁହାଯାଉଥିଲେ ହେଁ କିଛି ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଏହି ଘଟଣାରେ ଥିବା କ୍ରମଶଃ ସ୍ପଷ୍ଟ ହେଉଛି । ଶଙ୍କର ଓ ମୁନ୍ନା ମହାନ୍ତି ତାଙ୍କ ଆକାଉଣ୍ଟରୁ ଦୁଇଟି ବେନାମୀ ଆକାଉଣ୍ଟକୁ କୋଟି କୋଟି ଠଙ୍କା ପଠାଇଥିବାର ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଉଭୟ ଦେଶ ଛାଡ଼ି ଚାଲିଯିବା ଆଶଙ୍କାରେ ଉଭୟଙ୍କ ନାମରେ ଲୁକଆଉଟ୍ ସର୍କୁଲାର ଜାରି ସହ ବ୍ୟୁରୋ ଅଫ୍ ଇମିଗ୍ରେସନକୁ ଅବଗତ କରିଛି କ୍ରାଇମବ୍ରାଞ୍ଚ । ଏହା ସହ ଦୁଇ ଅଭିଯୁକ୍ତଙ୍କ ଫଟୋ ରେଲୱେ ଷ୍ଟେସନ, ଏୟାରପୋର୍ଟ ଓ ଅନ୍ୟ ସ୍ଥାନରେ ଲଗାଯିବା ସହ ଦୁହିଁଙ୍କ ସମ୍ପର୍କରେ ଖବର ମିଳିଲେ କ୍ରାଇମ୍‌ବ୍ରାଞ୍ଚ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

୨ଟି ବ୍ୟାଙ୍କ ଆକାଉଣ୍ଟକୁ ମୁନ୍ନା ଓ ଶଙ୍କର କୋଟି କୋଟି ଟଙ୍କା ପଠାଇଥିବା ସୂଚନା ମିଳିବା ପରେ କ୍ରାଇମବ୍ରାଞ୍ଚ ଏ ସଂକ୍ରାନ୍ତ ତଦନ୍ତକୁ ଜୋରଦାର କରିଛି । ଏହି ଦୁଇ ବେନାମୀ ଆକାଉଣ୍ଟ କାହାର ଓ କଣ ପାଇଁ

**■ ଟଙ୍କା ପଠାଇଛନ୍ତି ପଞ୍ଚସପ୍ତ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାଙ୍କ ସହଯୋଗୀ ମୁନ୍ନା**
**■ ଶଙ୍କର ଓ ସହଯୋଗୀ ମୁନ୍ନା ନାମରେ ଲୁକ୍ ଆଉଟ୍ ଜାରିକଲା କ୍ରାଇମବ୍ରାଞ୍ଚ**

ଏହି ଟଙ୍କ ପଠାଯାଇଛି ତାହାର ଖୋଳତାଡ଼ ଆରମ୍ଭ ହୋଇଛି । ଏଥିନିମନ୍ତେ ସଂପୃକ୍ତ ଆକାଉଣ୍ଟର ତଥ୍ୟ ଦେବା ପାଇଁ ବ୍ୟାଙ୍କକୁ ଚିଠି ଲେଖାଯାଇଛି । ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା । ପରୀକ୍ଷା ଫଳ ପ୍ରକାଶ ପରେ ଅବଶିଷ୍ଟ ଅର୍ଥ ପ୍ରଦାନ ପାଇଁ ସର୍ତ୍ତ ରହିଥିଲା । ୧୧୪ ଜଣ ଆଶାୟୀ ଧରା ପଡ଼ିଥିବାବେଳେ ପୂର୍ବରୁ ତାଲିମ ପାଇଁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଆଶାୟୀ ଧରାଛୁଆଁରୁ ବାହାରେ । ଏହିକ୍ରମରେ ପରୀକ୍ଷା ପୂର୍ବରୁ କେବଳ ଅଗ୍ରୀମ ବାବଦରେ ପ୍ରାୟ ୨୦ କୋଟିରୁ ୩୦ କୋଟି ଟଙ୍କା ଆଦାୟ କରାଯାଇଥିବା ଆଶଙ୍କା କରାଯାଉଛି । କିଛି ଅର୍ଥ ନଗଦ ସଂଗ୍ରହ ହୋଇଥିବାବେଳେ କିଛି ଅର୍ଥ ଅନଲାଇନ୍ ଓ ୟୁପିଆଇ ଯୋଗେ ଆଦାୟ ହୋଇଛି । ତେଣୁ ଏହାକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି ।

ଅନ୍ୟପକ୍ଷରେ ଚାକିରିକୁ ନେଇ ଅର୍ଥ କାରବାର ହୋଇଥିବାରୁ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବାକୁ କ୍ରାଇମବ୍ରାଞ୍ଚ ଇଡ଼ିକୁ ଚିଠି ଲେଖିବ ବୋଲି ସୂଚନା ମିଳିଛି । ଭବିଷ୍ୟତ ଓ ଚାକିରି ବାଜିରେ ଲାଗିବା ପରେ ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅନେକ ପ୍ରାର୍ଥୀ ଭୟରେ ପାଟି ଖୋଲୁ ନାହାନ୍ତି । ଦଲାଲ ମାଧ୍ୟମରେ ଦେଇଥିବା ଟଙ୍କା କେମିତି ଫେରି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି । ତେବେ ଏହି ଘଟଣାରେ ଏଯାବତ୍ କ୍ରାଇମବ୍ରାଞ୍ଚ ପରୀକ୍ଷା ପରିଚାଳନା ନେଇଥିବା ଠିକା ସଂସ୍ଥା ଆଇଟିଆଇ ଲିଃ ଓ ସିଲିକନ୍ ନିକଟରେ ପହଞ୍ଚି ପାରିନାହିଁ । ଆଇଟିଆଇ ଲିମିଟେଡ୍ କାହିଁକି ବାରମ୍ବାର ନିଜର ପାର୍ଟନରଜର ପରିବର୍ତ୍ତନ କରୁଥିଲା ଓ ଏଥିପାଇଁ କିଏ ଅନୁମତି ଦେଉଥିଲା ତାହା ମଧ୍ୟ ଖୋଳତାଡ଼ କରିନାହିଁ । ଏପରିକି ଓପିଆରବିର ଭୂମିକାକୁ ମଧ୍ୟ ନିଜର ତଦନ୍ତ ପରିସରକୁ ଆଣିପାରିନାହିଁ । ଏହି ପରୀକ୍ଷା କେଳେଙ୍କାରୀ ମାମଲାରେ ୫ ଲକ୍ଷରୁ ଊର୍ଦ୍ଧ୍ୱରୁ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି । କ୍ରାଇମବ୍ରାଞ୍ଚର ଏକ ଟିମ୍ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି ।

## ପଶ୍ଚିମବଙ୍ଗରେ ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

# ସମସ୍ତ ୫ ଅଭିଯୁକ୍ତ ଗିରଫ

କୋଲକାତା,୧୩।୧୦: ପଶ୍ଚିମ ବଙ୍ଗର ଦୁର୍ଗାପୁରରେ ଜଳେଶ୍ୱରର ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଗତକାଲି ତିନି ଜଣ ଧରାପଡ଼ିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏହି ଦୁଇ ଅଭିଯୁକ୍ତ ହେଲେ ସଦ୍ଦାମ ଏବଂ ସଫିକୁଲ । ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହାସହିତ ଏହି ଜଘନ୍ୟ କାଣ୍ଡରେ ଲିପ୍ତ ଥିବା ସମସ୍ତ ୫ ଜଣ ଅଭିଯୁକ୍ତ ଗିରଫ

**■ ଦୁର୍ଗାପୁର ଗଲେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା**
**■ ରିପୋର୍ଟ ମାଗିଲେ ଜାତୀୟ ମହିଳା କମିସନ**

ହୋଇଛନ୍ତି ବୋଲି ଦୁର୍ଗାପୁର ପୁଲିସ ପକ୍ଷରୁ କୁହାଯାଇଛି । ତେବେ ସନ୍ଦେହ ଘେରରେ ଥିବା ପୀଡ଼ିତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଏବେ ବି ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି । ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଡିଜି କହିଛନ୍ତି ।

ଇତିମଧ୍ୟରେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ଆଜି ଦୁର୍ଗାପୁର ଯାଇଛନ୍ତି । ସେ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ସହିତ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ତେବେ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ଲାଗି ତାଙ୍କୁ ହସପିଟାଲ ଯିବାକୁ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି । ଓଡ଼ିଶା ସରକାର ପଠାଇଥିବା ଏକ ପ୍ରତିନିଧି ଦଳ ମଧ୍ୟ ଦୁର୍ଗାପୁର ଯାଇଛନ୍ତି । କିନ୍ତୁ ସେମାନଙ୍କୁ ହସପିଟାଲ ଭିତରକୁ ଛାଡ଼ିବାକୁ ପୁଲିସ ମନା କରିଦେଇଛି । ପୀଡ଼ିତା ଛାତ୍ରୀଙ୍କର ଚିକିତ୍ସା ଚାଲିଥିବାରୁ ବାହାର ଲୋକଙ୍କୁ ଭେଟିବାଲାଗି ଅନୁମତି ଦିଆଯାଉ ନାହିଁ ବୋଲି ପୁଲିସ କହିଛି । ପୁଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଛାତ୍ରୀଙ୍କର ଡାକ୍ତରୀ ରିପୋର୍ଟ ଆସିଛି ଏବଂ ଦୁଷ୍କର୍ମର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ।

ଇତିମଧ୍ୟରେ ଛାତ୍ରୀଙ୍କ ପିତା କହିଛନ୍ତି ଯେ ତାଙ୍କ ଝିଅ ପଶ୍ଚିମ ବଙ୍ଗରେ ନିରାପଦ ନୁହେଁ । ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେବାପରେ ସେ ତାଙ୍କୁ ଘରକୁ ନେଇଯିବେ । ଆଜି ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି । ରାଜ୍ୟପାଳ ମଧ୍ୟ ଆଜି ଦୁର୍ଗାପୁର ହସପିଟାଲ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ମହିଳା କମିସନ ମଧ୍ୟ ଏହି ଘଟଣାରେ ପଶ୍ଚିମ ବଙ୍ଗ ପୁଲିସ ଡିଜିଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ଜଳେଶ୍ୱରର ଏହି ଏମବିବିଏସ୍ ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହିତ କଲେଜ କ୍ୟାମ୍ପସ ବାହରରକୁ ଯାଇଥିବା ବେଳେ ୫ ଜଣ ଦୁବୃତ୍ତ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ ।

# ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଭୂଆଁ ବୁଲାଉଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୧୩।୧୦(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି । ତେଣୁ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ରାଜ୍ୟ ବିଜେପି ସରକାରର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି ବୋଲି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ।

**■ ରତ୍ନଭଣ୍ଡାରକୁ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ**
**■ ସନ୍ଦେହ ଘେରରେ ମହାପ୍ରଭୁଙ୍କ ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା**

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତି ମଣତି ନେଇ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ରାଜ୍ୟ ବିଜେପି ବିଭିନ୍ନ ଅପପ୍ରଚାର କରିଥିଲା; ଇତିମଧ୍ୟରେ ୧୬ ମାସ ବିତିଥିଲେ ବି ବିଭିନ୍ନ ଆଳ ଦେଖାଇ ସରକାର ଆଜିଯାଏ ଗଣତି ମଣତି କରିପାରି ନାହାନ୍ତି । ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ, ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ । ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ । ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ; କିନ୍ତୁ ଏଯାଏଁ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତି ମଣତି ପାଇଁ



କୌଣସି କାର୍ଯ୍ୟ କରିନାହାନ୍ତି । ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଏବଂ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି, ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜୀଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି । ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି ।

# ଭୁଜାଲିରେ ହାଣିଲେ, ବନ୍ଧୁକ ଦେଖାଇ ଲୁଟିଲେ

କପ୍ତିପଦା,୧୩।୧୦(ସମିସ): ଘରେ ପଶି ଭୁଜାଲିରେ ହାଣିଲେ ଏବଂ ବେକରେ ବନ୍ଧୁକ ଲଗାଇ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ । ଗଲା ବେଳେ ବାହାରୁ ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇଦେଲେ । କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଗତକାଲି ସଂଧ୍ୟାରେ ଏଭଳି ଏକ ବଡ଼ ଧରଣର ଲୁଟ୍ ହୋଇଛି । ଲୁଟ୍‌ର ଶିକାର ହୋଇଛନ୍ତି ଗ୍ରାମର କାର୍ତ୍ତିକେଶ୍ୱର ସାହୁ । ଶ୍ରୀ ସାହୁ ଏ ସଂପର୍କରେ ଆଜି କପ୍ତିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି ।

ଗତକାଲି ସଂଧ୍ୟାରେ କାର୍ତ୍ତିକେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଥିବା ବେଳେ ହଠାତ୍ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରକୁ ପଶି ଆସିଥିଲେ । କେହି କିଛି ବୁଝିବା ପୂର୍ବରୁ ସେମାନେ ଟିଭି ଦେଖୁଥିବା କାର୍ତ୍ତିକେଶ୍ୱରଙ୍କ ହାତକୁ ଭୁଜାଲିରେ ହାଣିବା ସହ ବେକରେ ବନ୍ଧୁକ ଲଗାଇ ଦେଇଥିଲେ । ଆଉ ଦୁଇଜଣ ଦୁର୍ବୃତ୍ତ ରୋଷେଇ କରୁଥିବା କାର୍ତ୍ତିକେଶ୍ୱରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ । ପରେ ସେମାନେ ଆଲମିରା, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ ହଜାର ଟଙ୍କା ଓ ଅନ୍ନପୂର୍ଣ୍ଣା ପିନ୍ଧିଥିବା ସୁନାଚେନ୍ ମଧ୍ୟ ଲୁଟିନେଇ ପଳାଇଥିଲେ । ଲୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ଘର ଭିତରେ ସେମାନଙ୍କୁ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ ।

# ଓଡ଼ିଶା ଛାଡ଼ିଲା ମୌସୁମୀ

## ଆଣିଥିଲା ୧୬ଟି ଲଘୁଚାପ, ୫ ଅବପାତ

ଭୁବନେଶ୍ୱର,୧୩।୧୦(ସମିସ): ସାଧରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ । ଚଳିତ ବର୍ଷ ରାଜ୍ୟକୁ ସ୍ୱମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି । ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି । ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି । ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।

**ସଅଳ ଆସିଲା, ସ୍ୱାଭାବିକ ସମୟରେ ଫେରିଲା**

ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି । ୧୦ ବର୍ଷ ମଧ୍ୟରେ ୨୦୧୮ରେ ସବୁଠୁ ଆଗୁଆ ଅର୍ଥାତ ମୌସୁମୀ ୫ ଅକ୍ଟୋବରରେ ଓଡ଼ିଶା ଛାଡ଼ିଥିବା ବେଳେ ୨୦୨୦ରେ ସବୁଠୁ ବିଳମ୍ବ ଅର୍ଥାତ ୨୬ ଅକ୍ଟୋବରରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିଲା । ସାଧାରଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ୨-୩ ଦିନ ମଧ୍ୟରେ ସାରା ଓଡ଼ିଶାରୁ ଅପସାରଣ ହୋଇଯାଉଥିବାରୁ ଚଳିତ ବର୍ଷ ମଧ୍ୟ ୧୫ ସୁଦ୍ଧା ମୌସୁମୀ ସାରା ଓଡ଼ିଶାରୁ ବିଦାୟ ନେଇ ଯିବାର ସମ୍ଭାବନା ରହିଛି ।

ରାଜ୍ୟକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଅଗ୍ରସର ହୋଇଥାଏ । ହେଲେ ଚଳିତ ବର୍ଷ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ ମେ' ୨୬ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲା । ଏଥର ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ମଧ୍ୟରେ ୧୧୫୦.୯ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ରାଜ୍ୟରେ ସ୍ୱାଭାବିକ ବର୍ଷାକୁ ସୂଚାଉଛି । ମୌସୁମୀର ପ୍ରଭାବ ମଧ୍ୟରେ ବଙ୍ଗୋପସାଗର ଓଡ଼ିଶାକୁ ପ୍ରଭାବିତ କରିଥିବା ସ୍ଥଳଭାଗକୁ ମିଶାଇ ମୋଟ୍ ୧୬ ଟି ଲଘୁଚାପ ହୋଇଥିଲା । ଏଥି ମଧ୍ୟରୁ ୫ ଟି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ/ଗଭୀର ଅବପାତରେ ମଧ୍ୟ ପରିଣତ ହୋଇଥିଲା । ଏହାଦ୍ୱାରା ଚଳିତ ବର୍ଷ ରାଜ୍ୟର ଉତ୍ତର ଓଡ଼ିଶାରେ ପ୍ରାୟ ୬ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ମହାନଦୀରେ ମଧ୍ୟ ଦୁଇ ଥର ଛୋଟ ଧରଣର ବନ୍ୟା ଆସିଥିଲା ।

**■ ଜେଲ୍ ପାଚେରି ଡେଇଁ ୨ କଏଦୀ ଫେରାର୍ ଘଟଣା**

# ବଦଳିଲେ ଚୌଦ୍ୱାର ସର୍କଲ ଜେଲର୍

କଟକ, ୧୩।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ଜେଲର୍ ସନ୍ତୋଷିନୀ ଦାଶଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ କଣ୍ଟାବାଞ୍ଜି ଜେଲର୍ ତଥା ଅଧୀକ୍ଷକ ଥିବା ରଘୁରାଜ ମାଝୀଙ୍କୁ ଅବସ୍ଥାପିତ କରାଯାଇଛି । ଏ ସଂକ୍ରାନ୍ତରେ ଜେଲ୍ ଡିଜିଙ୍କ ପକ୍ଷରୁ ଆଜି ଏକ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି । ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ କଡ଼ା ପହରା ସତ୍ତ୍ୱେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର୍ ହୋଇଯାଇଥିଲେ । ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ଦୁଇ କୁଖ୍ୟାତ ଅପରାଧୀ ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ଗତ ୮ ମାସ ହେବ ଏହି ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ । କିନ୍ତୁ ଦଶହରା ରାତିରେ ସେମାନେ ସମସ୍ତଙ୍କୁ ଚକ୍‌ମା ଦେଇ ରାଜ୍ୟର ଏହି ସର୍ବବୃହତ୍ ଜେଲର ସୁଉଚ୍ଚ ପାଚେରୀ ଡେଇଁ ଫେରାର୍ ହୋଇଯାଇଥିଲେ । ଏହି ଘଟଣା ଜେଲ୍ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ସୁଦ୍ଧା ଆଉ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହି ଘଟଣାର ଦୀର୍ଘ ୧୧ ଦିନ ପରେ ଜେଲର୍‌ଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି ।

# ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବାଧକ ହେବନି ଜଙ୍ଗଲ ଜମି

ଭୁବନେଶ୍ୱର, ୧୩।୧୦ (ସମିସ): ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ସରିବା ଦରକାର । ଏଥିପାଇଁ ଏ ସମ୍ପର୍କିତ ସମସ୍ତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟ ରହିବା ଆବଶ୍ୟକ । ବିଭାଗଗୁଡ଼ିକ ନିଜନିଜ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟନ୍ୱୟନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଯେପରି ଜଙ୍ଗଲ ଜମି କିସମ ପରିବର୍ତ୍ତନ ବାଧକ ସାଜିବନି, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହାକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ରାଜ୍ୟ ସରକାର ସ୍ଥିତି ସମୀକ୍ଷା କରିଛନ୍ତି । ଏହି କ୍ରମରେ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗଡ଼ିକ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି । ଏହି ବିଭାଗଗୁଡ଼ିକର କ୍ୟାପିଟାଲ

**ତ୍ୱରିତ କିସମ ପରିବର୍ତ୍ତନ ପାଇଁ ବିଭାଗର ନିର୍ଦ୍ଦେଶ**

ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ-ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪-ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ ରହିଛି ।

ଅତିରିକ୍ତ ମୁଖ୍ୟ ସଚିବ ବୈଠକରେ ଅବଗତ କରାଇଛନ୍ତି ଯେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି । ଏଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସମସ୍ତ ପର୍ଯ୍ୟାୟରେ ନିୟମିତ ନିରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ୟୁଜର୍ ଏଜେନ୍ସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କ ନିକଟରେ ତ୍ୱରିତ ଭାବେ ଦାଖଲ କରିବେ, ଯାହାଦ୍ୱାରା ପ୍ରକ୍ରିୟା ସମୟ କମିବ ବୋଲି ବିଭାଗ ଆଶା ପ୍ରକଟ କରିଛି ।

# ୩ ଆଇଏଏସଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୩।୧୦(ସମିସ): ରାଜ୍ୟ ସରକାର ସୋମବାର ଆଇଏଏସ ସ୍ତରରେ ଛୋଟଧରଣର ଏକ ଅଦଳବଦଳ କରିଛନ୍ତି । ୩ଜଣ ଆଇଏଏସ୍‌ଙ୍କୁ ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ଆଇଏଏସ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାଜ୍ୟ କୃଷି ବିପଣନ, ନିର୍ଦ୍ଦେଶକ ଏବଂ ଓଏସଏଏମ୍ ବୋର୍ଡର ସଦସ୍ୟ ସଚିବ (ଏକ୍ସ-ଅଫିସିଓ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ଆଇଏଏସ ମୋନିକା ପ୍ରିୟଦର୍ଶିନୀଙ୍କୁ ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ କ୍ୟୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ନୂଆଦିଲ୍ଲୀରେ ମହାନଦୀ ସଂସଦ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଜଷ୍ଟିସ ଗୋପାଳ ଗୌଡ଼

ଭୁବନେଶ୍ୱର,୧୩।୧୦(ସମିସ): ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ । ଟ୍ରିବ୍ୟୁନାଲ ନୁହେଁ, ମଧ୍ୟସ୍ଥତା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳ ଗୌଡ କହିଛନ୍ତି ।




ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ମହାନଦୀ ସଂସଦରେ ଯୋଗଦେଇ ଜଷ୍ଟିସ ଗୌଡ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାର୍ଚ୍ଚ ୨୦୧୮ ରେ ପ୍ରତିଷ୍ଠିତ ମହାନଦୀ ଟ୍ରିବ୍ୟୁନାଲ ବିବାଦର ସମାଧାନ ଦିଗରେ ଏ ପର୍ଯ୍ୟନ୍ତ କିଛି ପ୍ରଗତି ହୋଇନି । କାବେରୀ ସହ ଅନ୍ୟାନ୍ୟ ନଦୀ ବିବାଦର ଉଦାହରଣ ଦେଇ ଜଷ୍ଟିସ୍ ଗୌଡା କହିଛନ୍ତି ଯେ ଜଳ ବିବାଦର ବିଚାର ବର୍ଷ ବର୍ଷ ଧରି ଚାଲିପାରେ । ମଧ୍ୟସ୍ଥତା ମାର୍ଗରେ ଗଲେ ଦ୍ରୁତ ସମାଧାନ ପ୍ରଦାନ ହୋଇ ପାରିବ ଏବଂ ଉଭୟ ପକ୍ଷଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ । ବର୍ତ୍ତମାନ ଓଡ଼ିଶା, ଛତିଶଗଡ ଓ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଅଛନ୍ତି । ତେଣୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନର ସମ୍ଭାବନା ଅଧିକ ହୋଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟସଭା ସାଂସଦ ଏବଂ ସଂସଦର ପିଟିସନ୍ କମିଟିର ଅଧ୍ୟକ୍ଷ ଏନ ଡି ଗୁପ୍ତା କହିଥିଲେ ଯେ ମହାନଦୀ ପ୍ରସଙ୍ଗକୁ ଏକ ଛୋଟ ଜଳ ବିବାଦ ଭାବରେ ବିଚାର କରାଯିବା ଅନୁଚିତ୍ । ଏହାର ପ୍ରଭାବ ବହୁତ ବ୍ୟାପକ ଏବଂ ଏହାର ସମାଧାନ ଆନ୍ତରାଜ୍ୟ ଜଳ ବିବାଦର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ।

ଜଳ ପୁରୁଷ ରାଜେନ୍ଦ୍ର ସିଂ କହିଛନ୍ତି ଯେ ମହାନଦୀ ଆମ ମା' ସଦୃଶ । ମା'କୁ ପଣ୍ୟ ବସ୍ତୁ ଭଳି ବିକ୍ରି କରିବାର ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ମହାନଦୀକୁ ମାତ୍ର ୩୦ / ୩୫ଟି କର୍ପୋରେଟ ପରିବାର ନିଜ ଲାଭ ପାଇଁ ବ୍ୟବହାର କରି ୫ କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲୁଛନ୍ତି ଓ ଭୟାନକ ପରିବେଶ ଅସନ୍ତୁଳନକୁ ଡାକି ଆଣୁଛନ୍ତି । ସରକାର କର୍ପୋରେଟ ପ୍ରୀତି ଛାଡି ଲୋକଙ୍କ ପ୍ରୀତି ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ମହାନଦୀ ବଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଥିଲେ ଯେ ସଂସଦ ଏହି ବିବାଦର ଶୀଘ୍ର ସମାଧାନ ପାଇଁ ବହୁମୁଖୀ ରଣନୀତି ଗ୍ରହଣ କରିବାକୁ ସଂକଳ୍ପ ନେଇଛି, ଯାହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ । ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏଥିରେ ଯୋଗ ଦେଇ ମହାନଦୀର ସୁରକ୍ଷା ପାଇଁ ଆନ୍ଦୋଳନକୁ ଦିଲ୍ଲୀ ରୁ ପଲ୍ଲୀ ପର୍ଯ୍ୟନ୍ତ ନେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ନଦୀ ଅଧିକାର କର୍ମୀ, ଆଇନଜୀବୀ, ରାଜନେତା, ଚିନ୍ତାନାୟକ, ପୂର୍ବତନ ପ୍ରଶାସନ ଏବଂ ନାଗରିକ ସମାଜ ପ୍ରତିନିଧିମାନେ ମାନେ ଆଜିର ବୈଠକରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ସମର୍ଥନ ଜଣାଇଥିଲେ ।

# ଘାସିରାମଙ୍କ ରଥରେ ସାରଥି ଭକ୍ତ

ଭୁବନେଶ୍ୱର,୧୩।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଯାଇଛି । କଂଗ୍ରେସକୁ ଛାଡ଼ି ଦେଲେ ଏହି ଆସନ ପାଇଁ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ଏ ଯାଏଁ ପ୍ରାର୍ଥୀ ଘୋଷଣା କରି ନାହାନ୍ତି । ଏଦୃଷ୍ଟିରୁ ଆଗରେ ଥିବା ସତ୍ତ୍ୱେ କଂଗ୍ରେସ ବେଶ୍ ଚିନ୍ତିତ ରହିଛି । ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କର ପୋଷ୍ୟପୁତ୍ର ଜୟଙ୍କୁ ବିଜେପି ଅତି ଚତୁରତାର ସହ ନିଜ ଶିବିରକୁ ଭିଡ଼ି ନେଇଛି । ଜୟ ବିଜେପିରେ ସାମିଲ ହେବା ପରେ କଂଗ୍ରେସ ନେତାମାନେ ବିଜେପିକୁ ଭୋଟ ଚୋର, ଚାକିରି ଚୋର ସହ ପ୍ରାର୍ଥୀ ଚୋର ବୋଲି ଅଭିହିତ କରିଛି ।

ଅପରପକ୍ଷରେ ଜୟଙ୍କୁ ଦଳରେ ସାମିଲ କରାଇବା ପରେ ସତ୍ତ୍ୱେ ବିଜେପିର ଚିନ୍ତା ଦୂର ହୋଇ ନାହିଁ । ଗତ ନିର୍ବାଚନରେ ସବୁ ଉଦ୍ୟମ ସତ୍ତ୍ୱେ ବିଜେପି ପ୍ରାର୍ଥୀ ନୂଆପଡ଼ାରେ ୩ ନମ୍ବର ସ୍ଥାନରେ ଥିଲେ । ବିଜେପି ଏବେ ସରକାରରେ ରହିଛି । ସରକାର ଗଠନ ପରେ ବିଜେପି ପାଇଁ ଏହା ପ୍ରଥମ ଉପନିର୍ବାଚନ । ସେ ଦୃଷ୍ଟିରୁ ଦଳ ଓ ସରକାରଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ । ସମ୍ପ୍ରତି ଦେଶ ଓ ରାଜ୍ୟରେ ସାଧାରଣରେ ବିଜେପି ପ୍ରତି ଏକ ପ୍ରତିକୂଳ ମନୋଭାବ ସୃଷ୍ଟି ହୋଇଥିବା ଯୋଗୁଁ କୌଣସି ପ୍ରକାରେ ନୂଆପଡ଼ାରେ ବିଜୟୀ ହେବାକୁ ଦଳ ଉଦ୍ୟମ

**■ ଚାରିଦିନିଆ ଗସ୍ତ ପରେ ଭକ୍ତ ପୁଣି ନୂଆପଡ଼ାରେ**
**■ ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ଡେରା**

କରୁଛି । ତେଣୁ ବିଭିନ୍ନ ଦଳରୁ ନେତା ଆମଦାନୀ କରି ନିଜର ସମ୍ମାନ ରଖିବାକୁ ଚେଷ୍ଟା ଚଳାଇଛି ।

ଏହି ଆଧାରରେ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ୫୦ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ବିଜେପି ନିଜ ଦଳରେ ସାମିଲ କରାଇବା ପାଇଁ ଅନେକ ପ୍ରଲୋଭନ ଦେଖାଇଥିବା କଂଗ୍ରେସ ଅଭିଯୋଗ କରିଛି । ଘାସିରାମ ମଧ୍ୟ କୌଣସି ପରିସ୍ଥିତିରେ ଲୋଭର ବଶବର୍ତ୍ତୀ ହୋଇ ବିଜେପିରେ ମିଶିବେ ନାହିଁ ବୋଲି ଦୃଢ଼ୋକ୍ତି ବାଢ଼ିଥିଲେ ମଧ୍ୟ ପିସିସି ସଭାପତି କୌଣସି ରିସ୍କ ନେବାକୁ ଚାହୁଁ ନାହାନ୍ତି । ତେଣୁ ନିକଟରେ ଭକ୍ତ ୪ ଦିନିଆ ନୂଆପଡ଼ା ଗସ୍ତରୁ ଫେରିଥିଲେ ମଧ୍ୟ ସେ ପୁଣି ଥରେ ନୂଆପଡ଼ା ଗସ୍ତରେ ଯାଇଛନ୍ତି । ସମ୍ଭବତଃ ଭକ୍ତ ଘାସିରାମଙ୍କ ପ୍ରାର୍ଥୀପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ରହିବେ ବୋଲି ସୂଚନା ମିଳିଛି ।

ଅନ୍ୟପଟେ ଘାସିରାମଙ୍କୁ ନିଜ ପକ୍ଷକୁ ନେବାକୁ ଶାସକ ବିଜେପି ଉଦ୍ୟମ ଚଳାଇଥିବା ଦଳର ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଘାସିରାମ ମାଝୀ ଜଣେ ସ୍ୱାଭିମାନୀ କଂଗ୍ରେସ ନେତା । ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବେ ଓ ବିଜୟୀ ହେବେ । ଶାସକ ଦଳ ତାଙ୍କୁ ପ୍ରଲୋଭନ ଦେଖାଇଲେ ମଧ୍ୟ ସେ ପ୍ରଭାବିତ ହେବେ ନାହିଁ । କଂଗ୍ରେସ ଦଳ ଏହି ଆସନରେ ସବୁଠୁ ଆଗରେ ରହିଛି । ତେଣୁ ଘାସିରାମଙ୍କ ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି ।

ସକାଳ THE SAKALA



# କଣାସ ବ୍ଲକ୍‌ରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

## ଅଠରବାଟିଆରେ ୩ ପିଲାଙ୍କୁ ୨ ଶିକ୍ଷକ, ହଳଦୀପଦରରେ ୬ ଶ୍ରେଣୀକୁ ଜଣେ ଶିକ୍ଷକ

**କଣାସ,୧୩।୧୦(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ କିପରି କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଅଧିକ ସଂଖ୍ୟାରେ ଆସିବା ପାଇଁ ମାଗଣାରେ ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର, ଖେଳ ଉପକରଣ, ଜୋତାମୋଜା ପ୍ରଦାନ କରୁଛନ୍ତି। କିନ୍ତୁ ଶିକ୍ଷାଦାନ ପାଇଁ ଶିକ୍ଷକ ନ ଥିବାରୁ ଅଭିଭାବକମାନେ ସରକାରୀ ବିଦ୍ୟାଳୟରେ ମାଗଣ ପାଠପଢ଼ିବା



ଛାଡ଼ି ନିଜର ପିଲାମାନଙ୍କୁ ଭଲ ପାଠ ପଢ଼ାଇବା ପାଇଁ ବେସରକାରୀ ବିଦ୍ୟାଳୟରେ ହଜାର ହଜାର ଟଙ୍କା ଦେଇ ପାଠପଢ଼ାଉଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ। ପ୍ରତ୍ୟେକ ବର୍ଷ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା କମିକମି ଯାଉଥିବାବେଳେ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବସିବାକୁ ଜାଗା ମିଳୁନାହିଁ। କଣାସ ବ୍ଲକ୍‌ର ଅଠରବାଟିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ପିଲା ପାଠ ପଢୁଥିବାବେଳେ ୨ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ସେହିପରି ହଳଦିପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏବଂ ଶିଶୁବାଟିକା ୬ଟି ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ ନିଯୁକ୍ତି ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ କଣାସ ବ୍ଲକ୍‌ରେ ୭୩ଟି ଶିକ୍ଷକ ପଦ ଖାଲିପଡ଼ିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ବ୍ଲକ୍ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଅଠରବାଟିଆ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ସେଥିରେ ୧୦ଜଣ ପିଲା ଦୁଇଟି ଗ୍ରାମର ନାମ ଲେଖାଇଛନ୍ତି। ଗୋଟିଏ ଗ୍ରାମ ବିବାଦ ପାଇଁ ସେହି ଗ୍ରାମବାସୀମାନେ ୬ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଛାଡୁ ନ ଥିବାରୁ ବିଦ୍ୟାଳୟରେ ୩ଟି ପିଲା ଉପସ୍ଥିତ ଅଛନ୍ତି। ସେହିପରି କଣାସ ବ୍ଲକ୍‌ରେ ୭୩ଟି ଶିକ୍ଷକ ପଦ ଖାଲି ଥିବାରୁ କେତେକ ବିଦ୍ୟାଳୟରେ ଜଣେ, ଦୁଇ ଜଣ, ତିନି ଜଣ ଶିକ୍ଷକ ପାଠପଢ଼ାଉଛନ୍ତି। ଶିକ୍ଷକ ପଦ ଶୀଘ୍ର ପୂରଣ ହେଲେ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିବନାହିଁ।

● ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଲୋକ ଦେଖାଣିଆ।

# ପ୍ରଚାରପ୍ରସାର ଅଭାବରୁ ଜନଅସନ୍ତୋଷ



**କଣାସ,୧୩।୧୦(ସମିସ):** ସୋମବାର କଣାସ ପଞ୍ଚାୟତ ସମିତି ସଭାଗୃହରେ କଣାସ ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଚାରପ୍ରସାର ଅଭାବରୁ କଣାସ ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରଜସ୍ୱ ଗ୍ରାମ ୧୦୮ଟି ପଡ଼ା ଗ୍ରାମରୁ ମାତ୍ର ୩୯ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ଜନସାଧାରଣ ଆଜିର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ଜାଣି ନ ପାରିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବାରୁ ଯେଉଁ ୩୯ଜଣ ଅଭିଯୋଗ ଦାଖଲ କରିଥିଲେ ସେମାନଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଗ୍ରିଭାନ୍ସ ନୋଡାଲ ଅଫିସର ପଞ୍ଚାନନ ପରିଡ଼ା, ବ୍ଲକ୍ ଅଧକ୍ଷା ପ୍ରଭାତୀ ରାଉତ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଅନ୍ତ୍ୟୋଦୟ, ରାସନ କାର୍ଡ, ଗ୍ରାମ୍ୟ ଉନ୍ନୟନ ରାସ୍ତା, ପାଇପ୍ ଜଳଯୋଗାଣ ପାଇଁ ରାସ୍ତା ଖୋଳାଯାଇ ମରାମତି ହୋଇ ନ ଥିବା, ଭତ୍ତା, ୪ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ଦାଖଲ ହୋଇଥିଲା। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଡାକବାଜି ଯନ୍ତ୍ର ଯୋଗେ ଆମେ ୩ଦିନ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ ପାଇଁ ପ୍ରଚାର କରିଥିଲୁ। କିନ୍ତୁ ଜନସାଧାରଣ ଦିନେ ହେଲେ ମାଇକ୍ ଯୋଗେ ପ୍ରଚାର କରାଯାଇ ନ ଥିବା ଅଭିଯୋଗ କରିଥିଲେ।

# ଅସ୍ତରଙ୍ଗରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



**ଅସ୍ତରଙ୍ଗ,୧୩।୧୦(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଗତ ୬ ତାରିଖରେ ମହାଆଡ଼ମ୍ବରରେ ପାଳିତ ହୋଇଥିଲା। ମା' ଲକ୍ଷ୍ମୀ ପୂଜା ମଣ୍ଡପରେ ୭ଦିନ ଧରି ଭକ୍ତମାନଙ୍କୁ ଦର୍ଶନ ଦେବା ପରେ ୧୨ ତାରିଖରେ ବିଦାୟ ନେଇଛନ୍ତି। ପ୍ରଶାସନିକ ନିୟମ ଅନୁସାରେ ଭସାଣି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟା ୬ରୁ ପାରମ୍ପରିକ ବାଦ୍ୟ ଯନ୍ତ୍ର ସହିତ କ୍ଲବ୍ ସଦସ୍ୟଙ୍କ ଉପସ୍ଥିତି ପୂରା ମାହୋଲକୁ ସରଗରମ କରି ରଖିଥିଲା। ଯେହେତୁ କ୍ଲବ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କିଛିଦିନ ଘୁଞ୍ଚାଯାଇ ୧୭ ତାରିଖରୁ ହେବାକୁ ଥିବାରୁ ୭ ଦିନ ଆଗରୁ ଭସାଣି କାର୍ଯ୍ୟକ୍ରମ କରାଯାଇଥିଲା।

# ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



**ବଳଙ୍ଗା,୧୩।୧୦(ସମିସ):** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ସଦେରିଆ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗୁଣିଗାରେଡ଼ି ସନ୍ଦେହରେ ସୋମବାର ଜଣେ ଯୁବକଙ୍କ ମୁଣ୍ଡକୁ ଶାବଳରେ ଆକ୍ରମଣ ହୋଇଛି। ଆହତ ଜଣକ ହେଲେ ସଦେରିଆ ଗ୍ରାମର ଦିଲ୍ଲୀପ ବରାଳ(୩୭)। ଗୁଣିଗାରେଡ଼ିକୁ ସନ୍ଦେହ କରି ଆକ୍ରମଣକାରୀ ମନୋଜ ବେହେରା(୩୮) ଦିଲ୍ଲୀପଙ୍କୁ ଅନେକ ସମୟରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସଦେରିଆ ଗ୍ରାମର ପ୍ରମୋଦ ବରାଳଙ୍କ ଅଭିଯୋଗ ଅନୁସାରେ ସୋମବାର ପୂର୍ବାହ୍ନ ୯ଟାରେ ତାଙ୍କ ପୁଅ ଦିଲ୍ଲୀପ ଗାଁ ଛକରେ ଥିବା ଏକ ଦୋକାନରେ ବସିଥିଲେ। ଏହି ସମୟରେ ସେହି ଗ୍ରାମର ମନୋଜ ବେହେରା(୩୮) ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ଶାବଳରେ ଦିଲ୍ଲୀପଙ୍କ ପଛପଟୁ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦିଲ୍ଲୀପଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ଆକ୍ରମଣକାରୀ ମନୋଜଙ୍କ ପତ୍ନୀଙ୍କୁ ଦିଲ୍ଲୀପ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ମନୋଜ ଏହିଭଳି ଆକ୍ରମଣ କରିଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

● ନିମାପଡ଼ା ଗଡ଼ଅଣ୍ଡିଆ ଗ୍ରାମରେ ଗଜଲକ୍ଷ୍ମୀ ପୂଜା

# ନାଟକ ପ୍ରତିଯୋଗିତାରେ ବାଙ୍କୁଆଳ ଚାମ୍ପିଅନ



**ନିମାପଡ଼ା,୧୩।୧୦(ସମିସ):** ନିମାପଡ଼ା ଗଡ଼ଅଣ୍ଡିଆ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ୫ଦିନବ୍ୟାପୀ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗଦେଇ ଗଡ଼ଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ଗଜଲକ୍ଷ୍ମୀଙ୍କ ପୂଜା ଏବଂ ଏହି ନାଟକ ପ୍ରତିଯୋଗିତା ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସଂଗୀତକାର ନବୀନ କିଶୋର ପଟ୍ଟନାୟକ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଗଡ଼ଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ସଭାପତି କିରଣ ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣେନ୍ଦୁ ଜେନା, ଅରବିନ୍ଦ କ୍ଲବ୍‌ର ସଭାପତି ନିର୍ମଳ ପରିଜା, ସମ୍ପାଦକ ସୌମ୍ୟ ରଞ୍ଜନ ଦାସ, ପୂଜା କମିଟିର ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର, ନାଟକ ପ୍ରତିଯୋଗିତାର ବିଚାରକ ହେମନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମା'ଗୌରୀ କ୍ଲବ୍ ବାଙ୍କୁଆଳ ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ନାଟକ 'କାନ୍ଦେନା ଲୁହ ସରିଯିବ' ଚଳିତ ବର୍ଷ ଚାମ୍ପିଅନ ହୋଇ ବାଜିମାରି ନେଇଥିବାବେଳେ ଭୁବନେଶ୍ୱର ସାମନ୍ତରାପୁର ଆମ ନାଟକ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ମୁଁ ଅନାଥ ତୁ ଜଗନ୍ନାଥ' ରନର୍ସ ଅପ୍ ହୋଇଛି। ମା'ଗୌରୀ କ୍ଲବ୍‌କୁ ଚାମ୍ପିଅନ୍ସ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ଏବଂ ଆମ ନାଟକ ଅନୁଷ୍ଠାନକୁ ରନର୍ସ ଅପ୍ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ହିରୋ, ଭିଲିୟାନ, ହିରୋଇନ, କମେଡ଼ିଆନ ଆଦି ଚରିତ୍ରରେ ଅଭିନୟ କରିଥିବା କଳାକାର, ସ୍ଥାନୀୟ ଅଞ୍ଚଳର ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଡ଼ଅଣ୍ଡିଆ ଗ୍ରାମର ସମସ୍ତ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

● ଗାଁ ମଝିରେ ଖୋଳା ହୋଇ ପଡ଼ିଛି ରାସ୍ତା; ଗ୍ରାମବାସୀ ଅସନ୍ତୁଷ୍ଟ

# ୩ ବର୍ଷ ହେଲା ମରାମତି ହେଉନି



**କଣାସ,୧୩।୧୦(ସମିସ):** କଣାସ ବ୍ଲକ୍‌ରେ ୨୮ଟି ଗ୍ରାମପଞ୍ଚାୟତକୁ ମେଗା ପ୍ରକଳ୍ପରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ପ୍ରତ୍ୟେକ ଗ୍ରା ମର ମଝି ରାସ୍ତାକୁ ଖନନ କରାଯାଇ ପାଇପ୍ ପକାଯାଇଥିବା ବେଳେ ରାସ୍ତା ମରାମତି ହୋଇ ନ ଥିବାରୁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ବାରମ୍ବାର ଗ୍ରାମରେ ଦୁର୍ଘଟଣାମାନ ଘଟୁଛି। ସାହାସପୁର ଗ୍ରାମ୍ୟ ରାସ୍ତା ମଝିରେ ପାଇପ୍ ପଡ଼ିବା ପାଇଁ କଂକ୍ରିଟ୍ ରାସ୍ତା ଖନନ କରାଯାଇ କେତେକାଂଶରେ ପାଇପ୍ ପକାଯାଇଥିଲେ ମଧ୍ୟ ଆଉ କେତେକାଂଶରେ ପାଇପ୍ ପଡ଼ିନାହିଁ। ୩ ବର୍ଷ ହେଲା ରାସ୍ତା ଖୋଳା ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ରାସ୍ତା ମରାମତି କରିବା ପାଇଁ ପାନୀୟଜଳ ଯୋଗାଣ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ରାସ୍ତା ମରାମତି ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ଏବଂ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି।

# ସାଧନ କେନ୍ଦ୍ରସ୍ତରୀୟ ଶିଶୁ ଉତ୍ସବ 'ସୁରଭି'




**କଣାସ,୧୩।୧୦(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସାଧନ କେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟସ୍ତରୀୟ ଶିଶୁ ଉତ୍ସବ 'ସୁରଭି' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅନ୍ତର୍ଗତ ଗଡ଼ସାନପୁଟ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ 'ସୁରଭି' କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅନ୍ତର୍ଗତ ୧୧ଟି ବିଦ୍ୟାଳୟର ୧୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଣାସ ବ୍ଲକ୍ ସହ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ ବେହେରା ଏହି ଉତ୍ସବରେ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଭାମାନଙ୍କର ଉନ୍ମୋଚନ ପାଇଁ ଶିଶୁ ଉତ୍ସବ 'ସୁରଭି' ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭିକସ୍ତର କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଭାମାନେ ବ୍ଲକ୍‌ସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବାରଦା ବାଦଲପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତିଭୂଷଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଗଡ଼ସାନପୁଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରସିଂହ ଗୁମାନସିଂହ ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପ୍ରଶଂସା କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ



**ଡେଲାଙ୍ଗ,୧୩।୧୦(ସମିସ):** ଡେଲାଙ୍ଗ ବ୍ଲକ୍ ଅଧୀନ ମାଛପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ସୁରଭି ମହୋତ୍ସବ ଗୁଆଳିପଡ଼ାସ୍ଥିତ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରସାଦିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ସହ ଶିକ୍ଷାଧିକାରିଣୀ ସଂଯୁକ୍ତା ମିଶ୍ର, ସାଧନକେନ୍ଦ୍ର ସଂଯୋଜକ ଜଗନ୍ନାଥ ପରିଡ଼ା, ପବିତ୍ର ପଣ୍ଡା, ବେରବୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାମିନିପ୍ରଭା ବେହେରା, ଶିକ୍ଷୟିତ୍ରୀ ମମତା ମଞ୍ଜରୀ ପ୍ରଧାନ, ପ୍ରତିମା ପ୍ରଧାନ, ଗୀତାରାଣୀ ସେଠୀ, ଶିକ୍ଷକ ଶରତ କୁଅଁର ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ତର୍କ, ହସ୍ତାକ୍ଷର, ହସ୍ତକଳା, ସଙ୍ଗୀତ, ପ୍ରଧାନମନ୍ତ୍ରୀ ପୋଷଣ କଳା ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ, ଶିକ୍ଷକ ସତ୍ୟକାମ ମହାପାତ୍ର, ଲକ୍ଷ୍ମୀନାରାୟଣ ଜେନା, ମନୋରଞ୍ଜନ ଜେନା, ଜାମିନିକାନ୍ତ ନାୟକ ପ୍ରମୁଖ ବିଚାରକମଣ୍ଡଳୀ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଶିଷପତ୍ର ପ୍ରଦାନ କରାଯାଇଥିବା ବେଳେ ବ୍ଲକ୍‌ସ୍ତରକୁ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରାଯାଇଥିଲା। ଶିକ୍ଷକ ଦିଲ୍ଲୀପ ନାୟକ ମଞ୍ଚ ପରିଚାଳନା କରିଥିଲେ।

### ବଉଲାଙ୍ଗ ପଞ୍ଚାୟତରେ ଜଳୁନି ଷ୍ଟ୍ରିଟ୍‌ଲାଇଟ୍

# ମରାମତି ନାଁରେ ଲକ୍ଷାଧିକ ଟଙ୍କା ଚଳୁ



**ନୟାହାଟ,୧୩।୧୦(ସମିସ):** ଗାଁ ଗହଳିରେ ବିଦ୍ୟୁତ୍ ଖୁଣ୍ଟମାନଙ୍କରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା ପାଇଁ ପଞ୍ଚାୟତମାନଙ୍କୁ ସରକାରୀ ନିର୍ଦ୍ଦେଶ ଥିଲାବେଳେ ନୟାହାଟ ଅଞ୍ଚଳରେ ଏଭଳି ଏକ ପଞ୍ଚାୟତ ଅଛି ଯେଉଁଠି ଷ୍ଟ୍ରିଟ୍‌ଲାଇଟ୍ ନ ଲାଗି ଲକ୍ଷ ଲକ୍ଷ ଟଙ୍କା ଚଳୁ ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହେଇଛି। ଅନ୍ୟ କିଛି ସ୍ଥାନରେ ହାତଗଣତି କେତୋଟି ଲାଇଟ୍ ଲାଗିଥିବାବେଳେ ସେଗୁଡ଼ିକ ଜଳୁନାହିଁ। କେବଳ ତାହାର ମରାମତି ନାଁରେ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁରଙ୍କ ସମୟରେ ୧୮ ୯ଟି ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଥିଲା। ବର୍ତ୍ତମାନ ସରପଞ୍ଚଙ୍କ ସମୟରେ କୋରୁଆଳ, ପାଞ୍ଚେଣା, କରମେଙ୍ଗା, ପୋଦନା, ମଠାସାହି, ଡିମୋପଡ଼ା, ପଲି, ସିଠୁରା, ବଣହରା, ସୁଆର ପ୍ରମୁଖ ଗ୍ରାମରେ ଆବଶ୍ୟକ ଲାଇଟ୍ ନ ଥିବାବେଳେ କେଉଁଠି ଗୋଟେ ଦୁଇଟା ଅଛି। ସେସବୁ ମଧ୍ୟ ଜଳୁ ନାହିଁ। ତେବେ ଅଚଳ ହେଇଥିବା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକୁ ମରାମତି ନାମରେ ଲକ୍ଷାଧିକ ଟଙ୍କା ଚଳୁ ହେବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଗହଳିରେ ବିଦ୍ୟୁତ୍ ଖୁଣ୍ଟ ଫାଙ୍କା ପଡ଼ିଥିବାବେଳେ ସେଥିରେ ଲାଇଟ୍ ମଧ୍ୟ ଲାଗି ନାହିଁ। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କୋରୁଆଳ, ପାଞ୍ଚେଣା ଓ ସୁଆର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ମୋବାଇଲ୍ ଲୁଟେରା ଗିରଫ

**ନିମାପଡ଼ା,୧୩।୧୦(ସମିସ):** ରବିବାର ଜଣେ ମହିଳାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଫୋନ୍ ନମ୍ବରକୁ ଟ୍ରାକିଂ କରି ମୋବାଇଲ୍ ଲୁଟେରାକୁ ଧରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜଣେ ମହିଳା ଘରକୁ ଯିବା ପାଇଁ ନିମାପଡ଼ା ଡେଲ୍‌ଟା ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ ଉକ୍ତ ଥାନା ଅନ୍ତର୍ଗତ ଅରିଷଣ୍ଡ ଗ୍ରାମର ରାଜେଶ ନାୟକ ନାମକ ଜଣେ ଯୁବକ ମହିଳା ଜଣକ ଯାଉଥିବା ଗ୍ରାମକୁ ମୁଁ ଯାଉଛି କହି ବାଇକ୍‌ରେ ବସାଇନେଇ କିଛିବାଟ ଗଲାରେ ମହିଳାଙ୍କୁ ତାଙ୍କ ଫୋନ୍ ମାଗିଥିଲେ। ଟିକେ କଥା ହୋଇ ଦେଉଛି ବୋଲି କହି ଫୋନ୍‌ଟି ନେଇ ଦ୍ରୁତଗତିରେ ସେଠାରୁ ପଳାଇଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ଫୋନ୍ ନମ୍ବରକୁ ଟ୍ରାକିଂ କରି ଉକ୍ତ ଯୁବକକୁ ଗିରଫ କରି କୋର୍ଟଚାଲଣ କରିଛି।

# 'ରାଷ୍ଟ୍ରୀୟ ସମୂହ ଗାନ' ଓ 'ଭାରତ କୋ ଜାନୋ' ପ୍ରତିଯୋଗିତା



**ସାକ୍ଷୀଗୋପାଳ,୧୩।୧୦(ସମିସ):** ସାକ୍ଷୀଗୋପାଳସ୍ଥିତ ଏକ ମଣ୍ଡପରେ ଭାରତ ବିକାଶ ପରିଷଦ ତରଫରୁ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବ ଜାଗ୍ରତ କରାଇବା ଓ ନୈତିକ ମୂଲ୍ୟବୋଧର ବିକାଶ କରାଇବା ପାଇଁ 'ରାଷ୍ଟ୍ରୀୟ ସମୂହ ଗାନ' ଓ 'ଭାରତ କୋ ଜାନୋ' କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍‌ର ୨୫ଟି ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଯୋଗଦେଇଥିଲେ। ଉଦ୍‌ଘାଟନ ପର୍ବରେ ଉପସ୍ଥିତ ଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ବୃନ୍ଦାବନ ଚନ୍ଦ୍ର ରଥ, ବିଭିପି ରାଜ୍ୟ ସଭାପତି ସତ୍ୟବାଦୀ ଦାସ, ଶାଖା ସଭପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚିବ ବିଜୟ କୁମାର ପରିଡ଼ା, ପର୍ଯ୍ୟବେକ୍ଷକ ବିଜୟା ନନ୍ଦିନୀ ଦୁବେ, ଜୟଶ୍ରୀ ମହାପାତ୍ର, ବଦ୍ରିନାରାୟଣ ଖୁଣ୍ଟିଆ, ବିଶ୍ୱଜିତ୍ ଶତପଥୀ, ଚକ୍ରଧର ମହାପାତ୍ର ଓ ବିଶାଖା ଦେବୀ। 'ରାଷ୍ଟ୍ରୀୟ ସମୂହ ଗାନ' ପ୍ରତିଯୋଗିତାରେ ଉପସ୍ଥିତ ୧୩ ବିଦ୍ୟାଳୟ ମଧ୍ୟରୁ ହିନ୍ଦୀ, ସଂସ୍କୃତ, ଓଡ଼ିଆ ତିନିଟି ବିଭାଗରେ ପ୍ରଥମ ହୋଇ ଚାମ୍ପିଅନ ହୋଇଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ। ହିନ୍ଦୀରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ପାରକେଣା ଦ୍ୱିତୀୟ, ତୃତୀୟାଦେବ ଉଚ୍ଚ ବିଦ୍ୟାଳୟ, ଶୁକଳ ତୃତୀୟ ହୋଇଛନ୍ତି। ସଂସ୍କୃତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପ୍ରଥମ, ତୃତୀୟ ଦେବ ଉଚ୍ଚ ବିଦ୍ୟାଳୟ, ଶୁକଳ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପାରକେଣା ତୃତୀୟ ହୋଇଛନ୍ତି। ଓଡ଼ିଆ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ପାରକେଣା ଦ୍ୱିତୀୟ, ଶ୍ରୀରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟ ତୃତୀୟ ହୋଇଛନ୍ତି। ଏହି ସମୂହଗାନ କାର୍ଯ୍ୟକ୍ରମକୁ ନିହାର ରଞ୍ଜନ ସ୍ୱାଇଁ ସଞ୍ଚାଳନା କରିଥିବାବେଳେ ବିଚାରକମାନେ ଥିଲେ ଦୁର୍ଗା ପ୍ରସାଦ ମିଶ୍ର, ଦିଗମ୍ବର ରଥ ଓ ମନୋଜ କୁମାର ମାଟି। ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ସୁନିଲ ବେହେରା ଓ ପ୍ରଜ୍ଞା ପାରମିତା ସ୍ୱାଇଁ। ସେହିପରି 'ଭରତ କୋ ଜାନୋ' କୁଇଜ୍ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ୧୫ଟି ଦଳ ଓ ବରିଷ୍ଠ ବର୍ଗରେ ୧୯ଟି ଦଳ ଅଂଶଗ୍ରହଣ କରିଥିଲେ। ଜୁନିଅର କୁଇଜ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପରଜାପଡ଼ା ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳ ତୃତୀୟ ସ୍ଥାନ ଅଧିକାର କରିଛି। ସିନିୟର୍ କୁଇଜ୍‌ରେ ପାରକେଣା ଉଚ୍ଚ ବିଦ୍ୟାଳୟ, ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ ଦ୍ୱିତୀୟ ଓ ଗୋପୀନାଥଦେବ ବିଦ୍ୟାପୀଠ, ବିଶ୍ୱନାଥପୁର ତୃତୀୟ ହୋଇଛି। ପୁରସ୍କାର ବିତରଣ ଉତ୍ସବ ଅବସରରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ କମିଶନର ନିଧି କୁମାର ରାଉତରାୟ, ଅବସରପ୍ରାପ୍ତ ଏସ୍‌ପି ଭବାନୀ ପଟ୍ଟନାୟକ ଓ ଲୋକ ଅଦାଲତ, ଚେୟାରମ୍ୟାନ୍ ଶ୍ରୀକାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପର୍କ ଆବାହକ ନବଘନ ଶତପଥୀ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଦେବରାଜ ନାୟକ, ଦିବାକର ମହାପାତ୍ର, ବ୍ରହ୍ମା ମହାରଣା, ରିତା ତ୍ରିପାଠୀ, ସରୋଜିନୀ ସ୍ୱାଇଁ, ଲିଙ୍ଗରାଜ ସାହୁ, ଅମିୟ ରଞ୍ଜନ ସ୍ୱାଇଁ, ପ୍ରଦ୍ୟୁମ୍ନ କର, ମନୋରଞ୍ଜନ ଦଳାଇ, ସଂଗ୍ରାମ ମହାପାତ୍ର, ବିଷ୍ଣୁପ୍ରିୟା ବିଶ୍ୱାଳ, ବସନ୍ତ ମିଶ୍ର, ସୁଧାକର ମହାପାତ୍ର, ଦେବାଶିଷ ମିଶ୍ର ପ୍ରମୁଖ।

ଏକତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାଗୋ, ଡାନ୍ଦୋଳ, କେନ୍ଦ୍ରାପଡ଼ା
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ : ବଡ଼ସଲାଗୋ 'ପରିଡ଼ା', ଡାନ୍ଦୋଳ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୂର୍ଣ୍ଣଚନ୍ଦ୍ରା ସାହିତ୍ୟ ସଂସଦର ସଦସ୍ୟଗଣ

# ଶ୍ରୀକ୍ଷେତ୍ର ସିଟି

୧୩/୧୦/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୩,୫୯୪/- ସୁନା: ୦୧.୫୫୦ ଗ୍ରାମ୍ ରୁପା: ୧୪.୭୦୦ ଗ୍ରାମ୍



## ଶ୍ରୀଜଗନ୍ନାଥ ଚେତନା ହିଁ ପ୍ରବାସରେ ଓଡ଼ିଆ ଭାଷା ସଂସ୍କୃତି ସୁରକ୍ଷାର କବଚ




**ପୁରୀ,୧୩।୧୦(ସମିସ):** ଶ୍ରୀଜଗନ୍ନାଥ ଚେତନା ହିଁ ବିଶ୍ୱରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ନିଜର ଭାଷା ଏବଂ ସଂସ୍କୃତିର ସୁରକ୍ଷା ସକାଶେ କବଚ ସଦୃଶ୍ୟ। ବାହାରେ ରହୁଥିବା ଓଡ଼ିଆମାନେ ଓଡ଼ିଆ ଅସ୍ମିତା ପ୍ରତି ଅଧିକ ସଜାଗ ଥିବା ଉପରେ ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ ଆନେକ୍ସି ସଭାଗାରରେ ଅଗ୍ରଣୀ ସାହିତ୍ୟ ଏବଂ ସାମାଜିକ ସଂଗଠନ ପଲ୍ଲୀବାଣୀ ମିଶନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବାସରେ ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ଶୀର୍ଷକ ଅଧିବେଶନରେ ଉକ୍ତ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ ଯେ, ଶ୍ରୀଜଗନ୍ନାଥ ଚେତନା ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ସର୍ବଦା ଉଜ୍ଜୀବିତ କରି ରଖୁଛି ଏବଂ ରଖୁଥିବ। କବି ତଥା ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ କହିଥିଲେ ଯେ, ପ୍ରବାସରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସରକାର ମଧ୍ୟ ପ୍ରଚେଷ୍ଟା କରିବା ଉଚିତ୍। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ରହିବା ଆବଶ୍ୟକ। ସେହିପରି ଆୟକର ବିଭାଗର ପୂର୍ବତନ ତଦନ୍ତ ଏବଂ ଅପରାଧିକ ଗୁଇନ୍ଦାର ପ୍ରଧାନ ମହାନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ପୃଷ୍ଟି କହିଥିଲେ, ଆମେ ଯଦି ନିଜ ସ୍ତରରେ ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ ନ କରିବା ତେବେ ଭାଷାର ସୁରକ୍ଷା କିପରି ହେବ? ନିପାର ସଚିବ ତଥା ରେଜିଷ୍ଟ୍ରାର ଡ. ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ଏବଂ ସଂସ୍କୃତିର ସୁରକ୍ଷା ଦିଗରେ ବିଭିନ୍ନ ଧ୍ୟାନ ଆକର୍ଷଣକାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପୌରୋହିତ୍ୟ କରିଥିଲେ ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ। ଦ୍ୱିତୀୟ ଅଧିବେଶନରେ କବିତା ପାଠ କରିଥିଲେ ଦିଲ୍ଲୀ ତଥା ଏହାର ଆଖପାଖରେ ରହୁଥିବା ଓଡ଼ିଆ କବିମାନେ। ସ୍ୱରଚିତ କବିତାପାଠ କରିଥିଲେ ସଂଘମିତ୍ରା ରଥ, ଅନନ୍ତ ଓଝା, ଅବନୀକାନ୍ତ ସାହୁ, ମନୋଜ ମିଶ୍ର, ନବଜ୍ୟୋତି ଦାସ ଏବଂ ଶୁଭମ୍ ଶାଶ୍ୱତ ପୃଷ୍ଟି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମାଗମ ଆଲୋଚନାକୁ ଭାବଗମ୍ଭୀର କରିଥିଲା।

# ହବିଷ୍ୟାଳିଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି

## ଆଗାମୀ ବର୍ଷରୁ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା

## ପୁରୀ ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ

ପୁରୀ,୧୩।୧୦(ସମିସ)




ହବିଷ୍ୟାଳି ମା'ମାନେ ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ସେମାନଙ୍କର ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଏବଂ ଅସ୍ମିତାର ଜୀବନ୍ତ ପ୍ରତୀକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀକ୍ଷେତ୍ରରେ କାର୍ତ୍ତିକ ହବିଷ୍ୟାଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ସୋମବାର ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ନିବାସରେ ହବିଷ୍ୟାଳି ମା'ମାନଙ୍କ ସହ ମିଶିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କାର୍ତ୍ତିକ ମାସ ହେଉଛି ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବରେ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ଓଡ଼ିଆ ମା'ମାନେ ଶତାବ୍ଦୀ ଧରି ହବିଷ ପାଳନ କରି ଆସୁଛନ୍ତି ଓ ଏହି ପାରମ୍ପରିକତା ଓଡ଼ିଶାର ନୈତିକ ଶକ୍ତିକୁ ପ୍ରତିନିଧିତ୍ୱ କରେ। ତେବେ ଆଗାମୀ ବର୍ଷରୁ ହବିଷିଆଳି ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଥିଲେ ଯେ, ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ। ଚଳିତବର୍ଷ ପ୍ରାୟ ୨୫୦୦ ହବିଷିଆଳି ମା'ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ, କାର୍ତ୍ତିକ ବ୍ରତ ହବିଷିଆଳି ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୁଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି, ଯାହା ହବିଷିଆଳି ମା'ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆବଶ୍ୟକ। ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଗନ୍ନାଥ ଧର୍ମର ଶିକ୍ଷା ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ହବିଷିଆଳି ମା'ମାନଙ୍କୁ ପ୍ରଣାମ ଜଣାଇ ସେମାନଙ୍କ ସହ ଫଟୋ ଉଠାଇବା ସହିତ ସୁବିଧା ଅସୁବିଧା ବୁଝି କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ଭିତରୁ ପକେଟ୍‌ମାର ଗିରଫ

ପୁରୀ,୧୩।୧୦(ସମିସ): ଏବେ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏହି ଭିଡ଼ର ସୁଯୋଗ ନେବାକୁ ସକ୍ରିୟ ହୋଇପଡ଼ିଛନ୍ତି ଲୁଟେରା। ରବିବାର ମନ୍ଦିର ଭିତରୁ ଜଣେ ପକେଟ୍‌ମାର ଧରାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ଛତିଶଗଡ଼ ରାୟପୁରର ରାଜେଶ ବର୍ମା (୩୦)। ଅଭିଯୋଗ ଅନୁଯାୟୀ, ରବିବାର ପୂର୍ବାହ୍ଣ ୧୧ଟାରେ ମାର୍କଣ୍ଡେଶ୍ୱର ସାହିର ଗଙ୍ଗାଧର ହରିଚନ୍ଦନ (୪୫) ଦର୍ଶନ ପାଇଁ ଯାଇଥିଲେ। ସାତପାହଚ ନିକଟରେ ଅଭିଯୁକ୍ତ ରାଜେଶ ତାଙ୍କ ପକେଟରୁ ମନିପର୍ସ ଲୁଟ୍ କରିଥିଲା। ସେଥିରେ ୫,୨୦୦ ଟଙ୍କା, ଆଧାରକାର୍ଡ ଥିଲା। ସେ ପାଟି କରିବାରୁ ଡ୍ୟୁଟିରେ ଥିବା ପୁଲିସ ରାଜେଶକୁ ମାଡ଼ି ବସିଥିଲେ। ତାକୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଏ ନେଇ ପୁଲିସ ଏକ ମାମଲା (ନଂ.୧୮୩/୨୫) ରୁଜୁ କରି ସୋମବାର ତାକୁ କୋର୍ଟଚାଲାଣ କରିଛି। ତା' ନିକଟରୁ ମନିପର୍ସ ଜବତ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ

**ପୁରୀ,୧୩।୧୦(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୁରୀ ଗସ୍ତକୁ ବିରୋଧ। କଳାପତାକା ଦେଖାଇବା ପାଇଁ ପ୍ରସ୍ତୁତି ସମୟରେ ଜିଲ୍ଲା ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ। ଏସ୍‌ଆଇ ପରୀକ୍ଷାରେ ଦୁର୍ନୀତିଠାରୁ ଆରମ୍ଭ କରି ପୁରୀ ସହରର ବିଭିନ୍ନ ସ୍ଥାନରେ ମଦ ଦୋକାନ ଖୋଲିବା, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ, ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ଅଧ୍ୟାପକଙ୍କ ଅଭାବ, ପୁରାତନ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ, ଛାତ୍ରଛାତ୍ରୀଙ୍କ ନିଯୁକ୍ତି ପେପର ଲିକ୍, ୩୦୦ ୟୁନିଟ୍ ବିଜୁଳି ମାଗଣା ପ୍ରତିଶ୍ରୁତି ଫେଲ୍, ଉଠାଦୋକାନୀଙ୍କ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ବିରୋଧ ପାଇଁ ଛାତ୍ର ଓ ଯୁବ କଂଗ୍ରେସ ପ୍ରସ୍ତୁତି କରିଥିବାବେଳେ ପୁଲିସ ସେମାନଙ୍କୁ ଜୋର୍‌ଜବରଦସ୍ତ ଧରି ନେଇଥିଲା। ବଡ଼ଶଙ୍ଖ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିକଟ ଏବଂ ସର୍କିଟ୍ ହାଉସ୍ ପରିସରରୁ ଛାତ୍ର କଂଗ୍ରେସ ଏବଂ ଯୁବ କଂଗ୍ରେସ କର୍ମୀମାନଙ୍କୁ ଉଠାଇ ନେଇଥିଲା ପୁଲିସ। ଏହି ସମୟରେ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ।



ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ ଦାଶଙ୍କ ନେତୃତ୍ୱରେ ବିରୋଧବେଳେ କଂଗ୍ରେସ କର୍ମୀଙ୍କୁ ବଡ଼ଶଙ୍ଖଠାରୁ ପୁଲିସ ଉଠାଇଥିଲା। ପୁରୀ ବିଧାନସଭା କ୍ଷେତ୍ରୀୟ ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଅଭିଷେକ ଦାଶ, କୁନୁ ବାରିକ, ଓମ୍‌ପ୍ରକାଶ ପାଣି, ସମ୍ବିତ ବେହେରା, ଅନିଲ ବେହେରା, ସନ୍ତୋଷ ବରାଳଙ୍କ ସହ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସାହିଲ ମହାନ୍ତି, ଜିଲ୍ଲା ଛାତ୍ର ନେତା ହେମନ୍ତ ପ୍ରଧାନ, ଅସ୍ମିତ ବରାଳ, ବାଦଲ ବାରିକ, ବାସୁଦେବ ଷଡ଼ଙ୍ଗୀଙ୍କ ସହ ଅନେକ ଛାତ୍ର କଂଗ୍ରେସ କର୍ମୀଙ୍କୁ ମେଡିକାଲ ଛକଠାରୁ ଉଠାଇ ନେଇଥିଲା ପୁଲିସ। ସେହିପରି ବହୁ ଛାତ୍ର କର୍ମୀଙ୍କୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିକଟ ଏବଂ ସର୍କିଟ ହାଉସ୍‌ରୁ ନେଇ ପୁଲିସ ସମସ୍ତଙ୍କୁ ଅବକାଶରେ ରଖିଥିଲା। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଯିବା ପରେ ପୁଲିସ ସେମାନଙ୍କୁ ଛାଡ଼ିଥିଲା।

## ରଙ୍ଗୋଲି ଆଙ୍କି ଏସିଆ ବୁକ୍ ରେକର୍ଡରେ ୫ ଯୁବତୀ



**ପୁରୀ,୧୩।୧୦(ସମିସ):** ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ରଙ୍ଗୋଲି ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ହାସଲ କରିଛନ୍ତି ୫ ଯୁବତୀ। ମନସ୍ୱିନୀ ନାୟକ, ସୁଜ୍ଞାନା ଭଟ୍ଟ, ବିଶ୍ୱରୂପା ସାହୁ, ବୈଶାଖୀ ରାୟ ଓ ଚିତ୍ରା ଅର୍ପିତା ରାଉତ ମିଳିତ ଭାବେ ଗତ ଜାନୁଆରୀ ୧୪ରେ ଏହି ରଙ୍ଗୋଲି ଆଙ୍କିଥିଲେ। ୧୨୦୦ ବର୍ଗଫୁଟ୍‌ର ଏହି ରଙ୍ଗୋଲି "ଶ୍ରୀକ୍ଷେତ୍ର ପୁରୀ ଥିମ୍'ରେ ଅଙ୍କାଯାଇଥିଲା। ଏଥିରେ ଶ୍ରୀମନ୍ଦିର, ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମା', ମା' ବାଟମଙ୍ଗଳା, ୩ ରଥ, ମହାଲକ୍ଷ୍ମୀ, ମହାପ୍ରସାଦ, ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ପୁରୀ ସମୁଦ୍ର ସ୍ଥାନ ପାଇଥିଲା। ୨୦ ଫୁଟ୍ ଓସାର ଓ ୬୦ ଫୁଟ୍ ଲମ୍ବ ବିଶିଷ୍ଟ ରଙ୍ଗୋଲି ଆଙ୍କିବାକୁ ୫ ଜଣଙ୍କୁ ଏକାଧାରରେ ୧୮ ଘଣ୍ଟା ସମୟ ଲାଗିଥିଲା।

### ● ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

## ଅନ୍ତର୍ନିହିତ ପ୍ରତିଭାର ଉପଯୁକ୍ତ ପ୍ଲାଟ୍‌ଫର୍ମ

ପୁରୀ,୧୩।୧୦(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୀ ପ୍ରାଙ୍ଗଣରେ ସୋମବାର ମଙ୍ଗଳାଇ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ବେଲଦଳ ସରପଞ୍ଚ ବିପିନ୍ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରତ୍ନାକର ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳବେହେରା ଯୋଗଦେଇ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶରେ ଶିଶୁ ମହୋତ୍ସବ 'ସୁରଭି' କିପରି ପ୍ରମୁଖ ଧାରା ପାଲଟିଛି ସେ ବିଷୟରେ ଆଲୋକପାତ କରିଥିଲେ। ଏହା ପ୍ରତିଭା ବିକାଶ ଉପଯୁକ୍ତ ପ୍ଲାଟ୍‌ଫର୍ମ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ସାଧନ କେନ୍ଦ୍ରସ୍ତରୀୟ ୧୫ଟି ବିଦ୍ୟାଳୟରୁ ଆସିଥିବା ୧୭୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତୋଫାନ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତା ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ



ସୁପରିଚାଳନାରେ ସମ୍ପନ୍ନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ୭ ଏସ୍‌ଭିଏଫ୍‌ର ପ୍ରତିଷ୍ଠାତା ସଭ୍ୟା ଅପର୍ଣ୍ଣା ମହାନ୍ତି, ସଭ୍ୟ ସିଦ୍ଧାର୍ଥ ଶେଖର ପାତ୍ର ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ପାର୍ଥେୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

**ପୁରୀ,୧୩।୧୦(ସମିସ):** ୨୦୧୭ରେ କୋଣାର୍କ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ବା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ କାକଟପୁର ଥାନା ନାଶିକେଶ୍ୱରର ରିଙ୍କୁ ଗୁରୁ (୩୦)କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ରିଙ୍କୁ ୨୦୧୭ ଏପ୍ରିଲ୍ ୧୨ ତାରିଖରେ ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ କଲେଜକୁ ଯାଉଥିବାବେଳେ ସେ ଅପହରଣ କରି ନେଇଥିଲା। ଏ ନେଇ ନାବାଳିକାର ବାପା ୧୫ ତାରିଖରେ କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୪୯/୨୦୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୯ ଅକ୍ଟୋବର ୧୬ରେ ଏହାର ଚାର୍ଜସିଟ୍ ଦାଖଲ ହୋଇଥିଲା। ତେବେ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ସୋମବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।



ଅସରାଏ ବର୍ଷାରେ ଦଉଡୋଟା ଅଞ୍ଚଳରେ ଆଣ୍ଠୁଏ ପାଣି




# ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ



**ନିମାପଡ଼ା,୧୩।୧୦(ସମିସ):** ରବିବାର ରାତିରେ ଗଜଲକ୍ଷ୍ମୀ ଭସାଣିବେଳେ କୋଣାର୍କଠାରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମର ପ୍ରାୟ ୧୦ରୁ ଅଧିକ ଯୁବକ ଓ ବୟସ୍କ ବ୍ୟକ୍ତି ଆହତ ହୋଇଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ସୋମବାର ସକାଳେ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଗଡ଼ଅଣ୍ଡିଆ ଗ୍ରାମବାସୀମାନେ ଅଧଘଣ୍ଟା ପର୍ଯ୍ୟନ୍ତ ବାଉଁଶ ବାଡ଼ ଦେଇ କୋଣାର୍କ-ପିପିଲି ମୁଖ୍ୟ ରାସ୍ତାକୁ ଅବରୋଧ କରିଥଲେ। ଫଳରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା।


ପ୍ରକାଶ ଯେ, ଗଡ଼ଅଣ୍ଡିଆ ଗ୍ରାମରେ ହୋଇଥିବା ଗଜଲକ୍ଷ୍ମୀ ପୂଜା ଭସାଣି ରବିବାର ରାତିରେ ହୋଇଥିଲା। ମା'ଙ୍କ ବିସର୍ଜନ ପାଇଁ ଗଡ଼ଅଣ୍ଡିଆ ଗ୍ରାମବାସୀମାନେ କୋଣାର୍କ ଚନ୍ଦ୍ରଭାଗା ଯାଇଥିଲେ। ସେଠାରେ କୋଣାର୍କ ମାଙ୍କଡ଼ ଗୋରଡ଼ି ଗ୍ରାମର ଯୁବକମାନେ ମା'ଙ୍କୁ ନେଇ ବିସର୍ଜନ କରିବାକୁ ଚନ୍ଦ୍ରଭାଗା ଆସିଥିଲେ। କୌଣସି କାରଣକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମାଙ୍କଡ଼ ଗୋରଡ଼ି ଗ୍ରାମର ଯୁବକମାନେ ଗଡ଼ଅଣ୍ଡିଆ ଗ୍ରାମର ବୟସ୍କ ଓ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି।

ଆକ୍ରମଣରେ ଗଡ଼ଅଣ୍ଡିଆ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ଗଡ଼ଅଣ୍ଡିଆ ଗ୍ରାମବାସୀ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକ ହଟିଥିଲା। କୋଣାର୍କ ଥାନା ପୁଲିସ ସୋମବାର ଗଡ଼ଅଣ୍ଡିଆ ଗ୍ରାମକୁ ଆସି ଆହତଙ୍କୁ ଭେଟି ସେମାନଙ୍କ ବୟାନ ରେକର୍ଡ କରିଥିବା ସୂଚନା ମିଳିଛି।

## ଦାଦାବଟି ଆଦାୟ କରି ୨ ଗିରଫ

ସାକ୍ଷୀଗୋପାଳ,୧୩।୧୦(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ୩୧୬ନଂ ପୁରୀ ଜାତୀୟ ରାଜପଥର ସାକ୍ଷୀଗୋପାଳ କଲେଜ ଛକରେ ଗାଡ଼ି ଅଟକାଇ ଦାଦାବଟି ଆଦାୟ କରୁଥିବା ଦୁଇ ଯୁବକଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅହମ୍ମଦପୁର ଗ୍ରାମର ଶେଖ୍ ଇଦ୍ରିସ୍ ଓ ମହମ୍ମଦ ଜାହିର। ସୋମବାର ଭୋର୍ ସମୟରେ ସତ୍ୟବାଦୀ ଥାନା ପୁଲିସ ଏଏସ୍‌ଆଇ ମହେଶ୍ୱର ଦାସ ରାଜପଥରେ ପାଟ୍ରୋଲିଂ କରିବା ସମୟରେ ଖବରପାଇ ଘଟଣାସ୍ଥଳରେ ସଦଳବଳେ ପହଞ୍ଚି ଯୁବକଦ୍ୱୟଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଠେଙ୍ଗା, ୪୭୦ ଟଙ୍କା ଓ ଗୋଟିଏ ଟାଟା ଇଣ୍ଟ୍ରା ମାଲ୍‌ବାହୀ ଯାନ ଜବତ କରିଥିଲେ। ରାଜପଥରେ ଚଳାଚଳ କରୁଥିବା ବିଭିନ୍ନ ଯାନବାହନ ଅଟକାଇ ଚାଳକ ଓ ଯାତ୍ରୀମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ। ଉଭୟଙ୍କୁ ପୁରୀ କୋର୍ଟରେ ହାଜର କରିବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହମ୍ମଦ ଜାହିର୍ ନାମରେ ସତ୍ୟବାଦୀ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ତଥା ତଦନ୍ତ ଅଧିକାରୀ ବିଜୟକେତନ ବେହେରା ସୂଚନା ଦେଇଥିଲେ।





ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ
THE SAKALA

# ତାଲିବାନ ଚେତାବନୀ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭିତ୍ତିଭୂମି ସୁଦୃଢ଼ ହେଉଥିବା ବେଳେ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ ଏକ ଭୁଲବାର୍ତ୍ତା ଦେଉଛି। ଏହି ଘଟଣାରେ ଭାରତ ଗସ୍ତରେ ଥିବା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୋମାମାଡ଼ର କାରଣ ଯାହା ହେଉନା କାହିଁକି ତାହା ଆଫଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏପ୍ରକାର କାର୍ଯ୍ୟକଳାପର ପରିଣାମ ଅତିଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ୯/୧୧ ଆକ୍ରମଣ ଘଟଣାରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସହଯୋଗିତା କାବୁଲ୍ ପ୍ରତି ବିଶ୍ୱାସଘାତକତା। ତାହାର ପ୍ରତିଶୋଧ ନେବା ପାଇଁ ଟିଟିପି ଏବେ ମଧ୍ୟ ଇସଲାମାବାଦ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ସଂଗଠନର ନେତା ନୂର ୱାଲି ମେସୁଦ୍ ଓ ତାଙ୍କ ସହଯୋଗୀଙ୍କୁ ନିପାତ କରିବା ସକାଶେ ପାକିସ୍ତାନ ପକ୍ଷରୁ ଏହି ବୋମାମାଡ଼ କରାଯାଇଛି ବୋଲି ଦିଆଯାଇଥିବା ସ୍ପଷ୍ଟୀକରଣକୁ ଅମୀର ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭାରତ କାବୁଲ୍‌କୁ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇଥିବା ବେଳେ ପାକିସ୍ତାନର ଏହି ଅଚାନକ ଆକ୍ରମଣକୁ ଅସୂୟା ଓ ଅସହଣୀୟତା ବୋଲି କହାଯାଇପାରେ।

କାବୁଲରେ ଥିବା ଭାରତର ବୈଷୟିକ ମିସନ୍‌କୁ ଏକ ଦୂତାବାସରେ ପରିଣତ କରାଯିବ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରେକ୍ଷାପଟରେ ଅମୀର କହିଛନ୍ତି ଯେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ମାନବିକ ସହାୟତାରେ ଭାରତ କେବଳ ଅଂଶୀଦାର ହେବ ନାହିଁ, ଖୁବ୍‌ଶୀଘ୍ର ଅନ୍ୟୁନ ୬ଟି ନୂତନ ବିକାଶ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିସହ ଚିକିତ୍ସା କ୍ଷେତ୍ରରେ ନୂଆଦିଲ୍ଲୀ ବୈଷୟିକ ସହଯୋଗିତା ଓ ସହାୟତାର ହାତ ବଢ଼ାଇଛି। ମଧ୍ୟପ୍ରାଚ୍ୟ ପରିବର୍ତ୍ତନ ଦୃଶ୍ୟପଟରେ ଆଫଗାନିସ୍ତାନ ସୀମା ସଂଲଗ୍ନ ଇରାନ ଉପକୂଳରେ ଚବାହାର ବନ୍ଦରରେ ଭରତର ନିବେଶ ଫଳପ୍ରଦ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଆଫଗାନିସ୍ତାନ ସହ ସୁସଂପର୍କ ମାଧ୍ୟମରେ ମଧ୍ୟପ୍ରାଚ୍ୟ ସହ ଭାରତ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିବାର ସମ୍ଭାବନା ଉଜ୍ଜ୍ୱଳ।

ଅନ୍ୟପକ୍ଷରେ ପାକିସ୍ତାନ ନିଜ ଦେଶରେ ଏକାଧିକ ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଓ ପ୍ରଶୟ ଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା କ୍ରମେ ନିୟନ୍ତ୍ରଣ ବାହାରକୁ ପଳାଇଥିବାର ଅନୁଭୂତ ହେଉଛି। ଗତ କିଛିଦିନ ମଧ୍ୟରେ ପରିଲକ୍ଷିତ ଚରମ ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ୫୮ରୁ ଉର୍ଦ୍ଧ୍ୱ ମୃତ ଶତାଧିକ ଆହତ ହୋଇଛନ୍ତି। ଏଡି ଘଟଣାରେ ଟିଟିପି ଓ ଟିଏଲପି ସଂଗଠନର ଭୂମିକା ରହିଛି। ଟିଟିପି ଏକ ପୁଲିସ ତାଲିମ କେନ୍ଦ୍ର ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ଟିଏଲପି ଗାଜାଶାନ୍ତି ଯୋଜନା ବିରୋଧରେ ହିଂସାକାଣ୍ଡ ଭିଆଇଛନ୍ତି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ସେନାବାହୀନକୁ କାବୁଲରେ ବୋମାମାଡ଼ କରିବାକୁ ପଡ଼ିଛି। ଦେଶବାସୀଙ୍କୁ ଆଶ୍ୱସ୍ତ କରିବା ପାଇଁ ସରକାରଙ୍କ ପ୍ରଚାରକୁ ମିଛ ପ୍ରମାଣିକ କରି ଟିଟିପି ନେତା ମେସୁଦ୍ ଏକ ଭିଡିଓ ମାଧ୍ୟମରେ ସେ ସକ୍ରିୟ ଓ ସକ୍ଷମ ଥିବା ବାଦି କରିଛନ୍ତି। ନିଜ ଘର ସମ୍ଭାଳିବାକୁ ଅସମର୍ଥ ପାକିସ୍ତାନ ଏବେ ପଡ଼ୋଶୀ ରୋଷର ଶିକାର ହୋଇଛି। ଭାରତ ବିରୋଧରେ ପ୍ରୟୋଗ ପାଇଁ ପୋଷି ରଖିଥିବା ଆତଙ୍କବାଦୀ ଆଗାମୀ ଦିନରେ ପାକିସ୍ତାନର କାଳ ହୋଇପାରନ୍ତି।

# ମୃତ ଓ ଜୀବିତ ଦ୍ୱନ୍ଦ୍ୱ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକଲେ ବିହାର ଏକ ବହୁଚର୍ଚ୍ଚିତ ରାଜ୍ୟ। ସବୁକ୍ଷେତ୍ର ଓ ସ୍ତରରେ ଅନଗ୍ରସର। ତେଣୁ ଜାତୀୟ ରାଜନୀତି ଏହାକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିଆସିଛି। ଅନୁପ୍ରାଦନୀ ବା ଅଦରକାରୀ ହୋଇପଡ଼ିଛନ୍ତି ରାଜବାସୀ। କିଛି ବିନିମୟରେ ଏପରିକି ଅସୁମାରି ପ୍ରତିଶ୍ରୁତି ମାଧ୍ୟମରେ ରାଜନେତା ନିର୍ବାଚନ ଫସଲ ଅମଳ କରିଆସିଛନ୍ତି। ଅଥଚ ଜାତୀୟ ରାଜନୀତିରେ ଦିଗ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିହାର। କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରୁ ରାଜ୍ୟ ସୁଫଳ ହାସଲ କରିବାକୁ ଅସମର୍ଥ ହୋଇଛି। ସେହିଭଳି ସମଗ୍ର ଦେଶରେ ମତଦାତା ଶୁଦ୍ଧକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରୁ। ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇପାରିଛି ତାହା ତ ଭିନ୍ନ କଥା। ହେଲେ ଅନଗ୍ରସର ଓ ଅଶିକ୍ଷାରେ ନିପୀଡ଼ିତ ରାଜ୍ୟବାସୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଅନ୍ୟ ରାଜ୍ୟବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି।

ଏହାମଧ୍ୟରେ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତଥାକଥିତ ଏସଆଇଆର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ଶୁଣାଣିରେ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନି। ନିର୍ବାଚନ ଘୋଷଣା ପରେ ପ୍ରକ୍ରିୟାରେ ହସ୍ତକ୍ଷେପ କଲାଭଳି କୌଣସି ନିଷ୍ପତ୍ତି ଉପରେ ଥିବା କଟକଣାକୁ ସର୍ବୋଚ୍ଚ ଅଦାଲତ ଏକପ୍ରକାର ମାନିନେଇଛନ୍ତି। ଦୀର୍ଘ ୪ ମାସର ଅଦାଲତୀୟ କସରତ ଉଦ୍ଦେଶମୂଳକ ଥିଲା ଭଳି ମନେ ହୁଏ। ତେବେ ଅଦାଲତର ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିର୍ବାଚନ ଆୟୋଗଙ୍କୁ ବାଧ୍ୟ କରିଛି ନିଜ ଘୋଷିତ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ। ଏସବୁ ସତ୍ତ୍ୱେ ୪୭ ଲକ୍ଷ ଭୋଟଙ୍କୁ ମତଦାତା ତାଲିକାରୁ ବାଦ ଦିଆଯାଇଛି। ଏହା ଅବଶ୍ୟ ଆୟୋଗଙ୍କ ପ୍ରଦତ୍ତ ପରିସଂଖ୍ୟାନ। କିନ୍ତୁ ଅସଲରେ ଏହି ସଂଖ୍ୟା ୬୫ ଲକ୍ଷରୁ ଅଧିକ ହୋଇପାରେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଗଙ୍କ ପକ୍ଷରୁ ଚିଠା ମତଦାତା ତାଲିକା ଘୋଷଣା କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ସଂଶୋଧନ ଆବେଦନ ସେଭଳି ଆଖିଦୃଶିଆ ହୋଇପାରିନଥିଲା। କିନ୍ତୁ ନିର୍ବାଚନ ଘୋଷଣା ପରେ ପରେ ଭୋଟର ତାଲିକାରେ ମୃତକ ଦର୍ଶାଯାଇଥିବା ମତଦାତା ସଚେତନ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଏପରିକି ନିଜେ ଉପସ୍ଥିତ ରହି ସେମାନେ ମୃତ ନୁହନ୍ତି ବୋଲି ଦର୍ଶାଇବାରୁ ତାଲିକା ପୁନଃସଂଶୋଧନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ସଚେତନତା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେମାନଙ୍କ ନିକଟରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିତ ପ୍ରମାଣପତ୍ର ନଥିଲେ ମଧ୍ୟ ଆଧାର କାର୍ଡ ବିଶେଷ ସହାୟକ ହୋଇଛି। ଏକ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ତଥାକଥିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମହିଳା ଓ ସଂଖ୍ୟାଲଘୁ ମତଦାତା।

ବହିରାଗତଙ୍କୁ ନେଇ କ୍ଷମତାକେନ୍ଦ୍ର ଓ ନିର୍ବାଚନ ପ୍ରଶାସନ ପକ୍ଷରୁ ଯେଭଳି ପ୍ରସଙ୍ଗ କରାଯାଇଛି ତାହା ଯେ ଅମୂଳକ ଏହି ମତଦାତା ଶୁଦ୍ଧିକରଣରୁ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୧୫ ଜଣଙ୍କ ମଧ୍ୟରୁ ୭୮ ମୁସଲମାନ (ବାଂଲାଦେଶ) ଓ ଅବଶିଷ୍ଟ ନେପାଳର ହିନ୍ଦୁ ଅଧିବାସୀ। ଅଥଚ ଏହାକୁ ନିର୍ବାଚନ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି।

# ଶିକ୍ଷାରେ ସଂଖ୍ୟାଲଘୁ ଅଧିକାର

ସୌଭାଗ୍ୟ ସୁନ୍ଦରରାୟ

ଦେଶରେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନ୍ତର୍ଭୁକ୍ତ ହେବେ ନା ନାହିଁ ସେଥିନେଇ ଏକ ବିବାଦ ଗତ କିଛିଦିନ ଧରି ମୁଣ୍ଡ ଟେକିଛି। ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ରାୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଂକ୍ରାନ୍ତ ଏକ ରାୟ ପ୍ରଦାନ କରିବା ଅବସରରେ ଶୀର୍ଷ ଅଦାଲତ ଏହି ପ୍ରସଙ୍ଗ ଉଠାଇଛନ୍ତି। ତେବେ କ'ଣ ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ପରିସରଭୁକ୍ତ ହେବାକୁ ଚାହୁଁନହାନ୍ତି ତାହା ଏକ ପ୍ରଶ୍ନବାଚୀ।

ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆରଟିଇ ପରିସର ବାହାରେ ରହିବା ନିମନ୍ତେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ଅଦାଲତର ୨୦୧୪ ମସିହାର ଏକ ରାୟ ଆଧାରିତ। ଦେଶର ସମସ୍ତ ଶିଶୁଙ୍କର ଶିକ୍ଷା ଲାଭ ପାଇବାର ଅଧିକାର ରହିଛି। ଅଥଚ ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ସାମାଜିକ ବ୍ୟବସ୍ଥା ଯୋଗୁଁ ବହୁ ଶିଶୁ ସର୍ବନିମ୍ନ ଶିକ୍ଷା ଲାଭ କରିପାରୁ ନାହାନ୍ତି। ଶିଶୁଟିଏ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଲାଭ କଲେ ସେ ନିଜ ପାଇଁ ଓ ପରିବାର ପାଇଁ ସଶକ୍ତ ହୋଇପାରିବ। ସମାଜ ମଧ୍ୟ ଏଥିରୁ ଉପକୃତ ହୋଇପାରିବ। ଆର୍ଥିକ ଅବସ୍ଥା ଜଣେ ଶିଶୁର ଶିକ୍ଷାରେ ଯେପରି ବାଧକ ନହୁଏ ତାହା ହୃଦୟଙ୍ଗମ କରି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏହା ଏକ ଯୁଗାନ୍ତକାରୀ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି। ୨୦୦୯ ମସିହାରେ ଏହି ଆଇନ ପ୍ରଣୟନ କରାଯାଇ ୨୦୧୦ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଗଲା। ଏହି ଆଇନରେ ଘରୋଇ ବିଦ୍ୟାଳୟରେ ମଧ୍ୟ ୨୫% ଆସନ ଅନଗ୍ରସର ଶ୍ରେଣୀ ଶିଶୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ଶିକ୍ଷା ଅଧିକାର ଆଇନ ଏକ ପ୍ରଗତିଶୀଳ ବ୍ୟବସ୍ଥା। ଏହା ଅନୁଷ୍ଠାନକୈନ୍ଦ୍ରିକ ବା ସଂପ୍ରଦାୟ କୈନ୍ଦ୍ରିକ ନୁହେଁ, ଶିଶୁକୈନ୍ଦ୍ରିକ। ଏହି ଆଇନ ଶିଶୁଙ୍କ ମୌଳିକ ଅଧିକାରକୁ ନେଇ ପ୍ରସ୍ତୁତ କରାଯାଇଛି, ଅନୁଷ୍ଠାନ ବା ବର୍ଣ୍ଣ ଆଧାରରେ ନୁହେଁ। ଏଣୁ ସଂଖ୍ୟାଲଘୁ ଭାବେ ଅନୁଷ୍ଠାନର ପ୍ରଶାସନିକ ଦିଗ ପ୍ରତି ଏତେ ଦୃଷ୍ଟି ଦିଆଯିବାର କୌଣସି ଆବଶ୍ୟକତା ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ୨୫% ସ୍ଥାନ ସଂରକ୍ଷଣକୁ ନେଇ ଅଦାଲତରେ ମାମଲା ଦାୟର ହେଲା। ସରକାରୀ ଅଣସାହାଯ୍ୟପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଏହା ହସ୍ତକ୍ଷେପ ବୋଲି କୁହାଗଲା। ତେବେ ଅଦାଲତ ଏହି ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ଅଣସହାୟତାପ୍ରାପ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଆସିଲା ଏକ ରାୟ। 'ପ୍ରମତି ଏଜୁକେସନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ବନାମ କେନ୍ଦ୍ର ସରକାର' ମାଲାରେ ଅଦାଲତ ଏହି ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଆର.ଏମ.ଲୋଧାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠର ବିଚାରପତି ଏ.କେ.ପଟ୍ଟନାୟକ, ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଦୀପକ ମିଶ୍ର ଓ ଏଫ.ଏମ ଇବ୍ରାହିମ କାଲିଫୁଲା ଏହି ରାୟ ବଳରେ ଗାଏମୋଟ ସମସ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଆରଟିଆଇ ପରିସରରୁ ବାଦ ଦେଇଥିଲେ।

ଏହି ରାୟର ପୁନଃ ତର୍ଜମା ଆବଶ୍ୟକ ବୋଲି ଶିକ୍ଷକ ନିଯୁକ୍ତି ଯୋଗ୍ୟତା ପରୀକ୍ଷା ରାୟ ପ୍ରଦାନ ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଦୀପଙ୍କର ଦତ୍ତ ଓ ମନମୋହନ ମତବ୍ୟକ୍ତ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଚାକିରିଆ ଶିକ୍ଷକଙ୍କ ସମେତ ନୂଆ ଶିକ୍ଷକ ନିଯୁକ୍ତି ନିମନ୍ତେ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣକୁ ବାଧ୍ୟତାମୂଳକ କରିଥିବା ବେଳେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଛନ୍ତି। ଯଦିଓ ଉଭୟ ବିଚାରପତି ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ରାୟ ପ୍ରଦାନ କରିପାରିଥା'ନ୍ତେ, କିନ୍ତୁ ପୂର୍ବରୁ ବୃହତ୍ତର ଖଣ୍ଡପୀଠ ଏ ସଂପର୍କିତ ରାୟ ପ୍ରଦାନ କରିଥିବାରୁ ପ୍ରସଙ୍ଗକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏବେ ଏହି ମାମଲାର ଶୁଣାଣି ନିହାତି ଭାବେ ୭ ଜଣିଆ ଖଣ୍ଡପୀଠରେ ହେବା ଆବଶ୍ୟକ।

କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଦେଶରେ ଏବେ ୧୩, ୦୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ ମୁସଲିମ ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଏହି ସଂପ୍ରଦାୟ ଦ୍ୱାରା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ପରିଚାଳିତ। ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ପାର୍ସି, ଇହୁଦୀ, ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ କହିଲେ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ବୁଝାଏ। ସଂପ୍ରଦାୟର ସ୍ୱାର୍ଥ, ସଂସ୍କୃତି, ଭାଷା ଓ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ଏହାର ପ୍ରମୁଖ ଲକ୍ଷ୍ୟ। ତେବେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତଥ୍ୟ ଅନୁଯାୟୀ ଏହି ବିଦ୍ୟାଳୟଗୁଡ଼ିକରେ ଅଣସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ପ୍ରାୟ ୬୨.୫% ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ ସଂପ୍ରଦାୟର। ବିଦ୍ୟାଳୟରେ ଅନଗ୍ରସର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮.୭%। ଏଥିରୁ ପ୍ରତୀୟମାନ ହେଉଛି ଯେ, ଶିକ୍ଷାନୁଷ୍ଠାନର ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ, କିନ୍ତୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ସଂଖ୍ୟାଲଘୁ। ଏଥିରୁ ଧରିବାକୁ ପଡ଼ିବ ସଂଖ୍ୟାଲଘୁ ପରିଚାଳନା ବ୍ୟବସ୍ଥା ନାମରେ ଦେଶର ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ଆଳରେ ଅଦାଲତର କାଠଗଡ଼ାକୁ ଟାଣି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାକୁ ଆଖିମିଟିକା ମାରିବାକୁ ଉଦ୍ୟମ ଚାଲିଛି। ଶିକ୍ଷକ ଯୋଗ୍ୟତା ମାନଦଣ୍ଡ ବାହାରେ ରହି ସଂପୃକ୍ତ ଅନୁଷ୍ଠାନ ନିଜ ମନମୁଖି ଯେକୌଣସି ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିବାକୁ ଉଦ୍ୟମ କରୁଥିବା କୁହାଯାଇପାରେ। ଯଦି ଏହି ଶିକ୍ଷାନୁଷ୍ଠାନ ଆରଟିଇ ବାହାରେ ରହିବେ ଏବଂ ଅନଗ୍ରସର ବର୍ଗ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ନାହିଁ, ତେବେ ନିଜ ସଂପ୍ରଦାୟର ଶିଶୁଙ୍କୁ ମଧ୍ୟ ଉପେକ୍ଷିତ କରିବା ନିମନ୍ତେ ଏମାନେ ଅଧିକାରପ୍ରାପ୍ତ। ତା'ହାଲେ ସଂଖ୍ୟାଲଘୁ ଅନୁଷ୍ଠାନର ଉଦ୍ଦେଶ୍ୟ କିପରି ସାଧିତ ହେଲା? ଏପ୍ରକାର ମାନସିକତାରେ ଦେଶରେ ଶିକ୍ଷା ସାର୍ବଜନୀନ ହୋଇପାରିବ ନାହିଁ କି ଶିକ୍ଷା ଅଧିକାର ଆଇନ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରିବ ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଛି। କିନ୍ତୁ ଶିକ୍ଷା ମାନରେ ସେଭଳି ଉନ୍ନତି ଘଟି ପାରିନାହିଁ। ପ୍ରଥମ ଏଜୁକେସନ ଫାଉଣ୍ଡେସନର ପ୍ରାଥମିକ ଶିକ୍ଷା ସଂକ୍ରାନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାର ତୃତୀୟ ଶ୍ରେଣୀରେ ଶିକ୍ଷାଲାଭ କରୁଥିବା ପ୍ରାୟ ୪୦% ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ଛାତ୍ରଛାତ୍ରୀ ଫେଡ଼ାଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ପାଠ ପଢ଼ାଉଛନ୍ତି। ବହୁସ୍ଥାନରେ ଜାଲ ସାର୍ଟିଫିକେଟ ବଳରେ ଶିକ୍ଷକ ପଦବୀ ହାତେଇଛନ୍ତି। ବହୁ ଶିକ୍ଷକ ଶୁଦ୍ଧ ଭାବେ ଓଡ଼ିଆ ଲେଖିପାରୁ ନ ଥିବା ରିପୋର୍ଟ ପ୍ରକାଶ ପାଉଛି। ଏପ୍ରକାର ଶିକ୍ଷକଙ୍କୁ ଆମେ ଯୋଗ୍ୟ ବୋଲି କାହିଁକି ଧରିବା? ସେମାନଙ୍କର ଉପଯୁକ୍ତ ଯୋଗ୍ୟତା ଟିଇଟି ଦ୍ୱାରା ନିର୍ଦ୍ଧାରଣ ହେବାରେ କିଛି ସମସ୍ୟା ନାହିଁ। ସଂଖ୍ୟାଲଘୁ ସଂସ୍ଥାକୁ ଏଥିରୁ ବାଦ ଦିଆଗଲେ ସଂପୃକ୍ତ ବିଦ୍ୟାଳୟରେ ନିମ୍ନ ଯୋଗ୍ୟତାସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆଗଲେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏପରି ହେଲେ ଶିକ୍ଷା ଫଳାଫଳ ନିମ୍ନଗାମୀ ହେବା ସ୍ୱାଭାବିକ।

ସମ୍ବିଧାନର ଧାରା ୩୦(କ) ସଂସ୍ଥା ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷିତ କରିଥିବା ବେଳେ ଧାରା ୨୧(କ) ଶିଶୁ ଶିକ୍ଷାକୁ ଏକ ମୌଳିକ ଅଧିକାରଭୁକ୍ତ କରିଛି। ତା'ହାଲେ କ'ଣ ପରିଚାଳନାଗତ ଅଧିକାରକୁ ସୁରକ୍ଷିତ କରାଯାଇ ଶିଶୁ ଅଧିକାରକୁ ଉପେକ୍ଷିତ କରାଯିବ? ଶିଶୁ ଅଧିକାର ପ୍ରଥମେ ସୁରକ୍ଷିତ ରହିବା ଆବଶ୍ୟକ। ପର୍ସନାଲ ଆଇନ ବଳରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସଂଖ୍ୟାଲଘୁ ମୌଳିକ ଅଧିକାର ବଜାୟ ରଖନ୍ତୁ। ଶିକ୍ଷା କ୍ଷେତ୍ରରେ ତାହା ହେବା ଉଚିତ୍ ନୁହେଁ। ବହୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ପରିଚାଳନା ବିବାଦରେ ରହିଛି। ମାମଲା ମଧ୍ୟ ଅଦାଲତର କାଠଗଡ଼ାରେ ରହିଛି। ଏକ୍ଷେତ୍ରରେ ସ୍ୱାୟତ୍ତତା ଓ ଅଧିକାର ନାମରେ ସ୍ୱେଚ୍ଛାଚାରିତା ମାନସିକତା ଅଧିକ ରହୁଥିବା ଦେଖାଯାଉଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଅଧାମ୍ରିକ ବା ଧାର୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯାଇପାରେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରାଯିବା ଆବଶ୍ୟକ। ବମ୍ବେ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ନିଜ ରାୟରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରିବାକୁ ମତ ରଖିଛନ୍ତି। ଏଣୁ ଶିଶୁ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ତୁରନ୍ତ ଶୁଣାଣି କରିବା ଆବଶ୍ୟକ। ୨୦୧୪ ମସିହା ସମ୍ବିଧାନ ଖଣ୍ଡପୀଠ ରାୟକୁ ପୁନଃସମୀକ୍ଷା କରିବା ପାଇଁ ସରକାର ମଧ୍ୟ ସମ୍ବିଧାନ ସଂଶୋଧନ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଓଡ଼ିଶାର ହସ୍ତଶିଳ୍ପ ଏକ ଜୀବନ୍ତ ସାହିତ୍ୟ

ରାଜେଶ କୁମାର ତ୍ରିପାଠୀ

ହାତ ଯେତେବେଳେ ହୃଦୟ ସହିତ ଚାଲେ, ସେତେବେଳେ ମାଟି ଓ ମଣିଷ ମିଶି ଲେଖନ୍ତି ଜୀବନ ସାହିତ୍ୟ। ଓଡ଼ିଆ ହସ୍ତଶିଳ୍ପ ହେଉଛି ଆମ ମାଟିର ଆତ୍ମାର ଅଭିବ୍ୟକ୍ତି। ଏହା ଏମିତି ଏକ ଜୀବନ୍ତ ସାହିତ୍ୟ ଯେଉଁଠି ଶବ୍ଦ ନୁହେଁ - ହାତ କହେ। ରେଖା ଓ ରଙ୍ଗ ହେଉଛି ତାହାର ଅକ୍ଷର, ଆଉ ହୃଦୟ ହେଉଛି ତାହାର ସ୍ପନ୍ଦନ। ମାଟି, ଧାତୁ, ତନ୍ତ, ଶିଳା କିମ୍ବା ଘାସ - ଯେଉଁଠି ଓଡ଼ିଆ ମଣିଷ ପ୍ରଭୁଙ୍କୁ ସ୍ମରଣ କରି ହାତର ସ୍ପର୍ଶ ଦିଏ ସେଠାରେ ଜନ୍ମ ନେଉଥାଏ ଆତ୍ମାସ୍ପର୍ଶୀ କଳା। ଆମ ଲୋକଙ୍କ ହାତରେ ଗଢ଼ା ପଥର ମୂର୍ତ୍ତି, ତନ୍ତ ଶାଢ଼ି, ମାଟି ଦୀପ, ଘୋଡ଼ା କିମ୍ବା ତାରକସି - ଏ ସବୁ ହେଉଛି ଓଡ଼ିଆ ଆସ୍ଥା, ଶ୍ରମ ଓ ମନୁଷ୍ୟତାର ଜୀବନ୍ତ ପ୍ରତୀକ। ଓଡ଼ିଆ ହସ୍ତଶିଳ୍ପ କେବଳ କାରିଗରୀ ନୁହେଁ, ଏହା ହେଉଛି ଆମ ସଂସ୍କୃତିର ସ୍ୱର, ଆମ ହୃଦୟର ଗପ ଓ କବିତା।

ପଥର, ମାଟି, ଧାତୁ ଓ ରଙ୍ଗରେ ଲୁଚିଥିବା ଆତ୍ମା ଓଡ଼ିଆ ହାତରେ ପଡ଼ିଲେ ଜୀବନ ନେଇଥାଏ। ପଥର ଦେହରେ ଯେତେବେଳେ ମଣିଷ ହାତରେ ସ୍ୱପ୍ନ ଲେଖେ, ନିଏ ଶିଳ୍ପ, ଯାହା ଶାଶ୍ୱତ ଓ ଦିବ୍ୟ। ଲିଙ୍ଗରାଜ, ଜଗନ୍ନାଥ ଓ କୋଣାର୍କ ମନ୍ଦିର ଏହି ଅଦ୍ଭୁତ ସାଧନାର ଜୀବନ୍ତ ପ୍ରତୀକ। ସେହି ଶିଳାରେ ଖୋଦା ରେଖାଗୁଡ଼ିକ



କେବଳ କଳା ନୁହେଁ, ତାହା ହେଉଛି ଓଡ଼ିଆ ଚିତ୍ତର ଭକ୍ତି ଓ ବୁଦ୍ଧିର ସାହିତ୍ୟ। ପିତଳ ଦୀପ, ମାଟିର ପାତ୍ର କିମ୍ବା ଘୋଡ଼ା - ଏସବୁରେ ଅଛି ଜୀବନର ସ୍ପନ୍ଦନ।

ମାଟି ହେଉଛି ଓଡ଼ିଆ ଜୀବନର ମୂଳ ଆଉ ଶିଳ୍ପ ହେଉଛି ତାହାର ଭାଷା। ଟେରାକୋଟା ଘୋଡ଼ା, ପାତ୍ର, ଖେଳନା ଆଦି ମନୁଷ୍ୟ ଓ ଦେବତା ମଧ୍ୟରେ ଗଢ଼ିଛି ଏକ ନିର୍ମଳ ସେତୁ। ଗ୍ରାମଦେବୀଙ୍କ ପାଇଁ ଆଜି ମଧ୍ୟ ଦିଆଯାଉଥିବା ମାଟିର ଘୋଡ଼ା ସେହି ଆସ୍ଥାର ଶାଶ୍ୱତ ସଙ୍କେତ। ପିପିଲିର ଚାନ୍ଦୁଆ କାମ ହେଉଛି ରଙ୍ଗ, ଆଲୋକ ଓ ଆନନ୍ଦର ଉତ୍ସବ। ରଙ୍ଗ ଲଗା କପଡ଼ା ଖଣ୍ଡକୁ ଯୋଡ଼ି ତିଆରି ହୋଇଥିବା ଚାନ୍ଦୁଆ, ଛତା, ପଙ୍ଖା ଓ ଚିତ୍ରପଟ ଦେଖିଲେ ଲାଗେ ହାତ ଓ ରଙ୍ଗ ଏକାଠି ହୋଇ ଗାଉଛି ଜୀବନର ଗୀତ। ସୁବର୍ଣ୍ଣ ଘାସରେ ମହିଳାମାନଙ୍କ ହାତରେ ତିଆରି ଟୋକେଇ, ସପ ଓ ଗାଲିଚା ଦେଖିଲେ ଲାଗେ ଯେପରି ସାଧା ସାମଗ୍ରୀ ମଧ୍ୟ ସୁନ୍ଦରତା ଓ ସ୍ୱାଭିମାନର ପ୍ରତୀକ ହୋଇପାରେ। ଘାସ ଯେତେବେଳେ ଶିଳ୍ପ ହୁଏ, ସେତେବେଳେ ମାଟିର ସହିଷ୍ଣୁତା ଓ ମଣିଷର ସାଧନା ଏକାଠି ହୋଇ ଗାଉଥାଏ ଜୀବନର ସ୍ତୋତ୍ର।

ଓଡ଼ିଆ ଶାଢ଼ି ହେଉଛି ଆମ ଆତ୍ମାର ବସ୍ତ୍ର। ସମ୍ବଲପୁରୀ ହେଉ କି ବରହମପୁରୀ, ପ୍ରତ୍ୟେକ ଶାଢ଼ି ଗୋଟିଏ ଅଞ୍ଚଳର ସଙ୍ଗୀତ ଓ ଜୀବନର ଗାଥା। ଶଙ୍ଖ, ଫୁଲ, ଲତା - ଏହି ଛାପ ଓଡ଼ିଆ ନାରୀର ସାହସ, ସଂସ୍କାର ଓ ସୌନ୍ଦର୍ଯ୍ୟକୁ ବୁଣି ରଖିଛି। ଏହା କେବଳ ବସ୍ତ୍ର ନୁହେଁ, ଶ୍ରମ ଓ ସ୍ୱାଭିମାନର ଶିଳ୍ପିତ ଅନୁବାଦ। ସେପରି କଟକର ତାରକସି କାମ ଓଡ଼ିଆ କାରିଗରୀର ମହିମା। ସୂକ୍ଷ୍ମ ରୁପା ତାରରେ ଗଢ଼ିଥିବା ରଥ, ଅଳଙ୍କାର ଓ ଦେବତା ଆକୃତିଗୁଡ଼ିକ କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ମନୁଷ୍ୟ ଧୈର୍ଯ୍ୟ ଓ ଆସ୍ଥାର ଦିବ୍ୟ ପ୍ରତୀକ। ପ୍ରତ୍ୟେକ ତାର ହେଉଛି ଶ୍ରଦ୍ଧା ଓ ସାଧନାର ଏକ ସୂତ୍ର, ଯାହା ଆଜି ମଧ୍ୟ ଓଡ଼ିଆ ହୃଦୟକୁ ଗର୍ବିତ କରେ।

ପିତଳ କିମ୍ବା ମାଟିର ଦୀପ ଯେପରି ଘରକୁ ଆଲୋକିତ କରେ, ସେହିପରି ଓଡ଼ିଆ ହସ୍ତଶିଳ୍ପ ଆମ ସଂସ୍କୃତି ଓ ଆଶାକୁ ଆଲୋକିତ କରେ। ଆଜି ସାରା ବିଶ୍ୱ ଯେତେବେଳେ ଅଟୋମେସନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ମନୁଷ୍ୟତା ଖୋଜୁଛି, ଓଡ଼ିଶା ତା'ର ହସ୍ତଶିଳ୍ପ ମାଧ୍ୟମରେ ସ୍ମରଣ କରାଉଛି ଯେ ସବୁଠାରୁ ବଡ଼ ଟେକନୋଲୋଜି ହେଉଛି ମଣିଷ ହାତ। ଆଉ ସବୁଠାରୁ ଶକ୍ତିଶାଳୀ ସଫ୍ଟୱେୟାର ହେଉଛି ତାହାର ହୃଦୟ। ଓଡ଼ିଆ ହସ୍ତଶିଳ୍ପ ଆଜି କେବଳ ଗତଐତିହ୍ୟ ନୁହେଁ, ଏହା ଆଗାମୀ କାଲିର ଆଶା ମଧ୍ୟ। ପରିବର୍ତ୍ତିତ ସମୟରେ ଏହା ମାନବତା, ସୃଜନ ଓ ସମ୍ମିଳନର ଏକ ମଡେଲ୍ ଭାବେ ଉଦିତ ହେଉଛି।

ଯଦି ଆମେ ଆମ ଶିଳ୍ପକୁ ସମୟ ସହିତ ଯୋଡ଼ି ରଖିପାରିବୁ, ନବତନ୍ତ୍ରର ସହିତ ଯୋଗାଯୋଗ ରଖି ତା'ର ଆତ୍ମାକୁ ଅକ୍ଷୁଣ୍ଣ ରଖିପାରିବୁ, ତେବେ ଓଡ଼ିଶା ହସ୍ତତନ୍ତ୍ର ଶିଳ୍ପ ସଂସ୍କୃତିର ବତୀଘର ହୋଇପାରିବ। ଯେତେବେଳେ ହାତ ହୃଦୟ ସହିତ ଚାଲେ ଏବଂ ସେହି ହାତ ସମୟ ସହିତ ତାଳ ଦିଏ, ସେତେବେଳେ ଜନ୍ମ ନେଉଥାଏ ଏମିତି ହସ୍ତଶିଳ୍ପ, ଯାହା କେବଳ ନିଜ ଅଞ୍ଚଳ ନୁହେଁ, ସାରା ପୃଥିବୀର ଆତ୍ମାକୁ ଆଲୋକିତ କରିପାରେ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ପ୍ରାଣଘାତୀ ବାଣ ଓ ବାଜା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପ୍ରାୟ ପ୍ରତ୍ୟେକ ସାର୍ବଜନୀନ ଉତ୍ସବ ପାଳନ ଅବସରରେ ଆମେ ପ୍ରାଥମିକତା ଦେଉଛୁ ବାଣ ଓ ବାଜାକୁ। ପରିବେଶ ଓ ପରିସଂସ୍ଥାକୁ ଗୁରୁତ୍ୱ ଦେଉଥିବା ଆମ ସଂସ୍କୃତିରେ ପୂଜାପାର୍ବଣ ସହିତ ଏହା କିପରି ସମ୍ମିଳିତ ହେଲା ତାହା ବୁଝି ହେଉନାହିଁ। ସାଧାରଣତଃ ବାଣରେ ଥାଏ ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସଫରସ, ପଟାସିୟମ ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଇତ୍ୟାଦି। ପୁନଶ୍ଚ ଏଥିରୁ ନିର୍ଗତ ଶିଖାକୁ ନାନାରଂଗ ପ୍ରଦାନ କରିବାକୁ ଏଥିସହିତ ଯୋଗ କରାଯାଇଥାଏ ସୋଡିୟମ, ତମ୍ବା, ବେରିୟମ ଧାତୁର ବିବିଧ ଲବଣ। ଏଣୁ ବାଣ ଫୁଟିଲେ ସେଥିରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ଗନ୍ଧକର ଅକ୍ସାଇଡ ସମୂହ, ସୂକ୍ଷ୍ମ ଭାସମାନ କଠିନ ପଦାର୍ଥ, ଅଙ୍ଗାର ଓ ବିବିଧ ଧାତବ କଣିକା ଇତ୍ୟାଦି।

ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ପ୍ରଭାବ ବର୍ଣ୍ଣନା କରିବସିଲେ ପୁରାଣଟିଏ ହେବ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପାହଞ୍ଚାଲା ବେଳେ ଅମ୍ଳବୃଷ୍ଟି ମଧ୍ୟ କରାନ୍ତି। ସେହିପରି କାର୍ବନ ମନୋକସାଇଡ ରକ୍ତର ଅମ୍ଳଜାନବାହୀ ଗୁଣକୁ ପ୍ରତିହତ କରେ ଏବଂ ସୂକ୍ଷ୍ମ ଭାସମାନ କଠିନ ପଦାର୍ଥଗୁଡ଼ିକ ଶ୍ୱାସରୋଗଠାରୁ ହୃଦ୍‌ରୋଗ ଯାଏ ନାନାରୋଗର କାରଣ ଅଟନ୍ତି। ପୁନଶ୍ଚ ଅଙ୍ଗାରକାମ୍ଳ ତ ଏକନମ୍ବର ସବୁଜ ଗୃହ ବାଷ୍ପ। କ୍ଷୋଭର ବିଷୟ ଯେ ପର୍ବପର୍ବାଣୀ ଅବସରରେ ଆମେ ଏସବୁ ପ୍ରତି ଧ୍ୟାନ ନଦେଇ ମନଇଚ୍ଛା ବାଣ ଫୁଟାଇଥାଉ। ଫଳରେ ଦେଶର ପ୍ରାୟ ସମସ୍ତ ସହର ଓ ନଗରରେ ବାୟୁ ପ୍ରଦୂଷଣର ମାତ୍ରା ଅନେକ ଗୁଣ ବଢ଼ିଯାଏ।



ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୮୦/୯୦ ରୁ ଆରମ୍ଭ କରି ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି। ଆମର ସାଧାରଣ ସହନୀୟ ସୀମା ହେଲା ୫୦ ରୁ ୬୦ ଡେସିବଲ। ଅତଏବ ଏହା ଆମ ସ୍ମୃତି ଓ ଶ୍ରବଣ ଶକ୍ତି ହ୍ରାସ କଲା ବେଳେ ମୁଣ୍ଡବ୍ୟଥା, ଛାତିରେ ଯନ୍ତ୍ରଣା, ଚର୍ମଜ୍ୱଳନ, ପାକସ୍ଥଳୀରେ ଘା, ହୃତସ୍ପନ୍ଦନ ହାର ବୃଦ୍ଧି, ହୃଦରୋଗ ସୃଷ୍ଟି କରେ ଏବଂ ଆମ ଚୟାପଚୟ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଏ। ବିବିଧ ପର୍ବପର୍ବାଣୀ ଅବସରେ ଧ୍ୱନି ପ୍ରଦୂଷଣ ଦିଲ୍ଲୀ, ମୁମ୍ବାଇ, କଲିକତା, ଲକ୍ଷ୍ନୌ, ଅହମ୍ମଦାବାଦ ଆଦି ନଗରୀମାନଙ୍କରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଏପରିକି ଆମ କଟକ ମଧ୍ୟ ଏଥିରୁ ବାଦ ପଡ଼େ ନାହିଁ।

ବାଣ ସହିତ ଏବର ସମସ୍ୟାକୁ ଅଧିକ ତୀବ୍ର କରୁଛି ବାଜା ଓ ଡାକବାଜି ଯନ୍ତ୍ର। ବିଭିନ୍ନ ବାଜାରୁ ୯୦ ରୁ ୧୪୦ ଡେସିବଲ ଧ୍ୱନି ନିର୍ଗତ ହେଉଥିବା ବେଳେ ଡାକବାଜି ଯନ୍ତ୍ର କ୍ଷେତ୍ରରେ ତାହା ୧୦୦ ରୁ ୧୩୦। ସହଜେ ତ ଗାଡ଼ି ମୋଟର, କଳାକାରଖାନା, ଉଡ଼ାଜାହାଜ ଆଦିଙ୍କ ଯୋଗୁଁ ବାୟୁ ଓ ଧ୍ୱନି ପ୍ରଦୂଷଣ ବଢ଼ି ଲାଗିଛି। ସେଥିସହିତ ଏହି ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାଟିକୁ ଅଧିକ ଜଟିଳ କରି ପକାଉଛି।

ବିଡ଼ମ୍ବନାର କଥା ଯେ ଏହାକୁ ଆମେ ଉପଭୋଗ କରୁଛୁ ଆମ ପ୍ରଚଳିତ ପରମ୍ପରା ଓ ଧର୍ମାନୁଷ୍ଠାନର ଦାହି ଦେଇ। ଏକଥା କହିଲାବେଳେ ଆମେ ଭୁଲି ଯାଉଛୁ ଯେ ମଣିଷର ଜୀବନଧାରା ଓ ଚେନତାକୁ ସମୁନ୍ନତ ଓ ଶୃଙ୍ଖଳିତ କରିବାକୁ ଧର୍ମ ଓ ପରମ୍ପରାର ସୃଷ୍ଟି। ଅତଏବ ସମାୟାନୁକ୍ରମେ ଏହା ମଧ୍ୟରେ ଯୁକ୍ତିସିଦ୍ଧ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ନଚେତ୍ ତାହା ହରାଇବା ବସିବ ପ୍ରାସଙ୍ଗିକତା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଓଡ଼ିଶା ପୁଲିସକୁ ସତର୍କ କଲା ଛତିଶଗଡ଼ ଗୁଇନ୍ଦା ବିଭାଗ**

## ଉପନିର୍ବାଚନରେ ହିଂସା ଘଟାଇପାରନ୍ତି ମାଓବାଦୀ

ଭୁବନେଶ୍ୱର,୧୩।୧୦(ସମିସ): ନିଜ ସ୍ଥିତି ଜାହିର କରିବା ଲାଗି ନୂଆପଡ଼ା ଉପ ନିର୍ବାଚନ ସମୟରେ ହିଂସା ଘଟାଇ ପାରନ୍ତି। ଛତିଶଗଡ଼ ଗୁଇନ୍ଦା ବିଭାଗ ଓଡ଼ିଶା ପୁଲିସକୁ ଦେଇଛି ଏପରି ସୂଚନା। ଯାହାକୁ ନେଇ ଓଡ଼ିଶା ପୁଲିସ ସତର୍କ ହେବା ସହ ବିଏସ୍ଏଫ ଓ ଅନ୍ୟ ଯବାନଙ୍କୁ ଆଲର୍ଟ ରଖାଯାଇଛି। ଓଡ଼ିଶାରେ ମାଓବାଦୀ ଏତେଟା ସକ୍ରିୟ ନଥିବା ବେଳେ ଛତିଶଗଡ଼ି ମାଓବାଦୀଙ୍କ ଉପରେ ପୁଲିସର ନଜର ରହିଛି। ଛତିଶଗଡ଼ ସୀମା ସଂଲଗ୍ନ ଜଙ୍ଗଲ ଦେଇ ମାଓବାଦୀ ଓଡ଼ିଶାରେ ପ୍ରବେଶ ଆଶଙ୍କା ଥିବାରୁ ପୁଲିସ ଯୋଜନା ପ୍ରସ୍ତୁତ କରିଛି। ସୁନାବେଡ଼ା କୋର ଅଞ୍ଚଳ ଉପରେ ପୁଲିସ ନଜର ରହିଥିବା ଆଣ୍ଟି ନକ୍ସଲ ଅପରେସନ୍ ଏଡିଜି ସଞ୍ଜିବ ପଣ୍ଡା କହିଛନ୍ତି।

■ ସୀମା ସିଲ୍, ସୀମାନ୍ତବର୍ତ୍ତୀ ଅଞ୍ଚଳରେ କଡ଼ା ପହରା
■ ସମ୍ବେଦନଶୀଳ ବୁଥ୍ ଉପରେ ରହିବ ନଜର: ଏଡିଜି

ଶ୍ରୀ ପଣ୍ଡାଙ୍କ ସୂଚନା ଅନୁସାରେ ନୂଆପଡ଼ା ସୀମାରେ ଛତିଶଗଡ଼ ରହିଥିବା ମାଓବାଦୀ ସକ୍ରିୟ ରହିଛନ୍ତି। ତେଣୁ ଉପନିର୍ବାଚନ ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁଲିସ ଏବଂ ଯବାନଙ୍କ ସମନ୍ୱୟରେ ଅପରେସନ୍ ଜୋରଦାର କରାଯାଇଛି। ଆହୁରି ମଧ୍ୟ ଡ୍ରୋନ୍ ଏବଂ ଅନ୍ୟ ଟେକ୍ନୋଲୋଜି ମାଧ୍ୟମରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ନୂଆପଡ଼ା ଏବଂ ଛତିଶଗଡ ସୀମାକୁ ସିଲ କରି ଦିଆଯାଇଛି, ଯବାନ ଏବଂ ପୁଲିସ ସେଠାରେ ପଉଁତରା ମାରୁଛନ୍ତି। କୋର ଅଞ୍ଚଳରେ ଅତି ସତର୍କତାର ସହ ଯବାନମାନେ ସର୍ଚ୍ଚ ଅପରେସନ୍ କରୁଛନ୍ତି। ସମ୍ବେଦନଶୀଳ ବୁଥ୍ ଉପରେ ଆମର ନଜର ରହିବ। ଯଦି କିଛି ସୂଚନା ଆସେ ତେବେ ଆମେ ତୁରନ୍ତ ଆକ୍ସନ ନେବୁ ବୋଲି ଏଡିଜି କହିଛନ୍ତି।

ଏବେ ମାଓବାଦୀମାନେ ଗାଁମାନଙ୍କରେ ମିଳିସିଆଙ୍କୁ ସକ୍ରିୟ କରୁଛନ୍ତି ଓ ଛତିଶଗଡ଼ର ଦୁର୍ଗମ ଅଞ୍ଚଳର ପିଲାମାନେ ଅଶିକ୍ଷିତ ହୋଇ ରହିଥିବାରୁ ସେମାନଙ୍କୁ ପ୍ରଲୋଭନ ଦେଖାଇ ସଂଗଠନରେ ସାମିଲ୍ ପାଇଁ ଉଦ୍ୟମ ଚଳାଇଛନ୍ତି। ଏବେ ନକ୍ସଲ ସଂଗଠନରେ ମାତ୍ର ୮ରୁ ୧୦ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ରହିଛନ୍ତି। ଏମାନଙ୍କୁ ଏକତ୍ରିତ ହେବାକୁ ପୁଲିସ ଦେଉ ନ ଥିବା ବେଳେ ସଂଗଠନକୁ ମଜଭୂତ କରିବା ପାଇଁ ଯୁବ ଏବଂ ନାବାଳକଙ୍କୁ ଟାର୍ଗେଟ କରିଛନ୍ତି ନକ୍ସଲ।

**■ ଦାମ୍ପତ୍ୟ ବିବାଦରେ ହାଇକୋର୍ଟଙ୍କ ରାୟ**

## ପିତାମାତାଙ୍କ ସାକ୍ଷାତ ଅଧିକାର ପ୍ରସଙ୍ଗରେ ଅଦାଲତ ନିଷ୍ପତ୍ତି ନେବା ଆବଶ୍ୟକ

କଟକ, ୧୩।୧୦ (ସମିସ): ପିଲାର ସର୍ବୋତ୍ତମ ହିତ ଦୃଷ୍ଟିକୋଣରୁ ବାପା-ମା'ଙ୍କ ସାକ୍ଷାତ ଅଧିକାର ପ୍ରସଙ୍ଗରେ ଅଦାଲତ ନିଷ୍ପତ୍ତି ନେବା ଦରକାର ବୋଲି ଏକ ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟ ରାୟ ଦେଇଛନ୍ତି। ଦାମ୍ପତ୍ୟ କଳହ ଜନିତ ବିବାଦରୁ ପୃଥକ୍ ରହୁଥିବା ଦମ୍ପତିଙ୍କ ମଧ୍ୟରୁ ମା' ପାଖରେ ରହୁଥିବା ପୁଅକୁ ଭେଟିବାକୁ ଅନୁମତି ଲୋଡ଼ି ବାପା ଦାୟର କରିଥିବା ଆବେଦନକୁ ଖାରଜ କରି କଟକ ପରିବାର ଅଦାଲତ ପ୍ରଦାନ କରିଥିବା ୨୦୨୫ ମାର୍ଚ୍ଚ ୨୪ରେ ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ରାୟ ଦେଇଛନ୍ତି।

ଦମ୍ପତିଙ୍କ ମଧ୍ୟରୁ ଜଣଙ୍କ ପାଖରେ ପିଲା ରହୁଥିଲେ ଅନ୍ୟ ଜଣଙ୍କୁ ସାକ୍ଷାତ କରିବାକୁ ସୁଯୋଗ ଦିଆଯିବା ସଂପର୍କିତ ଅଧିକାର ଉଭୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ସାକ୍ଷାତ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବା ବେଳେ ବାପା-ମା'ଙ୍କ ମଧ୍ୟରୁ କେବଳ ଜଣଙ୍କ ମତାମତ ବିଚାରକୁ ନିଆଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିମ୍ନ ଅଦାଲତରେ ମାମଲାର ଚୂଡ଼ାନ୍ତ ଫଇସଲା ପର୍ଯ୍ୟନ୍ତ ଆବେଦନକାରୀ କେଉଁ ସ୍ଥାନ, ସମୟ ଓ ବ୍ୟବଧାନରେ କିଭଳି ଭାବେ ତାଙ୍କ ପୁଅକୁ ସାକ୍ଷାତ କରିବେ, ସେନେଇ ଉଭୟପକ୍ଷ ତଥା ସେମାନଙ୍କ ଆଇନଜୀବୀଙ୍କ ସହ ଆଲୋଚନା କରି ପରିବାର ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଉଭୟ ଦମ୍ପତି ଅଲଗା ରହୁଥିବା ବେଳେ ଝିଅ ମା'ଙ୍କ ସହ ଓ ପୁଅ ବାପାଙ୍କ ସହ ରହିବ ବୋଲି ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଦିନେ ପୁଅକୁ ସ୍କୁଲରେ ବାପା ଛାଡ଼ିଥିବା ବେଳେ ତାଙ୍କୁ ମା' ନେଇ ଯାଇଥିଲେ। ପୁଅକୁ ପାଇବା ପାଇଁ ବାପା ପରିବାର ଅଦାଲତରେ ଆବେଦନ କରିଥିଲେ। ମାମଲା ବିଚାରାଧୀନ ଥିବା ବେଳେ ପୁଅକୁ ଭେଟିବାକୁ ଅନୁମତି ଲୋଡ଼ି ଏକ ଅନ୍ତରୀଣ ଆବେଦନ ବାପା ଦାୟର କରିଥିଲେ। ଏହି ଆବେଦନ ପରିବାର ଅଦାଲତ ଖାରଜ କରିବା ପରେ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚିର ନମସ୍ୟ ପ୍ରତିଭା ସ୍ମରଣେ...

### (ଡ. ପ୍ରେମଲତା ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି)

ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷା ବିଭାଗର ପୂର୍ବତନ ପ୍ରଫେସର୍ ଡକ୍ଟର ପ୍ରେମଲତା ମହାପାତ୍ରଙ୍କ ବିୟୋଗ ସମଗ୍ର ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶାର ଶିକ୍ଷା ଜଗତରେ ତାଙ୍କର ଏକ ବିଶେଷ ପରିଚୟ ଓ ପ୍ରତିଷ୍ଠା ରହିଛି। ନିଜର ଦକ୍ଷତା ଓ ପାରଦର୍ଶିତା ବଳରେ ସେ ସୁନାମ ଅର୍ଜନ କରି ଛାତ୍ରଛାତ୍ରୀମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଜଣେ ଛାତ୍ରବତ୍ସଳ ଅଧ୍ୟାପିକା ଓ ଗବେଷିକା ଭାବରେ ସେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନ ହାସଲ କରିଥିଲେ। ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ତାଙ୍କ ପରଲୋକରେ ଆମେ ସମସ୍ତେ ସ୍ତବ୍ଧ।



ପ୍ରେମ ମ୍ୟାଡାମଙ୍କର ଛାତ୍ରୀ ହେବାର ସୁଯୋଗ ତଥା ସୌଭାଗ୍ୟ ମୋତେ ୧୯୯୨ ମସିହାରେ ମିଳିଥିଲା। ସେତେବେଳେ ମୁଁ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାରେ ଏମ୍.ଫିଲ୍ କରୁଥିଲି। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ନିର୍ଭୀକତା, ନିଷ୍ଠାପରତା ତଥା ଦୃଢ଼ୋକ୍ତି ଯୋଗୁଁ ଯେ କେହି ତାଙ୍କ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ବାଣ୍ଟିବା ସହ ସେମାନଙ୍କ ମଧ୍ୟରେ ଦୂରଦୃଷ୍ଟି, ଚିନ୍ତାଶକ୍ତି ତଥା ଗବେଷଣାତ୍ମକ ମନୋଭାବର ଉଦ୍ରେକ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ସାରା ଜୀବନ ଶିକ୍ଷାର ଅଭିବୃଦ୍ଧି ପାଇଁ ସେ ଥିଲେ ସର୍ବଦା ଚେଷ୍ଟିତ। ଏସ୍‌ସିଇଆର୍‌ଟିରେ ଉପନିର୍ଦ୍ଦେଶିକା, ରେଭେନ୍ସା ମହାବିଦ୍ୟାଳୟ ଓ ବିଜେବି ମହାବିଦ୍ୟାଳୟରେ ଶିକ୍ଷା ବିଭାଗରେ ବିଭାଗୀୟ ମୁଖ୍ୟ ଆଦି ଅନେକ ଉଚ୍ଚ ପଦବୀରେ କାର୍ଯ୍ୟ କରି ୨୦୦୫ ମସିହାରେ ସେ ଅବସର ଗ୍ରହଣ କରିଥିଲେ।

ବିଜେବି ମହାବିଦ୍ୟାଳୟରୁ ଅଧ୍ୟାପନା ଯାତ୍ରା ସମାପନ କରି ଅବସର ପରେ ସିକିମ୍‌ର ଗ୍ୟାଙ୍ଗଟକ୍‌ରେ ମଧ୍ୟ ବହୁବର୍ଷ ଧରି ସେ ଅଧ୍ୟାପନା ଜାରି ରଖିଥିଲେ। ଦୀର୍ଘ ବର୍ଷର ଅଧ୍ୟାପନା କାଳରେ ସେ ସହସ୍ରାଧିକ କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସରକାରୀ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଧିଷ୍ଠିତ। ଏହାହିଁ ବୋଧହୁଏ ଜଣେ ଶିକ୍ଷକଙ୍କର ସର୍ବୋଚ୍ଚ କୃତି ଓ ଗୌରବ। ତାଙ୍କ ବିୟୋଗ ଆମ ସମସ୍ତଙ୍କୁ ଗଭୀର ଭାବେ ମର୍ମାହତ କରିଛି। ବ୍ୟକ୍ତିଗତ ଭାବରେ ତାଙ୍କର ବିୟୋଗ ମୋ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ମୁଁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ତାଙ୍କ ପବିତ୍ର ଆତ୍ମା ଶାନ୍ତି ଲାଭ କରୁ - ଏହା ଈଶ୍ୱରଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା।

ପ୍ରଫେସର୍ ସବିତା ନାୟକ
ନଳିନୀଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ଭୁବନେଶ୍ୱର

**ଅନଲାଇନରେ ଇ-ଚାଲାଣ ଓଟିଏସ ରିହାତି ଅର୍ଥ ପଇଠ ସୁବିଧା**

## ଇ-ଚାଲାଣ ପଇଠ ନକଲେ ରଦ୍ଦ ହେବ ଗାଡ଼ି ପଞ୍ଜୀକରଣ

କଟକ, ୧୩।୧୦ (ସମିସ): ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣର ଏକକାଳୀନ ଫଇସଲା (ଓଟିଏସ) ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରିହାତି ଅର୍ଥରାଶି ପଇଠ ପାଇଁ ଏଣିକି ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଗୁଡ଼ିକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ପରିବହନ ବିଭାଗର ୱେବ୍‌ସାଇଟ୍ https://echallan.parivahan.gov.in/ରେ କ୍ଲିକ୍ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଚାଲାଣ ଅର୍ଥ ପଇଠ କରିହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଇ-ଚାଲାଣ ପୈଠ ନ କଲେ, ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ତରଫରୁ କୁହାଯାଇଛି। ଏଥିପାଇଁ ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛି ବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟାରେ ମୋଟରଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। କୌଣସି ସୂଚନା ପାଇଁ ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୦୭୩ରେ ମଧ୍ୟ ଯୋଗାଯୋଗ କରିବାକୁ କୁହାଯାଇଛି।

## ଛାତ୍ରବୃତ୍ତି ଆବେଦନ ଅବଧି ୨୪ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୩।୧୦ (ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ବା ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି ପାଇଛି। ଇ-ମେଧାବୃତ୍ତି ସମେତ ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଛାତ୍ରବୃତ୍ତି ପାଇଁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଆବେଦନଗୁଡ଼ିକୁ ୩୧ତାରିଖ ମଧ୍ୟରେ ଯାଞ୍ଚ କରିପାରିବେ। ତନ୍ମଧ୍ୟରୁ ଗୋପବନ୍ଧୁ ଶିକ୍ଷା ସହାୟତା ଆବେଦନ ଯାଞ୍ଚ ଅବଧି ନଭେମ୍ବର ୧୦ ପର୍ଯ୍ୟନ୍ତ ରଖାଯାଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ www.scholarship.odisha.gov.inରେ ଆବେଦନ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଇ-ମେଧାବୃତ୍ତିରେ ସ୍ନାତକ ପିଲାଙ୍କୁ ବାର୍ଷିକ ୧୦ ହଜାର, ସ୍ନାତକୋତ୍ତରଙ୍କୁ ୧୫ହଜାର ଏବଂ ବୈଷୟିକ ଓ ବୃତ୍ତିଗତ ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କା ସହାୟତା ମିଳିବ।

**■ ପଶ୍ଚିମବଙ୍ଗରେ ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା**

## ପୀଡ଼ିତା ଏବଂ ମା'ଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୦ (ସମିସ): ଏଠି ଝିଅର ପାଠ ପଢ଼ାକୁ ନେଇ ଭାରି ଚିନ୍ତା ଲାଗୁଛି। ଝିଅର ମଧ୍ୟ ଏଠି ପଢ଼ିବା ପାଇଁ ଇଚ୍ଛା ନାହିଁ। ଆମକୁ ଭାରି ଭୟ ଲାଗୁଛି। ଯଦି ଆପଣ ଭୁବନେଶ୍ୱରରେ ପାଠ ପଢ଼ାଇବାର ବ୍ୟବସ୍ଥା କରନ୍ତେ, ଭଲ ହୁଅନ୍ତା। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଫୋନରେ କଥା ହେବା ବେଳେ ଏମିତି କିଛି ଅନୁରୋଧ କରିଛନ୍ତି ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଗଣଦୁଷ୍କର୍ମର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ମାଆ। ନିଜେ ପୀଡ଼ିତା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସମାନ ଦାବି ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏନେଇ ଅନୁଧ୍ୟାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପରେ ଯାହା ହୋଇପାରିବ, ସେନେଇ ପଦକ୍ଷେପ ନେବି।

ମୁଖ୍ୟମନ୍ତ୍ରୀ ସୋମବାର ସନ୍ଧ୍ୟାରେ ପୀଡ଼ିତା, ତାଙ୍କ ମା' ଏବଂ ସେଠାରେ ଉପସ୍ଥିତ ଓଡ଼ିଶା ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କୁ କହିଛନ୍ତି 'ଚିନ୍ତା କରନାହିଁ, ଓଡ଼ିଶା ସରକାର ସମ୍ପୂର୍ଣ୍ଣ ଭାବେ ତୁମ ସହ ଅଛନ୍ତି।' ପୀଡ଼ିତାଙ୍କ ମା'ଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ କଥା ହୋଇ ଅପରାଧୀମାନେ ଯେପରି ଶୀଘ୍ର ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପାଇଁ ଓଡ଼ିଶା ସରକାର ତାଙ୍କର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ସେଠାରେ ଉପସ୍ଥିତ ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରିବା କରି ଝିଅକୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଚାପ ସୃଷ୍ଟି କରିବା ପାଇଁ ସବୁ ଫୋରମ୍‌ର ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**■ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦଙ୍କୁ ଭେଟିଲେ କନକ**

## ବଳକା ଚାଉଳ ଉଠାଣ ନେଇ ଦୋହରାଇଲେ ଦାବି

ଭୁବନେଶ୍ୱର୧୩।୧୦(ସମିସ): ରାଜ୍ୟରେ ବଳକା ଚାଉଳ ଉଠାଣ ପାଇଁ ପୁଣିଥରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି କୃଷିମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ସୋମବାର ଶ୍ରୀ ସିଂହଦେଓ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍ଡ୍ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ପତ୍ର ତାଙ୍କୁ ହସ୍ତାନ୍ତର କରିଛନ୍ତି।

■ କଷ୍ଟମ୍ ମିଲ୍ଡ୍ ଚାଉଳର ବିତରଣ ସମୟସୀମା ବୃଦ୍ଧି
■ ବାରମ୍ବାର ଦାବି ସତ୍ତ୍ୱେ ଚାଉଳ ଉଠାଉନି ଏଫସିଆଇ

ଭାରତ ସରକାରଙ୍କ ଦ୍ୱାରା ଧାନ ସଂଗ୍ରହ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ ଧାର୍ଯ୍ୟ ହୋଇଥିବା ବେଳେ ରାଜ୍ୟରେ ୬୨.୫୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ତେଣୁ ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ କଷ୍ଟମ୍ ମିଲ୍ ଚାଉଳର ବିତରଣ ସମୟସୀମା ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ଓ ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ କନକ ଅନୁରୋଧ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ, ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ ରାଜ୍ୟରୁ ବଳକା ଚାଉଳ ଉଠାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଏକାଧିକ ବାର ଦାବି ଉପସ୍ଥାପନ କରି ସାରିଛନ୍ତି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛନ୍ତି। ଏଫସିଆଇ ରାଜ୍ୟରୁ ଚାଉଳ ଉଠାଉ ନଥିବାରୁ ଏହି ବଳକା ଚାଉଳ ନଷ୍ଟ ହେବା ନେଇ ଆଶଙ୍କା ଦେଖାଦେଲାଣି। ତେବେ ଏଫସିଆଇ ବଳକା ଚାଉଳ ନଉଠାଇଲେ ଟେଣ୍ଡର ମାଧ୍ୟମରେ ଏହି ଚାଉଳ ବିକ୍ରି କରାଯିବ ବୋଲି ନିକଟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଉତ୍ତର ରଖିଥିଲେ।

## ମାଇକ୍ରୋସଫ୍ଟ ପରିସରରେ 'ସାଇ ମାଙ୍ଗଲ୍ୟ'

**ଅନ୍ୟର ସଂସ୍କୃତିକୁ ସମ୍ମାନ କରୁଥିବା ସଂସ୍କୃତି ଶ୍ରେଷ୍ଠ ସଂସ୍କୃତି : ଗୁରୁଜୀ ଡ. ଶତପଥୀ**




ରେଡମଣ୍ଡ(ୱାଶିଂଟନ), ୧୩।୧୦: ଆମେରିକା ଗସ୍ତର ତୃତୀୟ କାର୍ଯ୍ୟକ୍ରମରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ରେଡମଣ୍ଡ ସହରର ମାଇକ୍ରୋସଫ୍ଟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ଆୟୋଜିତ ସାଇ ମାଙ୍ଗଲ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁଜୀ ଡ. ଶତପଥୀ ଭାରତର ମହାନ୍ ସଂସ୍କୃତିର ଅବତାରଣା କରିଥିଲେ। ସେ କହିଲେ ଯେ ନିଜର ସଂସ୍କୃତିର ମୂଲ୍ୟକୁ ବଜାୟ ରଖି ଅନ୍ୟର ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରିବା ଆମର ଧର୍ମ। ଅନ୍ୟର ସଂସ୍କୃତିକୁ ସମ୍ମାନ କରୁଥିବା ସଂସ୍କୃତି ଶ୍ରେଷ୍ଠ ସଂସ୍କୃତି। ଯେଉଁ ସଂସ୍କୃତି ଏହା କରେ ନାହିଁ ତାହା ସବୁଠାରୁ ନିକୃଷ୍ଟ ସଂସ୍କୃତି। ଶିରିଡ଼ି ସାଇବାବାଙ୍କର ସମଗ୍ର ଜୀବନ ସାଂସ୍କୃତିକ ସମନ୍ୱୟ ଓ ସଂହତି ଉପରେ ଆଧାରିତ ଥିଲା। ସମସ୍ତଙ୍କର ମନ ମିଶାଇବା ତାଙ୍କର ମୁଖ୍ୟ ଧ୍ୟେୟ ଥିଲା। ପରସ୍ପର ଭିତରେ ମତଭେଦ ରହିବ; କିନ୍ତୁ ସାହିତ୍ୟ, ସଂସ୍କୃତି ଓ ସଭ୍ୟତା ଏହା ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ। ଏହି ଅବସରରେ ଗୁରୁଜୀ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଭାଷାରେ ତାଙ୍କ ଦ୍ୱାରା ରଚିତ ପିତାମାତା ସ୍ତବକ ଏବଂ ଇଂରାଜୀ ଓ ହିନ୍ଦୀ ଭାଷାରେ ଶ୍ରୀଗୁରୁ ଭାଗବତ ପ୍ରାର୍ଥନା ପୁସ୍ତକ ଉନ୍ମୋଚନ କରିଥିଲେ।

## ଅବଶିଷ୍ଟାଂଶ

### ପଥରରେ ଛେଚି...

ମୃତ ଯୁବକଙ୍କ ବୟସ ପାଖାପାଖି ୨୫ବର୍ଷ ହେବ ବୋଲି ପୁଲିସ କହିଛି। ଯୁବକଙ୍କ ପରିଚୟ ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସ୍ଥାନୀୟ ବସ୍ତି ଲୋକ ଏବଂ ସେଠାରେ କାମ କରୁଥିବା ଶ୍ରମିକ, ଠିକାଦାର ଏବଂ କଣ୍ଟ୍ରାକ୍ଟରଙ୍କୁ ଏନେଇ ପଚରାଉଚରା କରିଛି। ହେଲେ ତାଙ୍କର ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ରକ୍ତଜୁଡୁବୁଡୁ ଅବସ୍ଥାରେ ଯୁବକଜଣଙ୍କ ଉଲଗ୍ନ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ, ଏସିପି ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ତାହାକୁ ଫୋରେନ୍ସିକ୍ ଟିମ୍ ଜବତ କରି ପରୀକ୍ଷା ପାଇଁ ପଠାଇଛି। କେଉଁ କାରଣ ପାଇଁ ଯୁବକଙ୍କୁ ହତ୍ୟା କରିବା ସହ ଏଠାରେ ଫିଙ୍ଗିଲା, ତାହା ଅଭିଯୁକ୍ତ ଗିରଫ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

### ଲାଲୁ, ରାବଡ଼ି...

ଲାଲୁ ହୁଇଲ୍ ଚେୟାରରେ କୋର୍ଟ ପହଞ୍ଚିଥିଲେ। ତାଙ୍କ ସହ ରାବଡ଼ି ଓ ତେଜସ୍ୱୀ ମଧ୍ୟ ଥିଲେ। ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ରାଉଜ ଆଭେନ୍ୟୁ କୋର୍ଟ ଆଜି ଅଭିଯୋଗ ନେଇ ଅନ୍ତିମ ନିଷ୍ପତ୍ତି ନେଇ ନାହାନ୍ତି ଓ ନଭେମ୍ବର ୧୦ରେ ଏହି ମାମଲାରେ କୋର୍ଟ ନିଷ୍ପତ୍ତି ନେବେ। ସେପଟେ ତେଜସ୍ୱୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଯେପର୍ଯ୍ୟନ୍ତ ଦଙ୍ଗାସୃଷ୍ଟିକାରୀ ଓ ସମ୍ବିଧାନ ବିରୋଧୀ ବିଜେପି ଶାସନରେ ଅଛି ଓ ମୋର ବୟସ ଅଛି ସେ ପର୍ଯ୍ୟନ୍ତ ବିଜେପି ସହିତ ଲଢ଼େଇ ଜାରି ରଖିବି। ଗୋଟିଏ ମାସ ତଳେ ବିହାର ଆସି ଗୃହମନ୍ତ୍ରୀ ଅମିତ ଶାହା ଧମକ ଦେଇ କହିଥିଲେ ଯେ, ନିର୍ବାଚନ ଲଢ଼ିବାକୁ ଆମର ଯୋଗ୍ୟତାକୁ କାଢ଼ିନିଆଯିବ। କିନ୍ତୁ ଆମେ ଲଢ଼ିବୁ ଓ ବିଜୟୀ ହେବୁ। ଆମେ ବିହାରୀ, ବାହାର ଲୋକଙ୍କୁ ଆମେ ଡରୁନା' ବୋଲି ତେଜସ୍ୱୀ କହିଛନ୍ତି।

### ଏସ୍ଓପି ଜାରି...

ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ। ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି। ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି। ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


**AFFIDAVIT**

By virtue of an affidavit No. 10684, Dtd.09.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as **Ashish Kumar Biswal** for all purposes.

**NOTICE**

By virtue of an affidavit sworn before The Notary Public, Sunabeda dated 09/10/2025 I, Sri. Jay Khada, S/o- Kamalu Khada, Vill.- Goilput, Po.- Badel, PS.- Padwa, District- Koraput declare that, I have changed my son's name from **Balaram Khaga** to **Bikram Khada**. Henceforth, my son shall be known as **Bikram Khada** for all purposes.
**Sd/- Jay Khada**

**LOST / FOUND**

I, **Deeptiraj Patnaik**, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**NAME CHANGE**

I **RAMESH CHANDRA SAHU,** S/o Iswar Chandra Sahu, At/Po- Bhursaguda, Ps- Sindhekela, Dist- Bolangir, Pin- 767035, Odisha declare by this Affidavit No: 4788 on dated 08.10.2025 that now onwards I shall be known as **RAMESH SAHU** for all future purposes.
(Sd- **RAMESH SAHU**)

**NAME CHANGE**

By virtue of an affidavit sworn before the Notary Public, Bhubaneswar, AF. No. 276, on dated 13/10/2025, I **PRAMOD KUMAR JENA**, S/o Late Adhikari Jena resident of Village At- Dolamandap Sahi, Patia, Bhubaneswar- 751031, Dist- Khordha, State- Odisha, declare that I have changed my wife's name from **BABITA JENA** to **BEBITA JENA.** Henceforth, she shall be known as **BEBITA JENA** for all future purposes.
(Sd- **PRAMOD KUMAR JENA**)

**AFFIDAVIT**

By virtue of an affidavit sworn before the Executive Magistrate, Muniguda, dated 13/10/2025, I, Madhu Sikaka, S/o- Late Dusa Sikaka, a resident of Village- Loharagudi, Po.- Kutragada, P.S.- Muniguda, District- Rayagada, Odisha, declare that I have changed the name of my daughter from **Manisha Sikaka** to **MONISHA SIKAKA**. Henceforth, she shall be known as **MONISHA SIKAKA** for all purposes.
**Sd/- Deponent**

**AFFIDAVIT**

I, Santosh Kumar Peda, S/o- Manoranjan Peda, resident of Chengagadia,Po - Randia, PS - Bhadrak (Rural), Dist - Bhadrak, Pin - 756135, Odisha, declare by this affidavit No - 324, dated -13.09.2025, that now onwards I shall be known as **SANTOSH PEDA** for all future purposes.

**AFFIDAVIT**

By virtue of an affidavit sworn before the the court of the Executive Magistrate, Bargarh, dated 09-10-2025, I, Prashanti Mohanty, Address - AT- Padampur PO- Rajborasambar PS- Padampur, Dist- Bargarh, Odisha- 768036 declare that I have changed my name from **Sandhyarani Mohanty** to **Prashanti Mohanty**. Henceforth, I shall be known as Prashanti Mohanty for all purposes.
**Sd/- Prashanti Mohanty**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Sanjaya Kumar Sethy, At- Samian, P.O.- Kalakal, P.S.- Bari, Dist.- Jajpur, PIN- 754082 have changed my minor daughters name from Said Mancini Sethi to Nandini Sethi. Henceforth she will be known as Nandini Sethi for all purposes.
**Sd/- Sanjaya Kumar Sethy**

**AFFIDAVIT**

I , Maheswor Parida, S/o-Basudeb Parida, resident of At- Dhaneswarpur, Po- Atal, Dist- Kendrapara, PIN- 754231, Odisha declared by this affidavit No-822, dtd- 10/10/2025 that now onwards I shall be known as **MAHESWAR PARIDA** for all future purposes

**AFFIDAVIT**

By virtue of an affidavit (SI No.645) sworn before The Notary Public, Bhubaneswar dated- 13/10/2025. I, **Anima Pradhan,** W/o Rajib Lochan Pradhan, Address: Village- Praharajpur, PO/PS- Pattamundai, Dist- Kendrapara, Odisha, Pin-754215 declare that I have changed my name from **Anima Biswal** (old name) to **Anima Pradhan** (new name). Henceforth, I shall be known as **Anima Pradhan** (new name) for all purposes.
**Anima Pradhan**

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore . SI No- 10714 Dt-10/10/2025. I Sekh Abaas Ali , Age-48, S/o- Sekh Hado At-Mirazapur, Po-Balaramgadi, ps-Marine, Dist-Balasore. That, my name recorded Aadhar and Pan is **Sekh Abaas Ali** but in my passport vide no M6308456 issued from govt of india in wich my name recorded as **Sekh Abaas Alli** instead of **Sekh Abaas Ali**. I declared that **Sekh Abaas Ali** and **Sekh Abaas Alli** are one and same person for all future purposes.

**AFFIDAVIT**

By virtue of an affidavit (CF No.01, date- 13/10/2025) sworn before the Executive Magistrate, Padampur. I, **Suman Hati,** S/o Birasen Hati, permanent & current resident of At- Beheratal, PO- Jamartala, PS- Buden, Dist- Bargarh, PIN- 768036, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.
**Suman Hati**

**ଡକୁମେଣ୍ଟ ହଜିଛି**

ଓଡ଼ିଶା, ଖୋର୍ଦ୍ଧା ଜିଲ୍ଲା- ଖୋର୍ଦ୍ଧା, ମୌଜା- କଞ୍ଚ ନସ୍ୱାଗଡ଼, ଖାତା ନମ୍ବର- ୧୦୧୫ ଏବଂ ଆରଏସଡି ନଂ-୧୫୮୦, ତାରିଖ- ୨୫/୭/୧୯୮୩, କାଗଜପତ୍ରୁ ଡାକ୍ତର ରମାକାନ୍ତ ନାୟକ, ବାପା- କସ୍ତୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ମୋ ନାମରେ ଥିବା ସେଲଡିଡ୍ କାଗଜପତ୍ର, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ହଜି ଯାଇଛି। ଏନେଇ ବାଣପୁର ଥାନା କେସ ନଂ- ୦୧୫, ତାରିଖ- ୦୯/୧୦/୨୦୨୫ରେ ଅଭିଯୋଗ ହୋଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ମୋ ମୋବାଇଲ ନଂ- ୯୪୩୮୩୧୦୯୩୪ କିମ୍ବା ବାଣପୁର ପୋଲିସ ଷ୍ଟେସନରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ଆମେ ଏଥିପାଇଁ ଦାୟୀ ରହିବୁ ନାହିଁ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

O-947

e-Procurement for Building works
Bid Identification No: EERWJYP – Online -05/2025-26

Letter No. 4408 Date: 26.09.2025

01. Name of the work : Building works
02. Total Number of works : 23 (Twenty Three) Nos.
03. Approximate Estimated cost : Rs. 1.99 lakhs to Rs. 17.15 lakhs (approximately)
04. Class of Contractor : "C" & "D" Class
05. Period of Completion : within 1 or 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-05/ RWD- JYP/2025-26 | 23 Nos. | 15.10.2025 at 10.00 A.M | 27.10.2025 upto 5.00 P.M. | 26.10.2025 at 1.30 P.M | 28.10.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division: Jeypore.

OIPR-25160/11/0022/2526

■ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ପରିଚାଳନା ପରିଷଦ ବୈଠକରେ ଚାଷୀ ସମସ୍ୟାକୁ ଗୁରୁତ୍ୱ



**ନୟାଗଡ଼,୧୩।୧୦(ସମିସ):** ନୟାଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବୈଠକ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଗତ ଦିନରେ ସମ୍ପାଦକ ପରିଚାଳନା ପରିଷଦ ବିରୁଦ୍ଧରେ ଯିବା ଓ ବ୍ୟାଙ୍କକୁ କ୍ଷତି ପହଞ୍ଚାଇବାକୁ ନେଇ ନିନ୍ଦା କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ବ୍ୟାଙ୍କ ଶାଖା ଗୁଡ଼ିକ ସଠିକ ପରିଚାଳନା, ଋଣଦେଣ ବ୍ୟବସ୍ଥାକୁ କିଭଳି ତ୍ୱରାନ୍ୱିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହା ସହିତ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ତଥା ଓଏସ୍‌ସିବି ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ବ୍ୟାଙ୍କକୁ କିଛି ମାସ ରାଜନୈତିକ ଖେଳପଡ଼ିଆ ସଜାଇ ଦିଆଯାଇଥିବା କହିଥିଲେ। ସମ୍ପାଦକ ବୋର୍ଡ ଏବଂ ବ୍ୟାଙ୍କ ବିରୁଦ୍ଧରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି, ସେଥିରୁ ଆଇନ ରକ୍ଷା କରିଛି ବୋଲି କହିଥିଲେ। ଭାରପ୍ରାପ୍ତ ସମ୍ପାଦକ ସରୋଜ କୁମାର ସାହାଣୀ ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଉପସଭାପତି ମୌସୁମୀ ସାହୁ, ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ବେହେରା, ଉପେନ୍ଦ୍ର ସାହୁ, ସୂର୍ଯ୍ୟମଣି ସାହୁଙ୍କ ସମେତ ସମସ୍ତ ପରିଚାଳନା ପରିଷଦ ନିର୍ଦ୍ଦେଶକ ଉପସ୍ଥିତ ରହିଥିଲେ।

# ଏସ୍‌ପିଙ୍କୁ ଭେଟିଲେ ପଦୋନ୍ନତି ପାଇଥିବା ପୁଲିସ ଅଧିକାରୀ



**ନୟାଗଡ଼,୧୩।୧୦(ସମିସ):** ନୟାଗଡ଼ ଜିଲ୍ଲା ପୁଲିସରେ କାର୍ଯ୍ୟରତ ୧୧ ଜଣ ଏସ୍‌ଆଇ ଇନ୍ସପେକ୍ଟର ସ୍ତରକୁ ପଦୋନ୍ନତି ପାଇଛନ୍ତି। ରାଜ୍ୟ ସରକାର ନିକଟରେ ୪୨୭ ଜଣ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍ୟାଙ୍କକୁ ପଦୋନ୍ନତି ଦେଇଛନ୍ତି। ଏହି ତାଲିକାରେ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ୧୧ ଜଣ ଏସ୍‌ଆଇ ପଦୋନ୍ନତି ପାଇଛନ୍ତି। ନୟାଗଡ଼ ଜିଲ୍ଲା ଦର୍ପନାରାୟଣପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳ, ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସଞ୍ଜୟ କୁମାର ପରିଡ଼ା, ନୟାଗଡ଼ ଟାଉନଥାନାରେ କାର୍ଯ୍ୟରତ ଏସ୍‌ଆଇ ଶିବା ରଞ୍ଜନ ସିଙ୍ଗା, ରାଜସୁନାଖଳା ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ପ୍ରୀତିପ୍ରକାଶ ମହାନ୍ତି, ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ଶ୍ରଦ୍ଧା ନାୟକ, ରଣପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସ୍ନେହଲତା ପ୍ରଧାନ, ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଏସ୍‌ଆଇ ସନ୍ତୋଷ କୁମାର ଦାଶ, ଦଶପଲ୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଏସ୍‌ଆଇ ବିନୟ ରଞ୍ଜନ ପରିଡ଼ା, ରଣପୁର ଥାନାରେ କାର୍ଯ୍ୟରତ କୃତ୍ତିବାସ ହରିଚନ୍ଦନ, ମହୀପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ବିରଞ୍ଚି ନାରାୟଣ ଅମାତ, ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ଇନ୍ସପେକ୍ଟର ର୍ୟାଙ୍କକୁ ପଦୋନ୍ନତି ମିଳିଥିବା ସୂଚନା ମିଳିଛି। ଆଜି ସମସ୍ତ ପୁଲିସ ଅଧିକାରୀ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ଭେଟିଛନ୍ତି।

# ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

**ନୟାଗଡ଼,୧୩।୧୦(ସମିସ):** ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ନୟାଗଡ଼ ପକ୍ଷରୁ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ଜିଲ୍ଲା ସଦର ମହକୁମାରସ୍ଥିତ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ବିକାଶ ଚନ୍ଦ୍ର ପଣ୍ଡା ସଭାରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଭୁବନେଶ୍ୱରର ପୂର୍ବତନ ସାଧାରଣ ସମ୍ପାଦକ ନରସିଂହ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାର ବରିଷ୍ଠ ସଂସ୍କୃତ ଶିକ୍ଷକ ମନମୋହନ ଚମ୍ପତି, କୋଷାଧ୍ୟକ୍ଷ ଶ୍ରୀହର୍ଷ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସାହୁ ସଂସ୍କୃତ ଭାଷା ସୁରକ୍ଷା ଏବଂ ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଗଠନକୁ ସୁଦୃଢ଼ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଙ୍ଘର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବାରିକ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଜିଲ୍ଲାର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ତଥା ଜିଲ୍ଲା ସଂଘର ଉପସଭାପତି ଯୋଗମାୟା ମହାପାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାର ଅନେକ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀରେ ଯୋଗ ଦେଇଥିଲେ।

ପୁଲିସ୍‌ର କୋହଳ ମନୋଭାବ

# ଜିଲ୍ଲାରେ ବଢ଼ୁଛି ଚୋରି, ଡକାୟତି ଓ ରାହାଜାନୀ

ନୟାଗଡ଼,୧୩।୧୦(ସମିସ)

ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଚୋରି, ଡକାୟତୀ ଓ ରାହାଜାନୀ ଘଟଣା ବୃଦ୍ଧି ପାଉଛି। ଅନେକ ଚୋରି ଘଟଣାର ଟେର ପୁଲିସ ପାଉନଥିବା ବେଳେ ସର୍ବସ୍ୱ ହରାଇଥିବା ବ୍ୟକ୍ତିମାନେ ମୁଣ୍ଡରେ ହାତ ଦେଇ ବସୁଛନ୍ତି। ଅନେକ ଚୋରି ଘଟଣାରୁ ପୁଲିସ ନିଜ ଦୋଷ ଖସାଇବା ପାଇଁ ଅପରାଧିଙ୍କ ନାଁରେ ରିମାଣ୍ଡ ଦେଇ ଫାଇଲ ବନ୍ଦ କରୁଛି। ଫଳରେ ଚୋରିର ଶୀକାର ହୋଇଥିବା ପରିବାର ହତୋତ୍ସାହିତ ହୋଇପଡୁଛନ୍ତି। ନିକଟରେ ନୟାଗଡ଼ ଟାଉନଥାନା ଅନ୍ତର୍ଗତ ନବଘନପୁର ଗାଁରୁ ବହୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଏହା ସହିତ ନୟାଗଡ଼ ଟାଉନଥାନା ଅଞ୍ଚଳରେ ବିଗତ ତିନି ବର୍ଷ ମଧ୍ୟରେ ଏଭଳି ଅନେକ ଚୋରି ଘଟଣାରେ ପୁଲିସ ଥଳକୁଳ ପାଇନଥିବା ଜଣାପଡ଼ିଛି। କେବଳ ସହର ନୁହେଁ, ଗାଁ ଗଣ୍ଡାରେ ମଧ୍ୟ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ଚୋରି, ଡକାୟତି ଘଟଣାର ତଦନ୍ତ ସଠିକ ଭାବେ କରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ୨୦୨୪ରୁ ଚଳିତ ବର୍ଷ ଜୁଲାଇ ମାସ ମଧ୍ୟରେ ନୟାଗଡ଼ ଜିଲ୍ଲାରେ ୫୦ଟି ହତ୍ୟା, ୧୬୦ଟି ଡକାୟତି, ୫୧ଟି ରାହାଜାନି, ୪୧୨ଟି ଚୋରି, ୧୧୧ ଦୁଷ୍କର୍ମ ଓ ତିନି ଜଣ ଗୁଣଦୁଷ୍କର୍ମ ଶୀକାର ହୋଇଛନ୍ତି। ପୁଲିସ ହତ୍ୟା ମାମଲାରେ ୫୩ ଜଣଙ୍କୁ ଗିରଫ କରିଥିବା ବେଳେ ୧୩ ଜଣଙ୍କୁ ହତ୍ୟା ଉଦ୍ୟମ, ୫୦ ଲୁଟେରା, ୯୩ ଜଣ ଡକାୟତ, ୨୩୪ ଜଣ ଚୋର, ୩୦ ଜଣଙ୍କୁ ଦୁଷ୍କର୍ମ ଓ ୮ ଜଣଙ୍କୁ ଗଣଦୁଷ୍କର୍ମ ମାମଲାରେ ଗିରଫ କରିଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହଠାତ୍ ବୃଦ୍ଧି ପାଇଥିବା ଚୋରି ଓ ଡକାୟତୀ ବୃଦ୍ଧି ପାଇବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟରତ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନୟାଗଡ଼ ଦେବୋତ୍ତର କଲୋନୀ ଘରୁ ଚୋରମାନେ କଳା କନା ବୁଲାଇବା ଘଟଣା ମଧ୍ୟ ଲୋକଙ୍କ ନଜରରେ ରହିଛି। ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ବେଳେ ପୁଲିସ ହାତ ବାନ୍ଧି ବସିଛି।

● ଚୋରି ବେଳେ ଧରାପଡ଼ିଲେ ଚୋର

## ଉତ୍ତମ ମଧ୍ୟମ ଦେଇ ପୁଲିସକୁ ହସ୍ତାନ୍ତର

**ଭାପୁର :** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ନୂଆଗାଁ ଗ୍ରାମରେ ଦୁଇ ଜଣ ଚୋର ଚୋରି କରୁଥିବା ସମୟରେ ଗାଁ ଲୋକଙ୍କ ହାତରେ ଧରା ପଡିଥିଲେ। ଜଣେ ଖସି ଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଗ୍ରାମବାସୀ ହସ୍ତାନ୍ତର କରିଛନ୍ତି। ନୂଆଗାଁ ଗ୍ରାମର ହରମୋହନ ଷଡଙ୍ଗୀ ଗାଁରେ ଅନେକ ସମୟ ରୁହନ୍ତି ନାହିଁ। ଏହାର ସୁଯୋଗ ନେଇ ରବିବାର ରାତିରେ ଦୁଇ ଜଣ ପାଉଡର ନିଶାଖିଆ ଚୋର ତାଙ୍କ ସିଡ଼ି ଘର ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ଘରୁ ହଣ୍ଡା, ହାଣ୍ଡି, ଡେକଚି, କଡେଇ ସହ ଗଡରେଜ ଆଲମାରୀ ଭାଙ୍ଗି ସୁନା ଅଳଙ୍କାର ଚୋରି କରିଥିଲେ। ସାହି ପଡିଶା ଦୁଇ ଚୋରଙ୍କୁ କାବୁ କରି ସେମାନଙ୍କଠାରୁ ହଣ୍ଡାହାଣ୍ଡି ଉଦ୍ଧାର କରିଥିଲେ ମଧ୍ୟ ସୁନା ଅଳଙ୍କାର ଉଦ୍ଧାର ହୋଇନାହିଁ। ଏହି ସମୟରେ ଜଣେ ଖସିଯାଇଥିବା ବେଳେ ଜଣଙ୍କୁ ବାନ୍ଧି ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଖବର ଦେଇ ହସ୍ତାନ୍ତର କରିଥିଲେ। ଧରାପଡିଥିବା ଯୁବକ ଜଣଙ୍କ ହେଲେ ନିକଟସ୍ଥ ବାରବାଟୀ ଗ୍ରାମର ରାଜକିଶୋର ପଣ୍ଡା ଓ ଖସି ଯାଇଥିବା ଯୁବକ ଜଣଙ୍କ ହେଲେ ସେହି ବାରବାଟୀ ଗ୍ରାମର ବିପିନ ମାଲ। ଏ ନେଇ ଘର ମାଲିକ ହରମୋହନ ଷଡ଼ଙ୍ଗୀ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି ଯେ ଏନେଇ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ।

■ ଦଶପଲ୍ଲାରେ ଡକାୟତି

## ଲୁଟିନେଲେ ୮ ଲକ୍ଷ ଟଙ୍କାର ସାମଗ୍ରୀ

**ଦଶପଲ୍ଲା:** ଦଶପଲ୍ଲା ଥାନା ଅନ୍ତର୍ଗତ ନଛିପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଏକ ଗ୍ରୋସରୀ ଦୋକାନୀଙ୍କ ଘରୁ ଗତକାଲି ସଂଘବଦ୍ଧ ଡକାୟତମାନେ ଭୁଜାଲି ମୁନରେ କଳାକନା ବୁଲାଇଥିବା ଜଣାଯାଇଛି। ଦୋକାନୀ ବିଜୟ ଗୋଛାୟତ ସବୁଦିନ ପରି ଦୋକାନ ବନ୍ଦ କରି ସପରିବାର ଶୋଇଥିଲେ। ରାତି ପ୍ରାୟ ଦୁଇଟା ବେଳକୁ ୫ ଜଣ ସଂଘବଦ୍ଧ ଡକାୟତ ଖଣ୍ଡା ଭୁଜାଲି ଓ ଲୁହାରଡ୍ ସହିତ ଦୋକାନ ବାହାର ପଟୁ ତାଲା ଭାଙ୍ଗି ଘରେ ପଶିଥିଲେ। ମାରଣାସ୍ତ୍ର ଦେଖାଇ ପରିବାର ସଦସ୍ୟଙ୍କୁ ଭୟଭୀତ କରାଇ ଘରେ ଥିବା ସମସ୍ତ ସୁନା ଅଳଙ୍କାର, ରୁପା ପାଉଁଜି ସହିତ ବିକ୍ରି ଲବ୍ଧ ନଗଦ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଭୟଭୀତ ପରିବାର ସଦସ୍ୟ ଗ୍ରାମବାସୀଙ୍କ ସହାୟତାରେ ଦଶପଲ୍ଲା ପୁଲିସ ସହାୟତା ନେବାରେ ପୁଲିସ ପହଞ୍ଚି ଛାନଭିନ ଜାରୀ ରଖିଛି। ଆଜି ସକାଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ତନାଘନା ଜାରି ରଖି ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଥିବା ଜଣାଯାଇଛି।

# ୧୫ରେ ସିଭିଲ୍ ସୋସାଇଟିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ନୟାଗଡ଼,୧୩।୧୦(ସମିସ):** ନୟାଗଡ଼ ସିଭିଲ ସୋସାଇଟି ପକ୍ଷରୁ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ଆସନ୍ତାକାଲି ତଥା ୧୪ ତାରିଖ ଅପରାହ୍ଣରେ ଏକ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୧୫ ତାରିଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି। ଏହି ଦିନ ଯୋଗ ଶିବିର, କ୍ରୀଡ଼ା ପ୍ରତିଯୋଗୀତା, ଜେଜେଙ୍କ ଜନ୍ମଦିନ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବ। ଏହା ସହିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା ସିଭିଲ୍ ସୋସାଇଟି ମୁଖ୍ୟ ଗୋଦାବରୀ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବା ପାଇଁ ଚୂଡ଼ାନ୍ତ ହୋଇଛି। ନୟାଗଡ଼ ସହରରେ ଅବସ୍ଥାନ କରୁଥିବା ଅନେକ ବରିଷ୍ଠ ନାଗରିକଙ୍କ ପାଖରେ ପୁଅ ବୋହୂ, ଝିଅ ଜ୍ୱାଇଁ କେହି ରହୁନଥିବା ବେଳେ ସେମାନଙ୍କ ପାଖରେ ରହୁଥିବା ସେବିକା ଓ ସେବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ଉତ୍ସାହିତ କରାଯିବାର ବ୍ୟବସ୍ଥା ରହିଥିବା ସୂଚନା ମିଳିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆବାହକ ଶ୍ରୀକାନ୍ତ କୁମାର ଖଟେଇଙ୍କ ସମେତ ସିଭିଲ୍ ସୋସାଇଟର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ୧୩୨ ଅଭିଯୋଗ ପଞ୍ଜିକୃତ; ୨୬ ତତ୍କାଳ ସମାଧାନ



**ଓଡ଼ଗାଁ,୧୩।୧୦(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଏମ୍ ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନୟାଗଡ଼ ଲଗ୍ନଜିତ ରାଉତ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ ଏବଂ ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମାନଙ୍କ ଉପସ୍ଥିତିରେ ୧୩୨ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୧୨୦ ବ୍ୟକ୍ତିଗତ ଅଭିଯୋଗ, ୧୦ଗୋଟି ଗ୍ରାମ ସମୂହ ସମସ୍ୟା ଓ ୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ରହିଥିବାବେଳେ ରେଡ୍‌କ୍ରସ ସମ୍ବନ୍ଧୀୟ ସମସ୍ୟା ପହଞ୍ଚି ନଥିଲା। ଶିବିରରେ ୨୬ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ମାମଲାଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗ ମାନଙ୍କ ନିକଟକୁ ପଠାଇ ଦିଆଯାଇଛି। ମଶାବାରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ କେନାଲ ଗୁଡ଼ିକରୁ ଜବର ଦଖଲ ହଟାଇବା ଅଭିଯୋଗ ଏବଂ ବୁଢ଼ା ମା' ବାପାଙ୍କୁ ପୁଅ ଗଣ୍ଡେ ଖାଇବାକୁ ଦେଉନଥିବା ନେଇ ବାପା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହିତ ସରକାରୀ ଯୋଜନାରୁ ବଞ୍ଚିତ ଅନେକ ହିତାଧିକାରୀ ସେମାନଙ୍କ ସମସ୍ୟା ଗୁଡ଼ିକୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗିତାଞ୍ଜଳୀ ସାହୁ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସ୍ୱାଇଁ, ଓଡ଼ଗାଁ ବନାଞ୍ଚଳ ବନପାଳ ସରିତା ବରାଳ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, କୃଷି ଅଧିକାରୀ ପ୍ରତିଭା ପ୍ରଧାନ, ଯୋଗାଣ ଅଧିକାରୀ ମଳୟ କୁମାର ମେହେର, ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ବିଶ୍ୱଜିତ ଯେନାଙ୍କ ସହିତ ଜିଲ୍ଲାର ବିଭାଗୀୟପଦସ୍ଥ ଅଧିକାରୀ ମାନେ ଯୋଗଦେଇ ଅଭିଯୋଗର ସମାଧାନ ପାଇଁ ସହଯୋଗ କରିଥିଲେ।

# ଜନସମ୍ପର୍କ ପଦଯାତ୍ରା ନିମନ୍ତେ ପ୍ରସ୍ତୁତି



**ଖଣ୍ଡପଡ଼ା,୧୩।୧୦(ସମିସ):** ଆସନ୍ତା ଅକ୍ଟୋବର ୧୯ ତାରିଖରେ ଖଣ୍ଡପଡ଼ା ବ୍ଲକ ସ୍ତରୀୟ ବିଜେଡି ଜନ ସଂପର୍କ ପଦଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର କଲ୍ୟାଣ ମଣ୍ଡପ ପରିସରରେ ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି କରିବା ସହ ଆଗାମୀ ଦିନରେ ଦଳକୁ ସଂଗଠିତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏତଦ୍‌ବ୍ୟତୀତ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଜନସଂପର୍କ ପଦଯାତ୍ରା ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରୁ ବାହାରି ଖଳିସାହି ସ୍ଥିତ ତୋଟା ହନୁମାନ ପୀଠ ପର୍ଯ୍ୟନ୍ତ ପରିକ୍ରମା କରିବା ସହ ଏହାକୁ ଶୃଙ୍ଖଳାର ସହ ସମାପ୍ତ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଆମ୍ବ କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ବରିଷ୍ଠ ବିଜେଡ଼ି ନେତା ସୂର୍ଯ୍ୟ ନାରାୟଣ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ମାଧବ ଚନ୍ଦ୍ର ସାହୁ, ଦୀପକ କୁମାର ରାଉତ, ମହେନ୍ଦ୍ର କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ନାୟକ, ପ୍ରମୋଦ କୁମାର ସାହୁ, ଛାତ୍ର ସଭାପତି ବିକ୍ରମ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସମେତ ଶତାଧିକ ଛାମୁଆ କର୍ମୀ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ।

## କଳାକାରଙ୍କ ପରଲୋକ

**କଣ୍ଟିଲୋ,୧୩।୧୦(ସମିସ):** କଣ୍ଟିଲୋ ବାପୁଜୀ ନଗରର ରଘୁନାଥ ନାଟ୍ୟ ପରିଷଦ ସଦସ୍ୟ ତଥା କଳାକାର ଜନାର୍ଦ୍ଦନ ସାହୁ (୬୨)ଙ୍କ ପରଲୋକ ହୋଇଯାଇଛି।



ସେ କଟକରେ ଅବସ୍ଥାପିତ ଥିବା ବେଳେ ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଜଣେ ସରଳ, ପରୋପକାରୀ ବ୍ୟକ୍ତି ରୂପେ ପରିଚିତ ଜନାର୍ଦ୍ଦନ ରାମଲୀଳା କଳାକାର ଭାବେ ଜଣାଶୁଣା ଥିଲେ। ଏଥିସହ ଜଣେ ଭଲ ଟେଲର ରୂପେ ଅଞ୍ଚଳରେ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁରେ ସବୁ ମହଲରେ ଶୋକ ପ୍ରକାଶ ପାଇଛି।

# କ୍ଲଷ୍ଟରସ୍ତରୀୟ 'ସୁରଭି'ରେ ପ୍ରଜ୍ଞାଦୀପ୍ତ ପ୍ରତିଭା





ଖଣ୍ଡପଡ଼ା,୧୩।୧୦(ସମିସ)

ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ୧୧ଟି କ୍ଲଷ୍ଟର ମଧ୍ୟରୁ ଆଜି ୯ ଗୋଟି କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ କ୍ଲଷ୍ଟର ଗୁଡ଼ିକରେ ଖୁବ ଧୁମଧାମରେ ଶିଶୁ ମହୋତ୍ସବ ଓ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି କେତେକ କ୍ଲଷ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଲାଷ, ବିଇଓ କୈଳାଶ ଚନ୍ଦ୍ର କର, ଏବିଓ କଳିଙ୍ଗ ଚନ୍ଦ୍ର ନାଏକ, ନାରାୟଣ ଦାଶ, ପ୍ରଦୀପ କୁମାର ସାହୁଙ୍କ ସମେତ ଏକାଧିକ ସିଆରସିସି ଯୋଗଦେଇ ଶିଶୁ ତଥା ଛାତ୍ରଛାତ୍ରୀ ସମାଜର ଜଣେ ଜଣେ ଉଜ୍ଜ୍ୱଳ ତାରକା ସହିତ ସମାନ ଏବଂ ସେମାନଙ୍କୁ ଗଢି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଥିଲେ। ବିଶେଷ ଭାବେ ବନମାଳିପୁର କ୍ଲଷ୍ଟରରେ ସିଆର୍‌ସିସି ବିକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପ୍ରସନ୍ନ କୁମାର ସାହୁ, ବନମାଳିପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଖୁଣ୍ଟିଆ, ସହକାରୀ ଶିକ୍ଷକ ରମେଶ ସାହୁ, ପୁଷ୍ପାରାଣୀ ସାହୁ, ପ୍ରମୋଦ କୁମାର ସାହୁ, ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ।

**ଶରଣକୁଳ :** ଶରଣକୁଳ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ସିଆର୍‌ସିସି ରାଜକିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷକ ତଥା ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ପ୍ରଜ୍ଞା ପାରମିତା ସାହୁ, ଓଡଗାଁ ଏନ୍‌ପିଏସ ଶିକ୍ଷକ ସଂଗଠନର ସମ୍ପାଦକ ସୁକାନ୍ତ କୁମାର ସାହୁ, ଗୋଦାବରୀ ବସନ୍ତିଆ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶିଶୁ ଉତ୍ସବର ମହତ ଉଦ୍ଦେଶ୍ୟ ଓ ଶିଶୁ ମାନଙ୍କର ସୃଜନଶୀଳତାର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅପରାହ୍ଣରେ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷାବିତ ଅଚ୍ୟୁତାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକ, ସ୍ତମ୍ଭକାର ଓ ସାହିତ୍ୟିକ ଶାନ୍ତନୁ ବିଶୋଇ, ମଧୁମିତା ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ମଶାବାରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଶାବାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପାଳିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମରେ ୧୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦାମୋଦର ଖିଲାର, ସାରସ କୁମାର ମିଶ୍ର, ସ୍ୱରୂପ ରଞ୍ଜନ ମିଶ୍ର, ଡାକ୍ତର ଦେବୀପ୍ରସାଦ ପଣ୍ଡା, ପଞ୍ଚାନନ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ମୂଲ୍ୟାୟନ କରିଥିଲେ। ଅପରାହ୍ଣରେ ଦଳଗତ ନୃତ୍ୟ ସଂଗୀତ ପ୍ରତିଯୋଗୀତା ପରେ ମଶାବାରୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯଶୋବନ୍ତ ପଟ୍ଟନାୟକଙ୍କ ପରିଚାଳନାରେ ପରିଚାଳିତ ସୁରଭି ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ମଶାବାରୀ ଉଚ୍ଚ ବିଦ୍ୟାଳୟ ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ମଲ୍ଲିକ, ପନ୍ତିଖାରୀ ପଞ୍ଚାୟତ ସମିତିସଭ୍ୟ ବୁଲୁ ଯେନା, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଡାକୁଆ ଯୋଗଦେଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଲଡୁବାବାଙ୍କ ପୀଠରେ ପାରାୟଣ ଓ ପ୍ରବଚନ

**ଶରଣକୁଳ,୧୩।୧୦(ସମିସ):** ଶରଣକୁଳ ଶ୍ରୀଶ୍ରୀ ଲଡୁକେଶ ମହେଶଙ୍କ ମନ୍ଦିର ସମ୍ମୁଖରେ ପବିତ୍ର କାର୍ତ୍ତିକ ମାସରେ ଶରଣକୁଳ ଆଞ୍ଚଳିକ ଆଧ୍ୟାତ୍ମିକ ଜାଗରଣ ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଯାଇଛି। ଶୁକ୍ରବାର ରାମ ସେବକମାନେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଓଡ଼ଗାଁର ଶ୍ରୀରଘୁନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଏକ ଶୋଭାଯାତ୍ରାରେ ଆସି ପାରାୟଣ ସ୍ଥଳିରେ ପହଞ୍ଚିଥିଲେ। ସେଠାରେ ଅଙ୍କୁରାରୋପଣ ପରେ ପୁରଧା ତୋଷବନ୍ତ କର ଓ ଅରୁଣ କୁମାର ତ୍ରିପାଠୀଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରେ ପୂଜାର୍ଚ୍ଚନା କରାଯାଇ ମହିଳାମାନେ ଜଳକଳସ ଶୋଭାଯାତ୍ରାରେ ଆଣିବା ପରେ ଘଟ ସ୍ଥାପନ କରାଯାଇଥିଲା। ବ୍ୟାସ ରୂପେ ବାବା ପରମେଶ୍ୱର ଦାଶ ମହାରାଜ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପ୍ରଥମ ପ୍ରବକ୍ତା ରୂପେ ଇଟାମାଟି ମୋହନ ପ୍ରଧାନ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବା ବେଳେ ପ୍ରେମାନନ୍ଦ ଦାଶ ମହାରାଜ ଯୋଗ ଦେଇ ଶ୍ରୀରାମ ଚରିତ ଉପରେ ପ୍ରବଚନ ଦେଇଥିଲେ। ମଙ୍ଗଳବାର ଓ ବୁଧବାର ଅନ୍ତର୍ଯ୍ୟାମୀ ଦାଶ ମହାରାଜ, ଗୁରୁବାରଠାରୁ ଶନିବାର ମନୋହର ଦାଶ ମହାରାଜ, ରବିବାର ଉଦଯାପନୀ ଦିବସରେ ଅଯୋଧ୍ୟା ଦାଶ ମହାରାଜ ଯୋଗଦେଇ ରାମଚରିତ ମାନସ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଥିବା ପରିଷଦ ପକ୍ଷରୁ ସୂଚନା ମିଳିଛି।

# ଗୋ-ମାଂସ ଜବତ, ଜଣେ ଗିରଫ

**ଜଟଣୀ,୧୩।୧୦(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବାଛରାପାଟଣାରେ ଜଣେ ଯୁବକ ଗୋ-ମାଂସ ଚାଲାଣ କରୁଥିବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବାଛରାପାଟଣାର ମହମ୍ମଦ ଜାହୁର (୪୨)। ତାଙ୍କ ନିକଟରୁ ୨୦ କିଲୋ ଗୋ-ମାଂସ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ମହମ୍ମଦ ବେଣାପଞ୍ଜରୀ ଅଞ୍ଚଳରୁ ଗୋ-ମାଂସ ଆଣିଥିଲେ। ଏହି ଖବର ସ୍ଥାନୀୟ ଏକ ଯୁବଗୋଷ୍ଠୀ ପାଇ ବାଛରାପାଟଣାଠାରେ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପିସିଆର୍ ଭ୍ୟାନ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ପାଖରୁ ମହମ୍ମଦକୁ ଉଦ୍ଧାର କରିଥିଲା। ଯାଞ୍ଚବେଳେ ୨୦କିଲୋ ଗୋ-ମାଂସ ଭର୍ତ୍ତି ବସ୍ତା ଓ ଗୋଟିଏ ସ୍କୁଟି ଜବତ କରିଥିଲା ପୁଲିସ। ଅଧିକ ପଚରାଉଚରା ବେଳେ ଅଭିଯୁକ୍ତ ଗୋ-ମାଂସକୁ ଯଦୁପୁର ଅଞ୍ଚଳକୁ ଚାଲାଣ କରୁଥିବା ପୁଲିସକୁ କହିଥିଲା।

# ସାଇ ମନ୍ଦିରରୁ ଚୋରି ଘଟଣା; ମାଆ-ପୁଅ ଗିରଫ

**ନିରାକାରପୁର,୧୩।୧୦(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ସ୍ଥାନୀୟ କଲେଜ ଛକ ନିକଟରେ ଥିବା ସାଇ ମନ୍ଦିରରୁ ହୁଣ୍ଡି ଚୋରି ଘଟଣାରେ ସୋମବାର ସମ୍ପୃକ୍ତ ମାଆ-ପୁଅଙ୍କୁ ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୮୧୦ ଟଙ୍କା ଓ ଦୁଇଟି ହୁଣ୍ଡି ଜବତ କରାଯାଇଛି। ସୂଚନାଯୋଗ୍ୟ କି, ଗତ ୧୧ ତାରିଖ ରାତିରେ ସ୍ଥାନୀୟ ସାଇ ମନ୍ଦିର ଗ୍ରିଲ୍ ତାଲା କାଟି ଦୁଇଟି ଦାନବାକ୍ସ (ହୁଣ୍ଡି) କେହି ନେଇଯାଇଥିଲେ। ପରେ ଖବର ପାଇ ନିରାକାରପୁର ଥାନା ପୁଲିସ ଏସ୍‌ଆଇ ଦିପଲିସା ନାୟକ ଓ ସଦଳବଳେ ଅନୁସନ୍ଧାନ କରି ୧୨ ତାରିଖରେ ଟାଙ୍ଗୀ ଥାନା ଭୂଷଣ୍ଡପୁର ଉରୁମୁଖି ଗ୍ରାମର ଜୟନ୍ତୀ ସିଂହ ଓ ତାଙ୍କ ପୁଅ ସୁଜିତ୍ ସିଂହଙ୍କୁ ନିରାକାରପୁର ନରେନ୍ଦ୍ରପୁର ସାହିରେ ରହୁଥିବା ଏକ ଭଡ଼ା ଘରୁ ଗିରଫ କରିବା ସହିତ ଦୁଇଟି ହୁଣ୍ଡି ଓ ୧୮୧୦ ଟଙ୍କା ଜବତ କରିଛନ୍ତି। ନିରାକାରପୁର ଥାନା କେସ୍ ନଂ ୨୬୮/୨୫ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ନୂତନ ପ୍ରଧାନଶିକ୍ଷୟିତ୍ରୀ

**ଟାଙ୍ଗୀ,୧୩।୧୦(ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ମାଧ୍ୟମିକ ବିଦ୍ୟାଳୟ ସ୍ୱାଧୀନତାର ପ୍ରାକ୍ କାଳରେ ସ୍ଥାପିତ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ରୂପେ ଯୋଗଦେଇଛନ୍ତି ଜ୍ୟୋସ୍ନାମଣି ମଙ୍ଗରାଜ। ଏହି ପଦଟି ଦୀର୍ଘ ଦିନ ହେଲା ଖାଲି ପଡ଼ିଥିଲା। ସଂଯୋଗବଶତଃ ଶ୍ରୀମତୀ ମଙ୍ଗରାଜଙ୍କ ସ୍ୱାମୀ ରମେଶ ବଳବନ୍ତରାୟ ଏହି ବିଦ୍ୟାଳୟର ଛାତ୍ର ଥିଲେ। ଶ୍ରୀ ବଳବନ୍ତରାୟ ଶିକ୍ଷକତା ବୃତ୍ତିକୁ ଆଦରି ନେଇ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଫଳତାର ସହ କାର୍ଯ୍ୟ କରି ପ୍ରଧାନଶିକ୍ଷକ ଭାବରେ ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସେହିଦିନଠାରୁ ଏହି ପଦଟି ଖାଲି ପଡ଼ିଥିଲା। ସୌଭାଗ୍ୟ କ୍ରମେ ତାଙ୍କ ଧର୍ମପତ୍ନୀ ସେହି ପଦରେ ଅଧିଷ୍ଠିତ ହୋଇଛନ୍ତି। ଶିକ୍ଷକତାକୁ ବ୍ରତ ରୂପେ ଗ୍ରହଣ କରି ଜ୍ୟୋସ୍ନା ପ୍ରଥମେ ବିଜ୍ଞାନ ଶିକ୍ଷକ ରୂପେ ୧୯୮୮ରେ ଦଶପଲ୍ଲା ସାତପାଟଣା ବାଳିକା ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ଏହାପରେ ରଣପୁର ବ୍ଲକ୍ ଲୋଧାଚୁଆ ଉଦୟନାଥ ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ପଦୋନ୍ନତି ପାଇ ସେ ପ୍ରଧାନଶିକ୍ଷୟିତ୍ରୀ ରୂପେ ଓଡ଼ଗାଁ ବ୍ଲକ୍ ବାଉଁଶଗାଡ଼ିଆ ଭୀମସେନ କୃଷି ନୋଡାଲ ବିଦ୍ୟାପୀଠରେ କର୍ତ୍ତବ୍ୟରତ ଥିବା ସମୟରେ ଓଡ଼ିଶା ପ୍ରଶାସନିକ ଶିକ୍ଷା ସେବାକୁ ପଦୋନ୍ନତି ପାଇ ଟାଙ୍ଗୀ ବଳାରାମଦେବ ବିଦ୍ୟାପୀଠରେ ଯୋଗଦେଇଛନ୍ତି। ଶିକ୍ଷକତା ଆରମ୍ଭ ସମୟରୁ ସେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସହିତ ସମ୍ପୃକ୍ତ ଥିବା ହେତୁ ତାଙ୍କୁ ସ୍ୱାଗତ କରିଛନ୍ତି ଓସ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ।

# ରାଧାକୃଷ୍ଣ ରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ବାଣପୁର,୧୩।୧୦(ସମିସ):** ବାଣପୁର ସଂଗ୍ରାମ ପରିଷଦ ତରଫରୁ ବାଣପୁର ମାଟିର ଜଣେ ସୁପରିଚିତ ଶିକ୍ଷକ, ବରିଷ୍ଠ ସାମ୍ବାଦିକ, ସମାଜସେବୀ, ରାଜନୀତିଜ୍ଞ ତଥା ବାଣପୁର ବିଜ୍ଞପିତ ଅଞ୍ଚଳ ପରିଷଦର ପ୍ରଥମ ଅଧ୍ୟକ୍ଷ ସ୍ୱର୍ଗତ ରାଧାକୃଷ୍ଣ ରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ପଲଟଣ ପଡ଼ିଆସ୍ଥିତ ଛାୟା ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଇଂ. ଶେଷଦେବ ବରାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ଶିକ୍ଷାବିତ୍ ସର୍ବେଶ୍ୱର ଷଡ଼ଙ୍ଗୀ, ଡ. ଚିନ୍ତାମଣି ମିଶ୍ର, ଗୋଲଖ ବିହାରୀ ପରିଡ଼ା, ନୃସିଂହ ପ୍ରସାଦ ମିଶ୍ର, ବାଳମୁକୁନ୍ଦ ଦାସ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ମହେଶ୍ୱର ଜେନା, ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାମଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସେନାପତି ବେଦପାଠ କରିଥିବାବେଳେ ବ୍ରଜକିଶୋର ଜେନା, ଶେଷଦେବ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ସୁନୀଲ ବରାଳ, ଶ୍ରୀକରଣ ଜାନକୀ, ଆନନ୍ଦ ବାରିକ, ଗିରିଜା ପ୍ରସାଦ ନାୟକ ବର୍ମା, ଶୁଶାନ୍ତ ପଲାଇ ଓ ରାକେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରିଳା ଭସାଣି, ଚିନ୍ତା ବଢ଼ାଇଲାଣି ପ୍ରଦୂଷଣ

# ଖଣି ପୋଖରୀରେ ଭାସୁଛି କୁଢ଼କୁଢ଼ ଆବର୍ଜନା

**ଖୋର୍ଦ୍ଧା,୧୩।୧୦(ସମିସ)**

ପାର୍ବଣ ଆସିଲେ ବଢୁଛି ଜଳ ପ୍ରଦୂଷଣ। ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ସହ ଖୁସି ମନେଇବାର ଅନ୍ୟନାମ ପୂଜା ପାର୍ବଣ କୁହାଯାଉଥିବା ବେଳେ ଏବେ ସାଜସଜ୍ଜା, ରଙ୍ଗ ଆଉ ଭସାଣିକୁ ନେଇ ଯେଉଁ ପ୍ରତିଯୋଗିତା ଚାଲିଛି, ସେଥିରେ କେବଳ ପରିବେଶ ପ୍ରଦୂଷଣ ବଢୁଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାର୍ବଣକୁ ନେଇ ନିର୍ଦ୍ଦେଶନାମା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କରାଯାଇଥିଲା। ମାତ୍ର ବିଭାଗର ଏ ନିର୍ଦ୍ଦେଶ କେବଳ କାଗଜ କଲମରେ ରହିଯାଉଛି। ପୌର ପ୍ରଶାସନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶନାମାକୁ ଉପହାସ କରୁଥିବା ଅଭିଯୋଗ ହୋଇଛି। ଯାହା ଖୋର୍ଦ୍ଧାରେ ହୋଇଥିବା ଲକ୍ଷ୍ମୀପୂଜା ଭସାଣି ଉତ୍ସବ ପରର ଖଣି ପୋଖରୀ ଦୃଶ୍ୟ ସ୍ପଷ୍ଟ କରୁଛି। ଭସାଣ ସମୟରେ ଜଳାଶୟର ଜଳକୁ ପ୍ରଦୂଷଣମୁକ୍ତ ପାଇଁ ପ୍ରଦୂଷଣ ବିଭାଗ ପକ୍ଷରୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ଅସ୍ଥାୟୀ ପୋଖରୀ ନ ଖୋଳି ଖଣି ପୋଖରୀକୁ ଅସ୍ଥାୟୀ ଦର୍ଶାଇ ବିସର୍ଜନ କରାଯିବା ଯୋଗୁଁ ପାଣିକୁ ପ୍ରଦୂଷଣ କରୁଥିବା ସାମଗ୍ରୀ ଭାସୁଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି।

ପ୍ରକାଶଥାଉକି, ପାର୍ବଣ ସମୟରେ ଦେବଦେବୀଙ୍କ ମୂର୍ତ୍ତି ରାସାୟନିକ ରଙ୍ଗରେ ପ୍ରସ୍ତୁତ ହେଉଛି। ଏଥିରେ କାଠି, କୁଟା ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ବ୍ୟବହାର ହେଉଥିବାବେଳେ ମୂର୍ତ୍ତିଗୁଡ଼ିକ ମନଇଚ୍ଛା ବିଭିନ୍ନ ଗଡ଼ିଆ ଓ ପୋଖରୀରେ ବିସର୍ଜନ କରିବା ଦ୍ୱାରା ଜଳ ଦୂଷିତ ହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଫଳରେ ବିଭିନ୍ନ ପ୍ରକାର ଫୁସ୍‌ଫୁସ୍‌ଜନିତ ସଂକ୍ରାମକ ରୋଗ ଏବଂ ଚର୍ମ ରୋଗରେ ଜନସାଧାରଣ, ଛୋଟ ଛୋଟ କୋମଳମତି ଶିଶୁ ଆକ୍ରାନ୍ତ ହେଉଛନ୍ତି। ତେଣୁ ହାଇକୋର୍ଟରେ ଏ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ମାତ୍ରାଧିକ ଜଳ ପ୍ରଦୂଷଣ ରୋକିବାକୁ ହାଇକୋର୍ଟ ଆଞ୍ଚଳିକ ପ୍ରଦୂଷଣ ବୋର୍ଡକୁ ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ। ଆଞ୍ଚଳିକ ପ୍ରଦୂଷଣ ବିଭାଗ ପୌର ପରିଷଦକୁ ମୂର୍ତ୍ତି ବିସର୍ଜନ ନିମନ୍ତେ ଏକ ଅସ୍ଥାୟୀ ପୋଖରୀ ନିର୍ମାଣ କରିବାକୁ ଆଦେଶ ଦେଇଥିଲେ। ଅସ୍ଥାୟୀ ପୋଖରୀ ମଧ୍ୟରେ ପଲିଥିନ୍ ପକାଇବା ସମେତ ମୂର୍ତ୍ତି ବିସର୍ଜନ ପରେ ସେଥିରେ ପଡ଼ିଥିବା କୁଟା, କାଠି, ମୂର୍ତ୍ତି ଅଂଶ ଏବଂ ପୂଜା ସାମଗ୍ରୀକୁ ଅସ୍ଥାୟୀ ପୋଖରୀରୁ ବାହାର କରି ଡମ୍ପିଂୟାର୍ଡରେ ଫୋପାଡ଼ିବାକୁ ନିର୍ଦ୍ଦେଶ ରହିଥିଲା। ଖୋର୍ଦ୍ଧାରେ ମଧ୍ୟ ୨୦୧୯ରୁ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ହାଇକୋର୍ଟଙ୍କ ଏ ଆଦେଶକୁ ପୌର ପରିଷଦ ଠିକ୍ ଭାବେ ପାଳନ କରିନଥିବା ଅଭିଯୋଗ ହେଉଛି। ଅସ୍ଥାୟୀ ପୋଖରୀ ପ୍ରସ୍ତୁତ କରିବା ତ ଦୂରର କଥା ବରଂ ପୌର ପରିଷଦ ମୂର୍ତ୍ତି ବିଜର୍ସନ ହେଉଥିବା ଖଣିପୋଖରୀ ହୁଡ଼ାରେ କିଛି ବାଉଁଶ ବ୍ୟାରିକେଡ୍ କରି କାମ ସାରିଦେଇଥିଲା। ଫଳରେ ବିରାଟ ମୂର୍ତ୍ତିଗୁଡ଼ିକ ସିଧାସଳଖ ଖଣିପୋଖରୀ ପାଣିରେ ପଡ଼ିବା ଦ୍ୱାରା ତାହା ଏକପ୍ରକାର ନର୍କକୁଣ୍ଡରେ ପରିଣତ ହୋଇଛି। ମୂର୍ତ୍ତିଗୁଡ଼ିକ ଖଣିପୋଖରୀରେ ଭାସମାନ ଅବସ୍ଥାରେ ଥିବାବେଳେ ଜଳ ପ୍ରଦୂଷଣ ରୋକିବାରେ ପୌର ପରିଷଦ ପଦକ୍ଷେପ ଧର୍ମକୁ ଆଖିଠାରୁ ସଦୃଶ ହୋଇଛି। ଏପରିକି ମୂର୍ତ୍ତି ବିସର୍ଜନ ପରେ ଗଦା ହୋଇଥିବା କୁଢ଼କୁଢ଼ ବର୍ଜ୍ୟ ସାମଗ୍ରୀ ସବୁ ନଷ୍ଟ କରିବା ବ୍ୟବସ୍ଥାକୁ ଗ୍ରହଣ କରାଯାଇନାହିଁ।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଖଣିପୋଖରୀ ଜଳ ବର୍ଷା ଦିନେ ସହର ଉପକଣ୍ଠରେ ଥିବା ଚାଷଜମିକୁ ପ୍ରବାହିତ ହେଉଥିବାବେଳେ ଏହାର ଜଳକୁ ଗୋରୁଗାଈ ଏବଂ କିଛି ଲୋକ ଗାଧୋଇବାରେ ବ୍ୟବହାର କରୁଛନ୍ତି। କିନ୍ତୁ ଜଳ ପ୍ରଦୂଷଣ ହେବା ଦ୍ୱାରା ଗୋରୁଗାଈ ଓ ଚାଷୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଆଶଙ୍କା ରହିଛି। ସେହିପରି ଉକ୍ତ ବିସର୍ଜନ ସ୍ଥାନ ଚାରିପଟେ ଥିବା ଜନବସତି, ବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ପରିବା ମାର୍କେଟରେ ଚଳପ୍ରଚଳ କରୁଥିବା ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସଂକ୍ରାମକ ରୋଗରେ ପୀଡ଼ିତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଗଣେଶ ପୂଜା ସମୟରେ ମଧ୍ୟ ଏଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ ହୋଇ ନ ଥିବାରୁ ମୂର୍ତ୍ତିଗୁଡ଼ିକ ଖଣିପୋଖରୀରେ ବିସର୍ଜନ କରିବା ଦ୍ୱାରା ଚତୁଃପାଶ୍ୱର୍ରେ ଥିବା ଜନବସତିର ଲୋକେ ଦୁର୍ଗନ୍ଧମୟ ପରିବେଶରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ଏନେଇ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ କହିବା କଥା ବିଳମ୍ବିତ ରାତିରେ ଭସାଣି ସରିଛି। ତେଣୁ ଆଜି ପୋଖରୀ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଇନି। ଖଣିପୋଖରୀ ମଧ୍ୟରୁ ସମସ୍ତ ବର୍ଜ୍ୟ ସାମଗ୍ରୀ କାଢ଼ିବା ଲାଗି ମଙ୍ଗଳବାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଟ୍ରକ୍ ପଛକୁ ଧକ୍କାଦେଲା ବୋଲେରୋ; ୫ ଆହତ

**ବାଲୁଗାଁ,୧୩।୧୦(ସମିସ):** ସୋମବାର ଭୋର୍ ସମୟରେ ୧୬ନଂ ରାଜପଥର ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ଛତ୍ରଗଡ଼ ଗ୍ରାମ ଛକ ନିକଟରେ ଏକ ମାଲ୍‌ବୋଝେଇ ଟ୍ରକ୍ ପଛକୁ ଏକ ବୋଲେରୋ ଧକ୍କା ଦେବାରେ ଦୁଇ ମହିଳାଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ବୋଲେରୋ ଚାଳକ ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।



ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁର କନିଷି ଅଞ୍ଚଳର ଗୋଟିଏ ପରିବାର ଓ ସମ୍ପର୍କୀୟଙ୍କ ୩ଜଣ ଛୋଟ ପିଲାଙ୍କ ସମେତ ମହିଳା ଓ ପୁରୁଷ ମୋଟ୍ ୯ ଜଣ ଯାତ୍ରୀ ଏକ ବୋଲେରୋ ଯୋଗେ ରବିବାର ରାତିରେ ପୁରୀରୁ ବାହାରିଥିଲେ। ଛତ୍ରଗଡ଼ ଗ୍ରାମ ଛକ ନିକଟରେ ରାସ୍ତା ପାଶ୍ୱର୍ରେ ପୂର୍ବରୁ ଏକ ଟ୍ରକ୍ କୌଣସି କାରଣବସତଃ ରାସ୍ତାକଡ଼ରେ ଛିଡ଼ା ହୋଇଥିବାବେଳେ ଭୋର୍ ୪ଟା ସମୟରେ ବୋଲେରୋଟି ଭାରସାମ୍ୟ ହରାଇ ଉକ୍ତ ଟ୍ରକ୍ ପଛକୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ବୋଲେରୋଟି ଭାଙ୍ଗିରୁଜି ଯାଇଥିବାବେଳେ ବୋଲେରୋ ଭିତରେ ବସିଥିବା ୨ଜଣ ମହିଳା ସମେତ ୫ଜଣ ଆହତ ହୋଇଛନ୍ତି। ଚିକିଟି ଅଞ୍ଚଳର ବୋଲେରୋ ଚାଳକ ଭକ୍ତବତ୍ସଳ ବେହେରାଙ୍କ ହାତଟି କଟିଯାଇ ଗୁରୁତର ଆହତ ହୋଇଛନ୍ତି। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କାରଯାଇଥିବା ସହ ସମସ୍ତ ଯାତ୍ରୀ ଅନ୍ୟ ଏକ ଗାଡ଼ି ଯୋଗେ ନିଜ ଗ୍ରାମକୁ ଫେରିଯାଇଥିବା ସୂଚନା ମିଳିଛି। ଖବର ପାଇ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ଚିଲିକା ଉପଖଣ୍ଡ ଦାବି ଜୋର୍ ଧରିଲା

**ଚିଲିକା,୧୩।୧୦(ସମିସ):** ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବୈଠକ କଉଡ଼ିଖଣିସ୍ଥ ଜଗତି ପାହାଡ଼ ପାଦଦେଶରେ ଅବସ୍ଥିତ ଶ୍ରୀଶ୍ରୀ ଜଗତି ମହାବୀରଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଆଡ୍‌ଭୋକେଟ ଦେବାଶିଷ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଚିଲିକା ବ୍ଲକ୍ ନିକଟରେ ପ୍ରସ୍ତାବିତ ଉପଖଣ୍ଡ ସ୍ଥାପନକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଗଙ୍ଗାଧରପୁର ରେଳ ଷ୍ଟେସନରେ ପୁରୀ-ତିରୁପତି ଏକ୍ସପ୍ରେସ୍‌ର ରହଣୀ, ପ୍ଲାଟ୍‌ଫର୍ମର ନିର୍ମାଣ କାର୍ଯ୍ୟରେ ବିଳମ୍ବଜନିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୁରୀ ସାଂସଦ ସମ୍ବିତ୍ ପାତ୍ର ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହିତ ନାଚୁଣୀ ନିକଟରେ ବାଣପୁର ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ ସଭାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚିଲିକା ବ୍ଲକ୍ ପରିସରରେ ଯଥାଶୀଘ୍ର ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଭାରେ ନିଷ୍ପତ୍ତି ଗ୍ରହଣ କରାଗଲା। ଉକ୍ତ ବୈଠକରେ ବିକାଶ ପରିଷଦର ପୂର୍ବତନ ସମ୍ପାଦକ ଗୋଦାବରୀଶ ପ୍ରଧାନ, କୋଷାଧ୍ୟକ୍ଷ ଜୟ କୁମାର ମିଶ୍ର, ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ କୁମାର ମହାପାତ୍ର, ଉପସଭାପତି ମକରଧ୍ୱଜ ପଲେଇ, ସଂଗଠକ ହରିହର ମିଶ୍ର, ସାମ୍ବାଦିକ ଅରୁଣ କୁମାର ଦାଶ, ଦିଲ୍ଲୀପ କୁମାର ଶତପଥୀ, ଅଖିଳ କୁମାର ପଲେଇ, ସ୍ମୃତିରଞ୍ଜନ ମାନସିଂହ, ସମାଜସେବୀ ଆଲୋକ ଶତ୍ରୁଶଲ୍ୟ, ରୁପକ ମହାନ୍ତି, ଖୋର୍ଦ୍ଧା ସମବାୟ ବ୍ୟାଙ୍କର ପୂର୍ବତନ ଡାଇରେକ୍ଟର ବିଭୁପ୍ରସାଦ ମହାପାତ୍ର, ଅଶୋକ କୁମାର ବରାଳ, ଦାଶରଥି ବଳବନ୍ତରାୟ, ସନ୍ତାପ କୁମାର ଶତପଥୀ, ରାମଚନ୍ଦ୍ର ଖୁଣ୍ଟିଆ, ଭବାନୀ ଶଙ୍କର ଦାଶ ଓ ଟୁଟୁ କିଶୋର ସାହୁଙ୍କ ସମେତ ପ୍ରାୟ ୩୨ଜଣ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକ ନଭେମ୍ବର ମାସରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଥିଲା। ପରିଶେଷରେ ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।



# ଶ୍ରୀ ସାଇ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

**ନିରାକାରପୁର,୧୩।୧୦(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଅଗ୍ରଣୀ ସଙ୍ଗୀତ ନୃତ୍ୟ ଶିକ୍ଷାନୁଷ୍ଠାନ ଶ୍ରୀ ସାଇ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ନିରାକାରପୁର କଲେଜ ପରିଚାଳନା ସମିତି ସଭାପତି ଡ. ସଞ୍ଜୟ ମହାପାତ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ପ୍ରଭାକର ଶ୍ରୀଚନ୍ଦନ, ଗୁରୁ ପଣ୍ଡିତ ବିଶ୍ୱନାଥ ରଥ ଓ ଗୁରୁ ରିନା ପଣ୍ଡା ଯୋଗଦେଇ ସଂସ୍କୃତି, ଲୋକକଳା ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଉକ୍ତ ଏକାଡେମୀର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି କେଶବ ଚନ୍ଦ୍ର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଓ ନିର୍ଦ୍ଦେଶିକା ସଂଯୁକ୍ତାରାଣୀ ରାଉତରାୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ଆବାହକ ସୁବାସ ଚନ୍ଦ୍ର ଦାଶ, ସଂଯୋଜକ ଶଙ୍କର୍ଷଣ ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଶ୍ରୀରଙ୍ଗନାଥ ଦେବଙ୍କ ହରିହର ବେଶ

**ବାଣପୁର,୧୩।୧୦(ସମିସ):** ଶ୍ରୀକ୍ଷେତ୍ର ପୁରୀରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବାର ମାସରେ ତେର ପର୍ବ ପାଳନ ହେଉଥିବାବେଳେ ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କର ବାର ମାସରେ ତେର ପର୍ବ ପାଳନ ହେଉଛି। ଧର୍ମ ମାସ କାର୍ତ୍ତିକରେ ଶ୍ରୀରଙ୍ଗନାଥଦେବ ବିଭିନ୍ନ ଦିବସରେ ଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିବାବେଳେ ତନ୍ମଧ୍ୟରୁ ହରିହର ବେଶ ଅନ୍ୟତମ। କାର୍ତ୍ତିକ ମାସ ତମାମ ଶ୍ରୀରଙ୍ଗନାଥଦେବଙ୍କ ରାଇଦାମୋଦର ବେଶ ଅନୁଷ୍ଠିତ ହେଉଥିବାବେଳେ ପ୍ରତ୍ୟେକ ସୋମବାର ମହାପ୍ରଭୁ ହରିହର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ହରିହର ବେଶରେ ବଡ଼ ଠାକୁର ଅର୍ଦ୍ଧେକ ଅଂଶ ଧଳା ଓ ଅର୍ଦ୍ଧେକ ଅଂଶ କଳା ବସ୍ତ୍ର ସହ ବିଭିନ୍ନ ପ୍ରକାରର ସୁବର୍ଣ୍ଣ ଅଳଙ୍କାର ପରିଧାନ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।



# ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

**ବେଗୁନିଆ,୧୩।୧୦(ସମିସ):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ରାଧାକାନ୍ତପୁର ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୧୨୩ଟି ଅଭିଯୋଗରୁ ତହସିଲ୍ ୫୩, ଶ୍ରମ ବିଭାଗ ୧୩, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୪୨, ଭତ୍ତା ୧୧, ରାସନ କାର୍ଡ ୧ ଇତ୍ୟାଦି ଉପରେ ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ତହସିଲ୍‌ଦାର ତାପସ ବିଶି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା ଓ ବୋଉଳମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୋଲଗଡ଼ ବ୍ଲକ୍ ଧଳାପଥର ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି।



# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଖୋର୍ଦ୍ଧା/ନିରାକାରପୁର,୧୩।୯(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆସ୍ଥିତ ଭଗବତଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାୟପୁର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ଭାବେ ରାୟପୁର ସାଧନ କେନ୍ଦ୍ର ସଂଯୋଜକ ଅମୀୟ କୁମାର ଜେନା, ସଭାପତି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପ୍ରହରାଜ, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର କୁମାର ରାଉତରାୟ ଯୋଗଦେଇଥିଲେ। କ୍ଲଷ୍ଟରର ୭ଟି ବିଦ୍ୟାଳୟର ମୋଟ୍ ୧୨୫ ଜଣ ଛାତ୍ରଛାତ୍ରୀ ଏବଂ ୩୫ ଜଣ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

**ବେଗୁନିଆ:** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପୋଡ଼ାଡିହଠାରେ ସୋମବାର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦଶରଥ ପ୍ରଧାନଙ୍କ ଆବାହକତ୍ୱ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲତା ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସ୍ୱାଇଁ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଭୁବନାନନ୍ଦ ମହାନ୍ତି, ପୁରାତନ ଛାତ୍ର ସଂସଦ ଆବାହକ ସୁରେନ୍ଦ୍ର ନାଥ ସାହୁ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ପ୍ରଧାନଶିକ୍ଷକ ବଟକୃଷ୍ଣ ମଲ୍ଲିକ ଓ ସୁରେଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୯ଟି ବିଦ୍ୟାଳୟର ୧୬୮ ଛାତ୍ରଛାତ୍ରୀ ୨୨ଟି ବିଭାଗରେ ଭାଗ ନେଇଥିଲେ।

**ଟାଙ୍ଗୀ:** ସୋମବାର ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାନ୍ଦପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଦ୍ମ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ସେନାପତି, ସଭାପତି ବଦ୍ରିନାରାୟଣ ଚୌଧୁରୀ, ପୂର୍ବତନ ସହ ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ, ସିଆରସିସି ସୁନାକର ମିଶ୍ର, ପୂର୍ବତନ ସିଆରସିସି ପ୍ରଶାନ୍ତ ପ୍ରଧାନ ଯୋଗଦେଇଥିବା ବେଳେ ବିଚାରକ ଭାବରେ ଭାସ୍କର ବେହେରା ଏବଂ ବିରେନ ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରେମଲତା ଜାଲି ପରିଚୟ ପ୍ରଦାନ, ରଶ୍ମିତା ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଚାନ୍ଦପୁର ସିଆରସିସି ପବିତ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ୧୧ଟି ବିଦ୍ୟାଳୟର ୧୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।





## ● ଟାଙ୍ଗୀ ବନାଞ୍ଚଳରେ ବଢୁଛି ହାତୀ ଉତ୍ପାତ; ବନ ବିଭାଗ ନୟାନ୍ତ

# ଜଗନ୍ନାଥପୁରରେ ୧୭, ରମାବିଲିରେ ୧ ହାତୀ

**ନିରାକାରପୁର,୧୩।୧୦(ସମିସ):** ଜଙ୍ଗଲ ଜମି ନଷ୍ଟ ଓ ଖାଦ୍ୟାଭାବରୁ ହାତୀ ବର୍ତ୍ତମାନ ଗାଁ ଓ ସହରମୁହାଁ ହୋଇଛନ୍ତି। ଫଳରେ ଅଦିନିଆ ଦେଖୁଥିବା ମଣିଷ ଏବେ ନିତିଦିନ ହାତୀଙ୍କ ହାବୁଡ଼ରେ ପଡ଼ି ଭୟରେ ଖଣ୍ଡିଆ ଖାବରା ହେଉଛି ତ କେତେବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଉଛନ୍ତି। ହାତୀ ଓ ମଣିଷର ଲଢ଼େଇ ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। କେତେବେଳେ ହାତୀ ତ ଆଉ କେତେବେଳେ ମଣିଷର ପାଳି ପଡୁଛି ମୃତ୍ୟୁଯନ୍ତାରେ। ଦୀର୍ଘ ଦିନ ଧରି ଖଜୁରୀପଡ଼ା, ରାମେଶ୍ୱର, କାଶୀପୁର ଚିତ୍ରକୂଟ ମୁଣ୍ଡିଆ, ଡମଣଭୂମି, ଗୟାବନ୍ଧ, ନାଳସିଂହ, ଗୋଳବାଇ, ସିକୋ, ଗୋଡ଼ିପଡ଼ା, ଜଙ୍କିଆ, କମାଗୁରୁ, ଟାଙ୍ଗୋଳ, ଭୂଷଣ୍ଡପୁର ଅଞ୍ଚଳରେ ହାତୀପଲ ଏଣେତେଣେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଥିବାବେଳେ ମଣିଷଙ୍କ ବିରୋଧର ଶିକାର ହୋଇ ଉଗ୍ରରୂପ ଧାରଣ କରୁଛନ୍ତି। ଘରଦ୍ୱାର ଭାଙ୍ଗିବା, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିବା ସହ ମଣିଷଙ୍କୁ ଆକ୍ରମଣ କରିବାକୁ ବନ ବିଭାଗ ଯେତେ ଚେଷ୍ଟା କଲେ ବି ରୋକିବାରେ ବିଫଳ ହେଉଛି। ଏବେ ୧୮ରୁ ଉର୍ଦ୍ଧ୍ୱ ହାତୀ ବିଭିନ୍ନ ଅଞ୍ଚଳରେ ବୁଲୁଥିବାବେଳେ ଓଳସିଂହ, ଡମଣଭୂମି, କମାଗୁରୁ ଓ ନାରଗୋଦା, ଜଙ୍କିଆ ନିକଟ ଜଙ୍ଗଲ ଛାଡ଼ି କେଉଁଆଡ଼େ ଯାଉନାହାନ୍ତି। ବନ ବିଭାଗ ବହୁ କଷ୍ଟ କରି ବନ ବିଭାଗ କେତୋଟି ହାତୀକୁ ଅନ୍ୟତ୍ର ଛାଡ଼ି ଦେଇଥିବାବେଳେ ପୁଣି କିଛି ହାତୀ ଟାଙ୍ଗୀ ବନାଞ୍ଚଳରେ ଡେରା ପକାଇବା ଆରମ୍ଭ କରିବାରେ ଲାଗିଛନ୍ତି। ଗତ କିଛିଦିନ ହେଲା ରଣପୁର ବନାଞ୍ଚଳରୁ ୧୮ଟି ହାତୀ ଆସି କମାଗୁରୁ ସାହାଡ଼ା ଜଙ୍ଗଲରେ ଡେରା ପକାଇଛନ୍ତି। ସୋମବାର ସନ୍ଧ୍ୟାରେ ସେଥିରୁ ୧୭ଟି ହାତୀ ଜଗନ୍ନାଥପୁରଠାରେ ଥିବାବେଳେ ରମାବିଲିରେ ଗୋଟିଏ ହାତୀ ଥିବାର ସୂଚନା ମିଳିଛି। ଅଳ୍ପ ସଂଖ୍ୟକ ବନ କର୍ମଚାରୀ ଏମାନଙ୍କ ନିକଟରେ ହାର୍ ମାନି କେବଳ ଘଉଡ଼ାଇବା ଛଡ଼ା ଅନ୍ୟ କିଛି କରିବାରେ ନିରୁପାୟ ହେଉଛନ୍ତି। ହାତୀ କେବଳ ଜଙ୍ଗଲରୁ ଧାନ କିଆରୀ, ବଜାର, ରାସ୍ତା ବୁଲୁଛନ୍ତି। ଫଳରେ ଟାଙ୍ଗୀ ବନାଞ୍ଚଳରେ ଲୋକମାନେ ଭୟଭୀତ ସ୍ଥିତିରେ ରହୁଛନ୍ତି। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏହି ହାତୀ ଉପଦ୍ରବରୁ କେବେ ମିଳିବ ତ୍ରାହି। ସରକାର କେବେ ଶୁଭ ଦୃଷ୍ଟି ପକାଇ ଏହି ହାତୀମାନଙ୍କୁ କଳବଳ ଲଗାଇ ଚନ୍ଦକା ଜଙ୍ଗଲକୁ ଛାଡ଼ିବେ।



ସକାଳ THE SAKALA



# ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ଘଟଣା ଦିନ ୧୦ଥର ରେକି କରିଥିଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୧୩।୧୦(ସମିସ): ହତ୍ୟାକାଣ୍ଡ ଦିନ ଆତତାୟୀମାନେ ଅନ୍ୟୂନ ୧୦ଥର ରେକି କରିଥିଲେ। ପୀତବାସଙ୍କ ମୋବାଇଲରୁ କିଛି ନମ୍ବରକୁ ଟ୍ରାକିଂ କରି ହତ୍ୟାକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ବର୍ତ୍ତମାନ ପୁଲିସ ୪ ଜଣ ଅପରାଧୀଙ୍କୁ ଅଟକ ରଖି ଜେରା କରୁଥିବା ବେଳେ ପୀତବାସଙ୍କ ବନ୍ଧୁ ଓ ସହଯୋଗୀଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ତଦନ୍ତ ବେଳେ ପୀତବାସଙ୍କ ଘର ଓ ଚାମ୍ବରରୁ ମିଳିଥିବା

- ତଦନ୍ତ ଟିମରେ ସାମିଲ ହେଲେ ନୂଆ ଅତିରିକ୍ତ ଏସ୍‌ପି ଆଲୋକ ଜେନା
- ନିଆଗଲା ଅଭିଜ୍ଞ ଓ ଦକ୍ଷ ଅଧିକାରୀଙ୍କ ସହାୟତା
- ଫୁଲବାଣୀ, ଚୌଦ୍ୱାର ଓ ପାରାଦ୍ୱୀପରେ ସ୍ୱତନ୍ତ୍ର ପୁଲିସ ଟିମର ଛାନଭିନ୍

କିଛି ତଥ୍ୟର ଲିଙ୍କ୍ ଖୋଜିବାକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ନେଇ ଚାଲିଥିବା ତଦନ୍ତ ଓ ତନାଘନାର ଆଜି ସମୀକ୍ଷା କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ। ତଦନ୍ତ ପାଇଁ ଗଠିତ ସମସ୍ତ ୬ଟି ଟିମର ସଦସ୍ୟଙ୍କୁ ନେଇ ନିଜ କାର୍ଯ୍ୟାଳୟରେ ହତ୍ୟାକାଣ୍ଡ ସମ୍ପର୍କିତ ତଦନ୍ତ ଓ ଅଗ୍ରଗତି ସମ୍ପର୍କରେ ଏସ୍‌ପି ବିସ୍ତୃତ ସମୀକ୍ଷା କରିଛନ୍ତି।

ଏଥିରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ରହ୍ମପୁର ଅତିରିକ୍ତ ଏସପି ଆଲୋକ ଜେନା ଉପସ୍ଥିତ ରହିବା ସହିତ ତଦନ୍ତ ଟିମ୍‌ରେ ସାମିଲ ହୋଇଥିଲେ। ଟାଉନ୍ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ ସୁଚିତ୍ରା ପରିଡ଼ା ଓ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ସମେତ ଟିମ୍‌ରେ ସାମିଲ ଥିବା ଏସ୍‌ଆଇ ଓ ଏଏସ୍‌ଆଇମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। କେଉଁଠାରେ ସମସ୍ୟା ରହିଛି, କାହିଁକି ସଫଳତା ମିଳୁନି। କିଏ ହତ୍ୟାକାରୀ ଓ ଘଟଣା ପଛର ରହସ୍ୟ କ'ଣ; ଏସବୁକୁ ନେଇ ପୁଲିସର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ବିଳମ୍ବରେ ହେଲେ ମଧ୍ୟ ବହୁ ତର୍ଜମା ପରେ ପୁଲିସ ହାତରେ ଲାଗିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ।

ପୀତବାସଙ୍କ ଦୁଇଟି ମୋବାଇଲରୁ ପୁଲିସକୁ କିଛି ସାଂଘାତିକ ତଥ୍ୟ ମିଳିଥିବା ଜଣାପଡ଼ିଛି। ପେସାଦାର ଅପରାଧୀ ହିଁ ପୀତବାସଙ୍କୁ ହତ୍ୟା କରିଥିବା ତଦନ୍ତରୁ ପୁଲିସ ଜାଣିପାରିଛି। ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ଜାରି ରହିଛି ପ୍ରୟାସ। ମିଳିଥିବା ତଥ୍ୟକୁ ଆଧାର କରି ଗୋଟିଏ ଟିମ୍ ଚୌଦ୍ୱାର ଯାଇଥିବା ବେଳେ ଅନ୍ୟ ଟିମ୍ ଫୁଲବାଣୀ ଓ ପାରାଦୀପ ଅଞ୍ଚଳରେ ଛାନଭିନ୍ କରୁଥିବା ସୂଚନା ମିଳିଛି। ସେହିଭଳି ଗୋଟିଏ ଟିମ୍ ରାଜ୍ୟ ବାହାରେ ତନାଘନା କରୁଥିବା ଜଣାପଡ଼ିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ସହରର ବିଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ସ୍ଥଳରେ ସିସିଟିଭି କ୍ୟାମେରା ଲଗାଯିବା ସହ ଅସ୍ଥାୟୀ ଶିବିର ଖୋଲାଯାଇ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ବିଭିନ୍ନ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଏପରିକି ଘଟଣାରେ ରାଜ୍ୟ ତଥା ରାଜ୍ୟ ବାହାରର ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯାଇଥିବା ବେଳେ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟ କରିଥିବା କିଛି ଅଭିଜ୍ଞ ଓ ଦକ୍ଷ ପୁଲିସ ଅଧିକାରୀଙ୍କ ପରାମର୍ଶ ମଧ୍ୟ ନିଆଯାଇଛି। ଯେଉଁ ଶୈଳୀରେ, ଯେଉଁ ସମୟରେ ଏବଂ ଯେଉଁଭଳି ପରିବେଶରେ ପୀତବାସଙ୍କୁ ଗୁଳି କରି ହତ୍ୟା କରାଯାଇଛି, ସେଭଳି ହତ୍ୟାକାଣ୍ଡ ପୂର୍ବରୁ ରାଜ୍ୟରେ ଅନ୍ୟ କେଉଁଠି ହୋଇଛି କି? ସେଥିରେ ଅପରାଧୀ ଧରାପଡ଼ିଛନ୍ତି କି ନାହିଁ ତାହା ଜାଣିବା ପାଇଁ ମଧ୍ୟ ସବୁ ଜିଲ୍ଲାର ପୁଲିସ ଅଧିକାରୀଙ୍କ ସହାୟତା ନିଆଯାଇଛି।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ଆଜି ରାତିରେ ବୈକୁଣ୍ଠନଗର ଅଞ୍ଚଳର ଜଣେ ପାନ ଦୋକାନୀଙ୍କୁ ଉଠାଇ ନେଇଛି।

## ଚର୍ଚ୍ଚା ବଢ଼ାଇଲା ବିଜେପି ନେତା କାହ୍ନୁ ପତିଙ୍କ ବୟାନ

ବ୍ରହ୍ମପୁର, ୧୩।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ସପ୍ତାହେ ବିତିଛି। ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ, ସେମାନଙ୍କର କୌଣସି ସୁରାକ ମଧ୍ୟ ଏଯାଏ ପାଇପାରିନି। ଏଭଳି ସ୍ଥିତିରେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ବିସ୍ଫୋରକ ବୟାନକୁ ନେଇ ସହରରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି।

- ୨୬ତାରିଖରୁ ଷଡ଼୍‌ଯନ୍ତ୍ର ହୋଇଥିବା ସୂଚନାର ସତ୍ୟତା କେତେ
- କାହ୍ନୁଙ୍କୁ ଜେରା କରିବ କି ପୁଲିସ

ସୋମବାର ଦଳ ପକ୍ଷରୁ ଆୟୋଜିତ ଏକ ଶୋକସଭାରେ କାହ୍ନୁ ଗଣମାଧ୍ୟମକୁ କହିଥିଲେ, ପୀତବାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ପୁଲିସ ଧରିସାରିଛି। ପ୍ରମାଣ ଯୋଗାଡ଼ କରୁଥିବାରୁ ପୁଲିସକୁ ବିଳମ୍ବ ହେଉଛି। ହତ୍ୟା ପଛରେ ବ୍ୟାପକ ଅର୍ଥ କାରବାର ହୋଇଛି। ଗତ ମାସ ୨୬ତାରିଖରୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ ହୋଇ ୬ତାରିଖ ପର୍ଯ୍ୟନ୍ତ ପୀତବାସଙ୍କ ପିଛା କରୁଥିଲେ ଆତତାୟୀ। ସବୁ କିଛି ସିସିଟିଭିରେ କଏଦ୍ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଆନ୍ଧ୍ରରୁ ଅଣାଯାଇଛି। କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଅପରାଧୀମାନେ ପୀତବାସଙ୍କଠାରୁ ଛଡ଼ାଇ ନେଇଛନ୍ତି। ପୁରୁଣା ଏକ ହତ୍ୟାକାଣ୍ଡର କିଛି ଅପରାଧୀ ଖୋଲାରେ ବୁଲୁଥିବା ବେଳେ ସେମାନଙ୍କୁ ପଦାରେ ପକାଇବା ପାଇଁ ପୀତବାସ ଚେଷ୍ଟା କରୁଥିଲେ ଏବଂ ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଛି ବୋଲି କାହ୍ନୁ କହିଥିଲେ। କାହ୍ନୁଙ୍କ ଏହି ବୟାନକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ସେପଟେ, ପୀତବାସଙ୍କ ହତ୍ୟା ସମ୍ପର୍କିତ ଏତେସବୁ ତଥ୍ୟ ଯଦି କାହ୍ନୁଙ୍କ ନିକଟରେ ରହିଛି, ସେ ପୁଲିସକୁ ଦେଇ ତଦନ୍ତରେ କାହିଁକି ସହଯୋଗ କରୁନାହାନ୍ତି ବୋଲି ବୁଦ୍ଧିଜୀବୀମହଲ ପ୍ରଶ୍ନ କରିଛନ୍ତି। ନିଜ ଦଳର ଜଣେ ସକ୍ରିୟ ନେତାଙ୍କ ହତ୍ୟା ପଛରେ କାହାରି ହାତ ରହିଛି, ସେନେଇ ସେ ରହସ୍ୟ ଉନ୍ମୋଚନ କରିବା ଜରୁରୀ। ତେବେ ଯଦି ଏହା କାହ୍ନୁଙ୍କ ମନଗଢ଼ା କାହାଣୀ, ତେବେ ଏ ସମୟରେ ଏଭଳି ଗପିବା ଆଦୌ ଶ୍ରେୟସ୍କର ନୁହେଁ ବୋଲି ସେମାନେ କହିଛନ୍ତି।

ପୀତବାସ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ମଧ୍ୟ ପୁଲିସ ପାଇଁ ସେତିକି ବଡ଼ ଚାଲେଞ୍ଜ। ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ କାହ୍ନୁଙ୍କ ଏଭଳି ବୟାନ ପୁଲିସକୁ ଦୋଛକିରେ ପକାଇ ଦିଗହରା କରିବା ଭଳି ମନେ ହେଉଛି। ଏକ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ଘଟଣାର ତଦନ୍ତଭାର ବର୍ତ୍ତମାନ କ୍ରାଇମବ୍ରାଞ୍ଚକୁ ନ୍ୟସ୍ତ କରାଯାଉ ବୋଲି ଦାବି କରିଛନ୍ତି ଯୁବ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ।

ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଯଦି କୌଣସି ବ୍ୟକ୍ତି କିଛି ପ୍ରତିକ୍ରିୟା ରଖୁଛନ୍ତି, ତେବେ ତାହା ସେମାନଙ୍କର ବ୍ୟକ୍ତିଗତ ମତ। ତାକୁ ନେଇ ପୁଲିସର କିଛି କହିବାର ନାହିଁ। ଅଭିଯୁକ୍ତଙ୍କୁ ପୁଲିସ ଧରିଥିବା ନେଇ ଯେଉଁ ଖବର ଲୋକଲୋଚନକୁ ଆସିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ସ୍ପଷ୍ଟ କରିଛନ୍ତି। ସବୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଥିବା ସେ ଦୋହରାଇଛନ୍ତି।

■ ସହିଦ ସପ୍ତାହରେ ରେଳଧାରଣାରେ ମାଓବାଦୀଙ୍କ ବିସ୍ଫୋରଣ

## ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ

ରାଉରକେଲା, ୧୩।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କେ.ବଲାଙ୍ଗ ଥାନା ଅଧୀନ କରମପଦା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇଦେବା ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କୁ ଦିଆଯାଇଛି। ମାଓବାଦୀ ସଂଗଠନ ପକ୍ଷରୁ ପାଳନ ହେଉଥିବା ସହିଦ ସପ୍ତାହର ଅନ୍ତିମ ଦିନରେ ଏହି ବିସ୍ଫୋରଣ କରାଯାଇଥିଲା। ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଭୁବନେଶ୍ୱରରେ ପଚରାଉଚରା କରୁଥିବା ସୂଚନା ମିଳିଛି।

ଗତ ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏନେଇ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଦେଖିବାକୁ ମିଳିଥିଲା। କିନ୍ତୁ, ଅଗଷ୍ଟ ୨ରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରି ଏକ ବଡ଼ଧରଣର ମାଓହିଂସା ଘଟାଇଥିଲେ। ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଙ୍ଗଡ଼ା ରେଳଷ୍ଟେସନ୍‌ରୁ ୩କିମି ଦୂରରେ ରେଳଧାରଣାର ଏକ ଖୁଣ୍ଟ ନିକଟରେ ଶକ୍ତିଶାଳୀ ପ୍ରେସର ଆଇଇଡି ଖଞ୍ଜିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଲ୍ୟାଣ୍ଡମାଇନ୍ ଉପରେ ବୁଦ୍ଧୁରାମ ମୁଣ୍ଡା ନାମକ ଜଣେ



ଯୁବକଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଗୁରୁତର ଆହତ ବୁଦ୍ଧୁରାମଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁନର୍ବାର ଅଗଷ୍ଟ ୩ତାରିଖ ସକାଳ ପ୍ରାୟ ୯ଟାରେ ସେହି ଟ୍ରାକ୍‌ର ଅନ୍ୟ ଏକ ଖୁଣ୍ଟ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା। ଆଜି ଉକ୍ତ ବିସ୍ଫୋରଣ ଘଟଣାଗୁଡ଼ିକର ତଦନ୍ତ ଭାର ଏନଆଇଏ ନିଜ ହାତକୁ ନେଇଥିବା ଜଣାଯାଇଛି।

## ସାଇବର୍ ଅପରାଧୀ ଦୁଇ ଭାଇଙ୍କୁ ରାଜସ୍ଥାନରୁ ଧରିଲା ପୁଲିସ

ଅନୁଗୋଳ, ୧୩।୧୦ (ସମିସ): ପ୍ରସାଧାନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ କରାଇଦେବାକୁ କହି ତାଳଚେରର ଜଣେ ମହିଳାଙ୍କୁ ଅଢ଼େଇ ଲକ୍ଷ ଚୂନ ମାରିଥିବା ଦୁଇ ସାଇବର୍ ଅପରାଧୀଙ୍କୁ ଅନୁଗୋଳ ପୁଲିସ ରାଜସ୍ଥାନରୁ ଧରିଛି। ସେମାନେ ହେଲେ, ରାଜସ୍ଥାନ ଅଲୱାର ଜିଲ୍ଲା ଆରାବଳୀ ଥାନା ଶାନ୍ତିକୁଞ୍ଜ ଅଞ୍ଚଳର ଦୀପକ କୁମାରଙ୍କ ପୁଅ ଡଂସ କୁମାର (୨୨) ଏବଂ ଗୌରଭ କୁମାର (୨୧)। ସଂପର୍କରେ ସେମାନେ ଦୁଇ ଭାଇ। ଦୁହେଁ ନକଲି ୱେବସାଇଟ୍ ତିଆରି କରି ଲୋକଙ୍କଠାରୁ ଟଙ୍କା ଲୁଟ୍ କରୁଥିଲେ। ପୁଲିସ ସେମାନଙ୍କଠାରୁ ଲାପଟପ୍, ଦୁଇଟି ମୋବାଇଲ, ଏଟିଏମ କାର୍ଡ, ଏବଂ ୨୦ ହଜାର ଟଙ୍କା ଜବତ କରିଛି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ଜୈନ ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ତାଳଚେର ଏଫସିଆଇ ଅଞ୍ଚଳର ଜଣେ ମହିଳା ବିଜିନେସ ଡଟ୍ କମ୍ ୱେବ୍‌ସାଇଟ୍ ଜରିଆରେ ସୁଲଭ ମୂଲ୍ୟରେ ବିୟୁଟି ପାର୍ଲର ପ୍ରସାଧନ ସାମଗ୍ରୀ ମଗାଇଥିଲେ। ଶୀଘ୍ର ଏବଂ ଅଧିକ ଲାଭବାନ ହେବାକୁ ଏହି ପ୍ରସାଧନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ ହେବା ପାଇଁ ପର୍ଯ୍ୟାୟକ୍ରମେ ସେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ଡିଷ୍ଟ୍ରିବ୍ୟୁଟରସିପ୍ ନ ମିଳିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ସଂପର୍କରେ ଗତ ଜୁନ ମାସରେ ବିକ୍ରମପୁର ଥାନାରେ ସେ ଅଭିଯୋଗ



କରିଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ପୁଲିସ ରାଜସ୍ଥାନ ଅଲୱାର ଜିଲ୍ଲାରେ ଏହି ସାଇବର ଅପରାଧର ଚେର ପାଇଥିଲା। ବିକ୍ରମପୁର ଥାନା ଏସ୍‌ଆଇ ସ୍ମୃତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରାଜସ୍ଥାନରେ ପହଞ୍ଚି ସାଇବର ଅପରାଧୀ ଦୁଇ ଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗିଲେ ପୀତବାସଙ୍କ ପତ୍ନୀ



ବ୍ରହ୍ମପୁର, ୧୩।୧୦(ସମିସ): ମୋ ସ୍ୱାମୀ ବହୁତ ଭଲ ଲୋକ ଥିଲେ। ସେ ମୋତେ କେବେ ଦୁଃଖ ଦେଇ ନାହାନ୍ତି। ସେ ସବୁବେଳେ ଅନ୍ୟକୁ ସାହାଯ୍ୟର ହାତ ବଢ଼ାନ୍ତି। ଏହା ବ୍ରହ୍ମପୁର ସହରବାସୀ ଜାଣିଛନ୍ତି। ମୁଖ୍ୟମନ୍ତ୍ରୀ ମୋତେ ନ୍ୟାୟ ଦିଅନ୍ତୁ। ତାଙ୍କ ମୃତ୍ୟୁ ପରେ ମୁଁ ଯେମିତି କଷ୍ଟ ଭୋଗୁଛି, ଅପରାଧୀମାନଙ୍କୁ ସେମିତି ଦଣ୍ଡ ମିଳୁ। ନହେଲେ ଫାଶୀ ଦିଆଯାଉ ବୋଲି କାନ୍ଦିକାନ୍ଦି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ସ୍ୱର୍ଗତ ପୀତବାସଙ୍କ ଧର୍ମପତ୍ନୀ ସୁସ୍ମିତା ପଣ୍ଡା। ଅନ୍ୟପକ୍ଷରେ, ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି, ମୋ ଭାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ବ୍ରହ୍ମପୁର ଏସ୍‌ପି ନିଜେ ଏହି ଘଟଣାର ତଦାରଖ କରୁଛନ୍ତି। ମୋର ବିଶ୍ୱାସ ଅଛି, ପୁଲିସ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ମୋ ଭାଇର ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ସହ ଉଚିତ ଦଣ୍ଡ ଦେବ। ମୋର ଆଇନ ଉପରେ ଭରସା ଅଛି ଏବଂ ଆମ ପରିବାରକୁ ନିଶ୍ଚୟ ନ୍ୟାୟ ମିଳିବ।


ଆଇନ ଉପରେ ମୋର ଭରସା ଅଛି: ସାନ ଭାଇ



■ ଏମିତି ବି ଆସେ ମୃତ୍ୟୁ!

## ଚଳନ୍ତା କାର୍‌ରେ ଚାଳକଙ୍କୁ ହୃଦ୍‌ଘାତ

କୁଚିଣ୍ଡା, ୧୩।୧୦(ସମିସ): ଏମିତି ବି ଆସେ ମୃତ୍ୟୁ। କାର୍ ଚଳାଇବା ବେଳେ ହୃଦ୍‌ଘାତରେ ଚାଳକଙ୍କ ମୃତ୍ୟୁ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, କତରବଗା ଗ୍ରାମର ଶ୍ରୀକାନ୍ତ ନାଗ(୪୦)। କୁନ୍ତୁରା ଋଷିକୂଳ ଆଶ୍ରମରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଆଣିବା ପାଇଁ ଆଜି ଅପରାହ୍ଣରେ ଛାତ୍ରୀଙ୍କ ମା' ସହ ଶ୍ରୀକାନ୍ତ ଏକ କାର୍ ଯୋଗେ ଯାଉଥିଲେ। ଛାତ୍ରୀଙ୍କୁ ନେଇ ସେମାନେ କତରବଗାକୁ ଫେରୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀକାନ୍ତଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଚାହୁଁଚାହୁଁ



ସେ କାର୍‌ର ଷ୍ଟିୟରିଂ ଉପରେ ଟଳି ପଡ଼ିଥିଲେ। ସୌଭାଗ୍ୟକୁ କାର୍‌ଟିର ଗତି ଧୀର ହେବା ସହ ଏକ କାନ୍ଥରେ ପିଟି ଅଟକି ଯାଇଥିଲା। ଏହା ଦେଖି ପାଖରେ ଥିବା ଅବସରପ୍ରାପ୍ତ ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକ କାର୍‌କୁ ଚଳାଇ କୁଚିଣ୍ଡା ଡାକ୍ତରଖାନାକୁ ନେଇ ଯାଇଥିଲେ। କିନ୍ତୁ ସେତେବେଳକୁ କାର୍ ଚାଳକ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟି ସାରିଥିଲା। ଖବର ପାଇ କୁଚିଣ୍ଡା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ କୁଚିଣ୍ଡା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଫିସ୍ କାମ ବେଳେ ଚେୟାର୍‌ରୁ ଟଳି ପଡ଼ିଲେ

ଭଞ୍ଜନଗର, ୧୩।୧୦(ସମିସ): ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ନୀଳକଣ୍ଠ ସ୍ୱାଇଁ(୫୨)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସାରଦାବର୍ତ୍ତନୂଆଁଗାଁ ଗ୍ରାମର ନୀଳକଣ୍ଠ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ୧୯୯୬ରୁ ଚାକିରି କରୁଥିଲେ। ବିଗତ କିଛି ମାସ ହେବ ସେ ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିଲେ। ଆଜି ଅପରାହ୍ନରେ କାର୍ଯ୍ୟାଳୟରେ ଥିବା ସମୟରେ ଆସନ୍ତାକାଲିର କାର୍ଯ୍ୟକ୍ରମ ଉପରେ ଗ୍ରୁପରେ ମେସେଜ ପକାଇଥିଲେ। ପରେ ସେ ବାଥ୍‌ରୁମ୍ ଯାଇ ସେଠି ପଡ଼ି ଯାଇଥିଲେ। ଏହାପରେ ସେ ନିଜେ ବାଥ୍ ରୁମରୁ ଉଠି ଆସି ନିଜ ଚେୟାରରେ ବସି କାମ କରୁଥିଲେ। ଏହି ସମୟରେ ସେ ଚେୟାରରୁ ପୁଣି ତଳେ ପଡ଼ିଯାଇଥିଲେ। ଦୁଇଥର ହୃଦ୍‌ଘାତ ପରେ ସେ ମୃତ୍ୟୁବରଣ କରିଥିବା କର୍ମଚାରୀମାନେ ଆଶଙ୍କା କରୁଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଖବର ପାଇ ଭଞ୍ଜନଗର ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଉମାଶଙ୍କର ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନିତା ଦଳବେହେରା ପ୍ରମୁଖ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି।

## ସାର ସଙ୍କଟ: ବିଳମ୍ବରେ ସରକାରଙ୍କ ଚେତା ପଶିଲା

ଭୁବନେଶ୍ୱର, ୧୩।୧୦(ସମିସ): ଚଳିତ ଖରିଫ୍ ଋତୁରେ ରାଜ୍ୟବ୍ୟାପୀ ବିହନ ଏବଂ ସାର ଯୋଗାଣକୁ ନେଇ ବେଶ୍ ହନ୍ତସନ୍ତ ହୋଇଛନ୍ତି ଚାଷୀ। ବିଶେଷକରି ସାରକୁ ନେଇ ରାଜ୍ୟବ୍ୟାପୀ ଚାଷୀ ବେଶ୍ ହନ୍ତସନ୍ତ

- ରବି ଋତୁରେ ତ୍ରୁଟିଶୂନ୍ୟ ସାର ଯୋଗାଣ ଉପରେ ଗୁରୁତ୍ୱ
- ଖୁବଶୀଘ୍ର ପ୍ରକାଶ ପାଇବ ସଂଶୋଧିତ ମାର୍ଗଦର୍ଶିକା
- ୟୁରିଆ ଯୋଗାଣ ଦାୟିତ୍ୱ ବହନ କରିବ ମାର୍କଫେଡ୍
- ରବି ବିହନ ଯୋଗାଣ ପାଇଁ ହେବ ଉଚ୍ଚସ୍ତରୀୟ ବୈଠକ

ହୋଇଥିବା ବେଳେ ଏବେ ମଧ୍ୟ କେତେକ ସ୍ଥାନରେ ଆବଶ୍ୟକୀୟ ସାର ମିଳି ପାରିନାହିଁ। ସାର ନ ପାଇ ସରକାରୀ ସଂସ୍ଥା ଆଗରେ ରାତି ରାତି ଅନିଦ୍ରା ହୋଇ ଚାଷୀ ବସିବସି ନିରାଶ ହୋଇଛି। ବାଧହୋଇ ଚଢ଼ାଦରରେ ଖୋଲା ବଜାରରୁ ସାର କିଣିବାକୁ ଚାଷୀ ବାଧ ହୋଇଛନ୍ତି। ତେଣୁ ରବି ଋତୁରେ ଚାଷୀଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ଏନେଇ ନିକଟରେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ରାଜ୍ୟରେ ଆସନ୍ତା ରବି ଋତୁ ୨୦୨୫-୨୬ ପାଇଁ ବିହନ ଯୋଗାଣ ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। ଖରିଫ ଋତୁରେ ଚାଷୀମାନେ ସଠିକ୍ ସମୟରେ ଉନ୍ନତମାନର ବିହନ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ଚାଷୀଙ୍କୁ ଯେଉଁ ବିହନ ଯୋଗାଇ ଦିଆଯାଇଥିଲା, ତାହା ଗୁଣବତ୍ତା ଦୃଷ୍ଟିରୁ ଉନ୍ନତ ନଥିବା କୁହାଯାଇଥିଲା। ତେଣୁ ଆସନ୍ତା ରବି ଋତୁ ପାଇଁ ସଠିକ୍ ବିହନ ଯୋଗାଣ ପାଇଁ ରାଜ୍ୟ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବୈଠକ ଡକାଯିବ। ବୈଠକରେ ରବି ଋତୁ ପାଇଁ ଧାନ ଓ ଅଣଧାନ ବିହନ ଯୋଗାଣ ସମ୍ପର୍କରେ ବିଶେଷ ଆଲୋଚନା କରାଯିବ। ରବି ଋତୁ ପାଇଁ ଧାନ ବ୍ୟତୀତ ପରିବା, କପା ପାଇଁ କେତେ ମାତ୍ରାରେ ସାର ଆବଶ୍ୟକ ହେବ, ସେନେଇ ଓୟୁଏଟି ବିସ୍ତୃତ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ରାଜ୍ୟରେ ସାରର ଆବଶ୍ୟକତା ନେଇ ଏକ ଆକଳନ ପ୍ରସ୍ତୁତ କରାଯିବା ସହ ତଦନୁଯାୟୀ ସାର ମହଜୁଦ୍ ଏବଂ ପରବର୍ତ୍ତୀ ଅବସ୍ଥାରେ ଯୋଗାଣ କରାଯିବ। ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ସାର ଯୋଗାଣକୁ ପ୍ରତ୍ୟେକ୍ଷ ଭାବେ ନିରୀକ୍ଷଣ କରିବାକୁ ଥିବାବେଳେ ରାଜ୍ୟବ୍ୟାପୀ ୟୁରିଆ ଯୋଗାଣ ପାଇଁ ମାର୍କଫେଡକୁ ସମସ୍ତ କ୍ଷମତା ପ୍ରଦାନ କରାଯାଇଛି। ପାକ୍ସ ଓ ଲାମ୍ପସ ଦ୍ୱାରା ଚାଷୀଙ୍କ ନିକଟରେ ଯେପରି ସାର ସଠିକ୍ ସମୟରେ ପହଞ୍ଚିବ, ସେ ନେଇ ମାର୍କେଫେଡ ଆବଶ୍ୟକୀୟ ପଦକ୍ଷେପ ନେବ। ଆସନ୍ତା ରବି ଋତୁରେ ସାର ଯୋଗାଣ ପାଇଁ ଖୁବଶୀଘ୍ର ଏକ ସଂଶୋଧିତ ଏସଓପି ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଏମ୍‌କେସିଜି ରକ୍ତଭଣ୍ଡାରରୁ ୩ ଦଲାଲ କାବୁ

ବ୍ରହ୍ମପୁର, ୧୩।୧୦(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ରକ୍ତଭଣ୍ଡାରରୁ ୩ ଜଣ ଦଲାଲଙ୍କୁ ଫାଣ୍ଡି ପୁଲିସ କାବୁ କରିଛି। ଏହି ଦଲାଲମାନେ ରକ୍ତ ୟୁନିଟ୍ ପିଛା ରୋଗୀ ସମ୍ପର୍କୀୟଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଛି। ସେମାନଙ୍କୁ ବୈଦ୍ୟନାଥପୁର ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

ସୂଚନାନୁସାରେ, ଏମ୍‌କେସିଜିରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ରକ୍ତ ଆବଶ୍ୟକତା ଡାକ୍ତରମାନେ କହିଥିଲେ। ସେହି କ୍ରମରେ ରୋଗୀଙ୍କ ସମ୍ପର୍କୀୟ ରକ୍ତ ଭଣ୍ଡାରକୁ ଯାଇଥିଲେ। ହେଲେ ରକ୍ତଦାତା ଆଣିଲେ ହିଁ ରୋଗୀଙ୍କ ପାଇଁ ରକ୍ତ ଦିଆଯିବ ବୋଲି ରକ୍ତଭଣ୍ଡାର ପକ୍ଷରୁ କୁହାଯାଇଥିଲା। ଏହାପରେ ସମ୍ପର୍କୀୟମାନେ ଆଖାପାଖରେ ଉପସ୍ଥିତ ଥିବା କିଛି ଯୁବକଙ୍କୁ ରକ୍ତ ଯୋଗାଡ଼ କରିଦେବାକୁ ଅନୁରୋଧ କରିଥିଲେ। ହେଲେ ସେହି ଯୁବକ ତଥା ଦଲାଲମାନେ ୧ ହଜାର ଟଙ୍କା ଦେଲେ ରକ୍ତ ଯୋଗାଡ଼ କରିଦେବୁ ବୋଲି କହିଥିଲେ। ରକ୍ତଭଣ୍ଡାରରେ ଦଲାଲି କରାଯାଉଥିବା ଜାଣିବା ପରେ ସମ୍ପର୍କୀୟମାନେ ଏମ୍‌କେସିଜି ଫାଣ୍ଡି ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ୩ଜଣ ଦଲାଲଙ୍କୁ କାବୁ କରିଥିଲା। ପୂର୍ବରୁ ମଧ୍ୟ ରକ୍ତଭଣ୍ଡାରରେ ଦଲାଲି କରୁଥିବା ଏକାଧିକ ବ୍ୟକ୍ତିଙ୍କୁ ପୁଲିସ କାବୁ କରି ସାରିଛି। ଏମ୍‌କେସିଜି ରକ୍ତଭଣ୍ଡାରେ ଦଲାଲମାନେ ସକ୍ରିୟ ରହୁଥିବା ବେଳେ ରକ୍ତଭଣ୍ଡାର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି।

## ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ: ମୁଖ୍ୟମନ୍ତ୍ରୀ

ପୁରୀ, ୧୩।୧୦ (ସମିସ): ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ, ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର ମୌଳିକ ସାମର୍ଥ୍ୟ ଏବଂ ବିଶ୍ଳେଷଣାତ୍ମକ ଚିନ୍ତା। ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ ଓ ପବିତ୍ରତା। ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ଶିକ୍ଷା ପର୍ଯ୍ୟବସିତ ହେବା ଉଚିତ। ଶିକ୍ଷାର୍ଥୀମାନେ



ଜୀବନରେ ଭଗବତ୍ ଗୀତାଠାରୁ ଆରମ୍ଭ କରି ସମସ୍ତ ଧର୍ମଗ୍ରନ୍ଥ ପାଠ କରିବା ଦରକାର। ଈଶ୍ୱରବିଶ୍ୱାସୀ ହେବା ଦ୍ୱାରା ମଣିଷ ନିରହଙ୍କାରୀ ହେବା ସହ ଫଳ ଆଶା ବିନା ନିରନ୍ତର କାର୍ଯ୍ୟ କରିଚାଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତିନିଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ' ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଶିକ୍ଷକଙ୍କୁ ଏଣିକି ରେଗୁଲାର୍ ଭାବେ ନିଯୁକ୍ତି ମିଳିବ। ଫଳରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରିବ। ଜାତୀୟ ଶିକ୍ଷା ନୀତିକୁ ଠିକ୍ ଭାବେ ପରିଚାଳନା ନେଇ ଆଗାମୀ ୩ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି ହେବେ। ସେମାନଙ୍କ ମଧ୍ୟରୁ ଚଳିତବର୍ଷ ୧୫ହଜାର ଶିକ୍ଷକ ନିଯୁକ୍ତି ନେଇ ଯୋଜନା ରହିଛି। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟଗୁଡ଼ିକରେ ମଧ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ।

ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟର ଜାତୀୟ ସଚିବ ଡ. ଅତୁଲ କୋଠାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ ଏହି ଐତିହାସିକ ଶିକ୍ଷା ନୀତି ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ, ନିଃସନ୍ଦେହରେ ବିକଶିତ ଭାରତର ମୂଳଦୁଆ ସ୍ଥାପନ କରିବାରେ ଆମେ ସକ୍ଷମ ହେବା। ସେ ସମସ୍ତ ଶିକ୍ଷକବର୍ଗଙ୍କୁ ଏ ଦିଗରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ନୂଆଦିଲ୍ଲୀର ମହାସଚିବ ତଥା ରାଷ୍ଟ୍ରୀୟ ସଦସ୍ୟ ଡ. ପଙ୍କଜ ମିତ୍ତଲ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ।

## ରାଜ୍ୟରେ ନିର୍ଯାତିତା ଓଡ଼ିଆ ଝିଅଙ୍କୁ ନ୍ୟାୟ ଦେବାରେ ସରକାର ଉଦାସୀନ କାହିଁକି: ବିଜେଡି

ଭୁବନେଶ୍ୱର, ୧୩।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ସରକାର ତତ୍ପରତା ଦେଖାଉଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର, ଓଡ଼ିଶାରେ ଘଟୁଥିବା ଅନେକ ମହିଳା ନିର୍ଯାତନା ମାମଲାରେ ରାଜ୍ୟ ବିଜେପି ସରକାରଙ୍କ କାହିଁକି ସେଭଳି ତତ୍ପରତା ଦେଖିବାକୁ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି।

- ପଶ୍ଚିମବଙ୍ଗ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ
- ରାଜ୍ୟର ଚର୍ଚ୍ଚିତ ମହିଳା ନିର୍ଯାତନା ଘଟଣାରେ ମଧ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ
- ଓଡ଼ିଶାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳା ନିର୍ଯାତନା ଘଟଣା ଅହେତୁକ ବୃଦ୍ଧି ପାଇଛି। କିନ୍ତୁ ଏହି ସବୁ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ରହୁଥିବା ଦେଖିବାକୁ ମିଳୁଛି। ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାଗୁଡ଼ିକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ପଶ୍ଚିମବଙ୍ଗ ଘଟଣାରେ ଓଡ଼ିଶା ସରକାର ଯେପରି ତତ୍ପରତା ଦେଖାଇଛନ୍ତି, ସେପରି ତତ୍ପରତା ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯାତନା ଘଟଣାରେ ଦେଖିବାକୁ ମିଳୁନାହିଁ।

ପଶ୍ଚିମବଙ୍ଗ ଘଟଣାରେ ଜାତୀୟ ମହିଳା କମିସନ ଆସିଥିବା ବେଳେ ଓଡ଼ିଶାର ମହିଳା କମିସନ୍ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଘଟିଥିବା ସମ୍ବେଦନଶୀଳ ମହିଳା ନିର୍ଯାତନା ଘଟଣାରେ ଜାତୀୟ ମହିଳା କମିସନ ଆସିବା ତ ଦୂରେ ଥାଉ, ରାଜ୍ୟ ମହିଳା କମିସନ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟରେ ଗତ ୧୪ମାସ ଭିତରେ ୩୭,୬୧୧ ମହିଳା ନିର୍ଯାତନା ଘଟଣା ଘଟିଥିଲା ବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଥିଲେ ମଧ୍ୟ ଜାତୀୟ ମହିଳା କମିସନଙ୍କ ଦେଖା ମିଳିନଥିଲା। ସେହିପରି ରାଜ୍ୟ ମହିଳା କମିସନଙ୍କର ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନଜରକୁ ଆସିନଥିଲା।

ଏହାବ୍ୟତୀତ, ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ଉପରେ ସେ ଉଭୟ ଜାତୀୟ ଓ ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଉଭୟଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଓଡ଼ିଶାରେ ବାସ କରୁଥିବା ମହିଳାଙ୍କ ସହ ରାଜ୍ୟ ବିଜେପି ସରକାର କାହିଁକି ପାତରଅନ୍ତର କରୁଛନ୍ତି? ଗୋପାଳପୁର ଗଣଦୁଷ୍କର୍ମ ଘଟଣା ହେଉ କି ସୌମ୍ୟାଶ୍ରୀ ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା ହେଉ କି ବାଲି ହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା; ରାଜ୍ୟ ସରକାର ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍‌ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

# ଚିଲି ମ୍ୟାନ୍ :ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ମେଘାଳୟର ବାଟାବ ଗାଁର କୃଷକ ରାମ ପିରତୁହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୧ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଇଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ। ୫୦ ବର୍ଷିୟ ରାମଙ୍କ କହିବାନୁଯାୟୀ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ଗାଧୋଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଇଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କାଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

# 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ



ରିଷବ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ରିଷଭ ପୁଣି ଥରେ ନିଜ ଅନ୍ଦାଜରେ ପରଦାକୁ ଓହ୍ଲାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ବିଏଫ୍‌ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ଖୋଦ୍ ରିଷବ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ରିଷବ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷବ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

# ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ଗାଁଟିର ନାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେଷ୍ଟୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଷ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭୀଷଣ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଟୋପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର୍ ମହମ୍ମଦ ଅମାନ୍ ଧର୍ମକୋଟ୍‌ର ଭିଡିଓ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।






# ଫସଲ ଅମଳ ଯନ୍ତ୍ରପାତି



**ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ । ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।**

ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୧୨ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ବେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ବେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆରି, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ । ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

# ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ



**ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ । ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**

ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍ ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ।

## ଓଲକୋବି ଚାଷ

**ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଳା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲ କବି ଚାଷରୁ ଅଧିକ ଲାଭ ମିଳେ।**



ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିଗିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଗୁଣ୍ଡ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମିରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କୃଷକଙ୍କ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ତଳି ପଟାଳିରେ ତଳିଘରା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।

## ଘାନାର ଫିଫା ବିଶ୍ୱକପ୍ ଯୋଗ୍ୟତା

ଆକରା, ୧୩।୧୦ (ଏଜେନ୍ସି): ଆଫ୍ରିକା ମହାଦେଶର ୫ମ ଦେଶ ଭାବେ ଘାନା ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଘାନା ଦଳ ୧-୦ ଗୋଲରେ କମରୋସକୁ ପରାସ୍ତ କରିଥିଲା। ମ୍ୟାଚର ୪୭ତମ ମିନିଟ୍‌ରେ ମହମ୍ମଦ କୁଡୁସ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଫଳରେ ଯୋଗ୍ୟତା ପର୍ଯ୍ୟାୟରେ ଘାନା ସମସ୍ତ ୧୦ ମ୍ୟାଚ୍ ଖେଳି ୮ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ସର୍ବାଧିକ ୨୫ ପଏଣ୍ଟ ପାଇ ଗ୍ରୁପ୍-୧ ଟେବଲ ତାଲିକାର ଶୀର୍ଷରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ପୂର୍ବରୁ ଆଫ୍ରିକା ମହାଦେଶରୁ ଇଜିପ୍ଟ, ମରକ୍କୋ, ଟ୍ୟୁନିସିଆ ଓ ଆଲ୍‌ଜେରିଆ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ପାକିସ୍ତାନ କ୍ରିକେଟର୍ ୱାଜିରଙ୍କ ପରଲୋକ

ବର୍ମିହାମ, ୧୩।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ କ୍ରିକେଟର୍ ୱାଜିର ମହମ୍ମଦଙ୍କ ପରଲୋକ ଘଟିଛି। ଇଂଲଣ୍ଡର ବର୍ମିହାମସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ୱାଜିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ପାକିସ୍ତାନର ଜୀବିତ ଥିବା ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ଭାବେ ବିବେଚିତ ହେଉଥିଲେ। ୱାଜିର ୧୯୫୨ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ଟି ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମୁକାବିଲା ଥିଲା। କ୍ୟାରିୟରରେ ୨୦ଟି ଟେଷ୍ଟ ଖେଳିଥିବା ୱାଜିର ୮୦୧ ରନ କରିଥିଲେ। ପାକିସ୍ତାନ ପାଇଁ ଖେଳିଥିବା ଚର୍ଚ୍ଚିତ ମହମ୍ମଦ ଭ୍ରାତାଙ୍କ ମଧ୍ୟରୁ ୱାଜିର ହେଉଛନ୍ତି ସବୁଠୁ ବଡ଼। ତାଙ୍କ ସାନ ଭାଇ ହନିଫ ପାକିସ୍ତାନର ଜଣେ ମହାନ ବ୍ୟାଟର୍ ଥିଲେ। ପାଞ୍ଚଭାଇଙ୍କ ମଧ୍ୟରୁ ୪ଜଣ ପାକିସ୍ତାନ ପକ୍ଷରୁ ଟେଷ୍ଟ ଖେଳିଥିଲେ।

## କଳିଙ୍ଗରେ ରାଜ୍ୟ ପାରା ସନ୍ତରଣ ୨୫ରୁ


ଭୁବନେଶ୍ୱର,୧୩।୧୦(ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ ମହିଳା ବିଭାଗ ସିନିଅର ଓ ଜୁନିଅର କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ୨୫ତମ ଜାତୀୟ ପାରା ସନ୍ତରଣ ଲାଗି ମନୋନୀତ କରାଯିବ। ଯେଉଁମାନେ ଯୋଗ୍ୟତା ଅର୍ଜନ କରିଥିବେ, କେବଳ ସେମାନଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ। ଏହି ପ୍ରତିଯୋଗିତା ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ଅନୁଷ୍ଠିତ ହେବ। ଶାରିରୀକ, ଦୃଷ୍ଟିବାଧିତ ଓ ମାନସିକ ଭିନ୍ନକ୍ଷମ ପ୍ରତିଯୋଗୀମାନେ ଦିବ୍ୟାଙ୍ଗ ଓ ଜନ୍ମଗତ ପ୍ରମାଣପତ୍ର ସହ ୨୩ ତାରିଖ ସୁଦ୍ଧା ଏମ୍‌ଡିଏଫ୍ ଫର୍ମରେ ଆବେଦନ କରିବାକୁ କୁହାଯାଇଛି। ପ୍ରତିଯୋଗୀମାନେ ଜନ୍ମ, ଦିବ୍ୟାଙ୍ଗ ଓ ଡାକ୍ତର ନିଦାନ ଫର୍ମ ଆଣିବାକୁ ଅନୁରୋଧ କରାଯାଇଛି। ଅଧିକ ସୂଚନା ଲାଗି ପାରା ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ ସୁନୀଲ ପ୍ରଧାନଙ୍କୁ ଟେଲିଫୋନ୍ ନଂ- ୯୮୬୧୦୦୯୩୯୬ ରେ ଯୋଗାଯୋଗ କରିବାକୁ କୁହାଯାଇଛି।

### କ୍ୟାମ୍ପବେଲ୍‌ଙ୍କ ପ୍ରଥମ, ୮ ବର୍ଷ ପରେ ହୋପ୍‌ଙ୍କ ଟେଷ୍ଟ ଶତକ

# ବିଜୟଠାରୁ ୫୮ ରନ୍ ଦୂରରେ ଭାରତ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି)

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ଟେଷ୍ଟର ଜନ୍ କ୍ୟାମ୍ପବେଲ (୧୧୫) ଓ ସାଇ ହୋପ (୧୦୩)ଙ୍କ ଶତକ ବଳରେ ଫଲୋଅନ ପରେ ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସ ୩୯୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୧୨୦ ରନ୍‌ର ଅଗ୍ରଣୀ ନେଇଥିଲା। ଇଣ୍ଡିଜ୍ ପ୍ରଦତ୍ତ ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୮)ଙ୍କ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୯ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଆଉ ମାତ୍ର ୫୮ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ୫ ୱିକେଟରେ ୫୧୮ ରନ୍ କରିଥିବା ଭାରତ ଅହମ୍ମଦାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।



### ଦ୍ୱିତୀୟ ଇନିଂସରେ ଲଢ଼ିଲା ଇଣ୍ଡିଜ୍

ଏହି ସିରିଜ୍‌ରେ ଖେଳାଯାଇଥିବା ୨ଟି ଟେଷ୍ଟରେ ବ୍ୟାଟିଂ କରିଥିବା ପ୍ରଥମ ୩ଟି ଇନିଂସ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏଠାରେ ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦଳ ଲଢୁଆ ବ୍ୟାଟିଂ କରିଥିଲେ। ବିଶେଷକରି ତୃତୀୟ ଦିନ ଖେଳ ଶେଷରେ ବ୍ୟାଟିଂ କରିଥିବା ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଚତୁର୍ଥ ଦିନ ସକାଳେ ମଧ ଭାରତୀୟ ସ୍ପିନ୍ ଓ ପେସ୍ ବୋଲରଙ୍କୁ ସମାନ ଶୈଳୀରେ ମୁକାବିଲା କରିଥିଲେ। ଯାହା ଫଳରେ ଭାରତର ବୋଲରଙ୍କୁ ସଫଳତା ମିଳି ନ ଥିଲା। ଟେଷ୍ଟ ଜୀବନର ପ୍ରଥମ ଶତକ ହାସଲ କରିବା ପରେ ଜନ୍ କ୍ୟାମ୍ପବେଲ ରିଭର୍ସ ସୁଇପ୍ କରିବାକୁ ଯାଇ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୯ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ହୋପ୍‌ଙ୍କୁ ରୋଷ୍ଟୋନ ଚେଜ୍‌ଙ୍କ ରୂପରେ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଚତୁର୍ଥ ୱିକେଟରୁ ୫୯ ରନ୍ ଉଠାଇଥିଲେ। ଏହି ସମୟରେ ଭାରତ ନୂଆ ବଲ୍ ନେଇଥିଲା। ମହମ୍ମଦ୍ ସିରାଜ ନୂଆ ବଲ୍‌ରେ ହୋପଙ୍କୁ ଆଉଟ କରି ତାଙ୍କ ପ୍ରତିରୋଧ ଶେଷ କରିଦେଇଥିଲେ। ୨୧୪ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୧୨ ଚୌକା ଓ ୨ ଛକା ସହ ୧୦୩ ରନ୍‌ରେ ଆଉଟ ହୋଇଥିଲେ ହୋପ୍। ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ୍‌ର ସାମୟିକ ବିପର୍ଯ୍ୟୟ ଘଟିଥିଲା। ଏକଦା ଦଳ ୩ ୱିକେଟରେ ୨୭୧ ରନ୍ କରିଥିଲାବେଳେ ହୋପ୍‌ଙ୍କ ଆଉଟ ପରେ ସ୍କୋର ୯ ୱିକେଟରେ ୩୧୧ ରନ୍‌ରେ ପହଞ୍ଚିଥିଲା। କିନ୍ତୁ ଶେଷ ୱିକେଟରେ ଜଷ୍ଟିନ ଗ୍ରିଭ୍‌ସ ଓ ଜେଡେନ ସିଲ୍ସ ଲଢୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ପୁଣିଥରେ ନିରାଶ କରିଥିଲେ। ଏମାନେ ୨୨ ଓଭର ବ୍ୟାଟିଂ କରି ୭୯ ରନ୍ ଉଠାଇବା ପରେ ଯୋଡି ଭାଙ୍ଗିଥିଲା। ଶେଷ ୩ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସିଲ୍ସଙ୍କୁ ୩୨ ରନ୍‌ରେ ଆଉଟ କରି ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସଙ୍କ ୩୯୦ ରନ୍‌ରେ ଶେଷ କରିଥିଲେ। ନିମ୍ନ ଭାଗରେ କୁଲଦୀପ ଯାଦବ ୩ଟି ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ମହମ୍ମଦ୍ ସିରାଜ ୨ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟାଟରଙ୍କୁ ଆଉଟ କରିଥିଲେ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କ୍ୟାମ୍ପବେଲ ହୋପ୍ ତୃତୀୟ ୱିକେଟରେ ୨୯୫ ବଲ୍ ଖେଳି ୧୭୭ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଟେଷ୍ଟ କ୍ରିକେଟରେ କ୍ୟାମ୍ପବେଲ ପ୍ରଥମ ଶତକ ହାସଲ କରିଛନ୍ତି। ସେହିପରି ରେଡ୍‌ବଲ୍ କ୍ରିକେଟରେ ହୋପ୍ ଦୀର୍ଘ ୮ ବର୍ଷ ପରେ ହୋପ୍ ୩ ଅଙ୍କରେ ପହଞ୍ଚିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ। ଶେଷଯାଏ ଆଉଟ ହୋଇ ନ ଥିବା ଜଷ୍ଟିନ ଗ୍ରିଭ୍‌ସ ମଧ ୫୦ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଲଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦, ୧୧୮.୫ ଓଭର** (କ୍ୟାମ୍ପବେଲ-୧୧୫, ହୋପ୍-୧୦୩, ବୁମ୍‌ରା-୩/୪୪, କୁଲଦୀପ-୩/୧୦୪, ସିରାଜ୍-୨/୪୩)।

**ଭାରତ ଦ୍ୱିତୀୟ ଇନିଂସ: ୬୩/୧,୧୮ ଓଭର** (ଜୟସ୍ୱାଲ-୮, ରାହୁଲ-ବ୍ୟାଟିଂ-୨୫, ସାଇ ସୁଦର୍ଶନ-ବ୍ୟାଟିଂ-୩୦, ୱାରିକାନ୍-୧/୧୫)।

### ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ନିର୍ବାଚନ

## ସୁଶାନ୍ତ ସାହୁ ନୂଆ ସମ୍ପାଦକ



ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓର୍‌ଫା)ର ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରତ୍ୟେକ ପଦ ଲାଗି ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କ୍ରମାଗତ ତୃତୀୟଥର ଲାଗି ସଭାପତି ଦାୟିତ୍ୱ ସମ୍ଭାଳିବେ। ସେହିପରି ପୂର୍ବତନ ଖେଳାଳି ଭୁବନେଶ୍ୱରର ସୁଶାନ୍ତ କୁମାର ସାହୁ ନୂଆ ସମ୍ପାଦକ ହୋଇଛନ୍ତି। ଏହି ପଦରେ ଥିବା ଉପେନ୍ଦ୍ର ମହାନ୍ତି ଉପସଭାପତି ହୋଇଛନ୍ତି। ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ପଦ ବଜାୟ ରଖିଥିଲାବେଳେ ଦଶରଥପୁର, ଯାଜପୁରର ଭରତ କୁମାର ସାହୁ ନୂଆ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ତଥା ନିର୍ବାଚନ ଅଧିକାରୀ ରତିକାନ୍ତ ମହାପାତ୍ର ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସିଇଓ ଅଙ୍କୁଶ ଅରୋରା ଓ ଓଡ଼ିଶା ଅଲିମ୍ପିକ୍ ସଂଘର ଅଜୟ ବେହେରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। କ୍ରୀଡ଼ାବିଭାଗର ଓଏସ୍‌ଡି ସନାତନ ସାହୁ ପର୍ଯ୍ୟବେକ୍ଷକ ଓ ଭୁବନେଶ୍ୱର ଦୌଡ଼କୁଦ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓର୍‌ଫାର ଆଜୀବନ ସଦସ୍ୟ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିଶ୍ୱକପ୍: ଦ.ଆଫ୍ରିକାର ହ୍ୟାଟ୍ରିକ ବିଜୟ

ବିଶାଖାପାଟନମ, ୧୩।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଶରମିନ ଅଖତର (୫୦) ଓ ଶୋରନା ଅଖତର (୫୧) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ଏନ୍. ମାଲବାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୭୮ ରନ ମଧ୍ୟରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ମଧ୍ୟକ୍ରମରେ ମାରିଜନେ କାପ୍ପ (୫୬ ରନ) ଓ କ୍ଲୋଏ ଟ୍ରିୟନ (୬୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ଦଳ ୩ଟି ବଲ୍ ବଳକା ଥାଇ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ନାଦିନେ ଡି କ୍ଲେର୍କ ୨୯ ବଲରେ ଅପରାଜିତ ୩୭ ରନ କରି ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଇଂଲଣ୍ଡଠୁ ହାରିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ୩ଟି ବିଜୟ ହାସଲ କରି ୬ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା- ନ୍ୟୁଜିଲାଣ୍ଡ
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: କଲମ୍ବୋ

### ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍ | କ୍ୱାର୍ଟର ଫାଇନାଲ୍‌ରୁ ଭାରତର ବିଦାୟ

ଭୁବନେଶ୍ୱର,୧୩।୧୦(ସମିସ): ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ପ୍ରଥମେ ପୁରୁଷ ଦଳ ଗତକାଲି ୩-୦ରେ ହଂକଂଠାରୁ ହାରିବା ପରେ ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ମହିଳା ଦଳ ଲଢ଼େଇ କରିଥିଲେ ମଧ ୨-୩ ବ୍ୟବଧାନରେ ସିଙ୍ଗାପୁର ନିକଟରୁ ହାରିଯାଇଥିଲା। ଏହା ଫଳରେ ଗତ ଦୁଇଟି ସଂସ୍କରଣରେ ପଦକ ଜିତିଥିବା ଭାରତ ଏଠାରେ ଖାଲି ହାତରେ ରହିଛି। ଏହି ମୁକାବିଲା ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ମହିଳା ବିଭାଗ ଫାଇନାଲରେ ଚୀନ୍ ସହ ଦକ୍ଷିଣ କୋରିଆ ଏବଂ ଜାପାନ ସହ ସିଙ୍ଗାପୁରର ମୁକାବିଲା ହେବ। ସେହିପରି ପୁରୁଷ ବିଭାଗରେ ଚୀନ୍ ସହ ଜାପାନ, ଚାଇନିଜ୍ ତାଇପେଇ ସହ ହଂକଂ ଚାଇନା ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ମହିଳା ବିଭାଗରେ ଆଜି ଭାରତ ପକ୍ଷରୁ କେବଳ ମନିକା ବତ୍ରା ଓ ଯଶସ୍ୱୀନି ଘୋରପଡ଼େ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲେ। ମନିକା ଗୋଟିଏ ଓ ଦିୟା ଚିତାଲେ ୨ଟି ଯାକ ମୁକାବିଲାରେ ପରାଜିତ ହୋଇଥିଲେ। ଦିୟା ୨ଥର ବିଜୟ ହାତଛଡ଼ା କରିଥିଲେ।



## ସୂର୍ଯ୍ୟବଂଶୀ ଉପ-ଅଧିନାୟକ

ପାଟନା, ୧୩।୧୦ (ଏଜେନ୍ସି): ଆଉ ଦିନକ ପରେ ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏଥିଲାଗି ଶାକିବୁଲ୍ ଘାନିଙ୍କ ନେତୃତ୍ୱରେ ୧୫ ଜଣିଆ ବିହାର ଦଳ ଘୋଷଣା କରାଯାଇଛି। ସେହିଭଳି ୧୪ ବର୍ଷୀୟ ଯୁବ ବ୍ୟାଟିଂ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ଲେଟ୍ ଡିଭିଜନରେ ସ୍ଥାନ ପାଇଥିବା ବିହାର ଅକ୍ଟୋବର ୧୫ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

### ● ବିନୁ ମଙ୍କଡ଼ ଟ୍ରଫି

## ବିଦର୍ଭକୁ ହରାଇଲା ଓଡ଼ିଶା



କଟକ,୧୩।୧୦(ସମିସ): ବିନୁ ମଙ୍କଡ଼ ଟ୍ରଫିର ପ୍ରଥମ ମୁକାବିଲାରେ ପରାସ୍ତ ପରେ ଲଗାତର ଦୁଇଟି ମ୍ୟାଚ୍ ଜିତି ଓଡ଼ିଶା ଏଲିଟ ଗ୍ରୁପ-ଏ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଓଡ଼ିଶା ୭୪ ରନରେ ବିଦର୍ଭକୁ ହରାଇଛି। ହରିୟାଣାର ଗୁରୁଗ୍ରାମ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ଦଳ ସମସ୍ତ ୱିକେଟ ହରାଇ ୨୧୮ ରନ କରିଥିଲା। ଓଡ଼ିଶା ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ସର୍ବାଧିକ ୩୯, ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିଦର୍ଭର ହିମାଂଶୁ କୱାଲେ ଏବଂ ଓମ୍ ଧୋତ୍ରେ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭର ଇନିଂସ୍ ୧୪୪ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ଏବଂ ପିୟୂଷ ରଞ୍ଜନ ମନ୍ତ୍ରୀ ଯଥାକ୍ରମେ ୪ଟି ଓ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆସନ୍ତା ୧୫ ତାରିଖରେ ଓଡ଼ିଶା ୪ର୍ଥ ଲିଗ୍‌ରେ ଗୋଆକୁ ଭେଟିବ।

### ■ ସିନିଅର ମହିଳା ଟି-୨୦


## ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ

କଟକ,୧୩।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତର ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। ଏ ପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ପାରି ନ ଥିବା ଓଡ଼ିଶା ଗ୍ରୁପ-ସି ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଥିବାବେଳେ କ୍ୱାର୍ଟର ଆଶା କ୍ଷୀଣ ହେବାରେ ଲାଗିଛି। ଆଜି ଗ୍ୱାଲିୟରରେ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତନ୍ମୟୀ ବେହେରାଙ୍କ ୪୪, ମାଧୁରୀ ମେହଟାଙ୍କ ୨୬ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ୬ ୱିକେଟ ହରାଇ ଅନ୍ତିମ ବଲରେ ଆନ୍ଧ୍ର ବିଜୟୀ ହୋଇଥିଲା। ଅଧିନାୟିକା ମେଘନା ୫୬ ଓ ଅନୁଷା ୨୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି କେ ପ୍ରସାଦ ୨ଟି ୱିକେଟ ହାସଲ କରିଥିଲେ।

### ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ସ୍ୱର୍ଣ୍ଣ ସହ ପ୍ରତୀକଙ୍କୁ ବିଶ୍ୱ ଯୋଗ୍ୟତା

ଭୁବନେଶ୍ୱର, ୧୩।୧୦ (ସମିସ)



ଘରୋଇ ଓଡ଼ିଶାର ଯୁବ ଧାବକ ପ୍ରତୀକ ମହାରଣା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ୪ର୍ଥ ଦିବସରେ ସୋମବାର ପ୍ରତୀକ ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସରେ ଏହି ସଫଳତା ପାଇଥିଲେ। ପ୍ରତୀକ ଏହି ଦୂରତାକୁ ୨୧.୨୪ ସେକେଣ୍ଡରେ ଫିନିଶ କରି ପୋଡିୟମର ଶୀର୍ଷରେ ରହିବା ସହ ଆଗାମୀ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦ ବର୍ଷରୁ କମ୍) କୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତ। ଏହା ମଧ୍ୟ ନୂଆ ମିଟ୍ ରେକର୍ଡ ହୋଇଛି। ସେହିଭଳି ଏହି ରେସରେ ପଞ୍ଜାବର ଯଶଜିତ୍ ସିଂହ ଢିଲନ (୨୧.୨୬ ସେକେଣ୍ଡ) ଓ ମହାରାଷ୍ଟ୍ରର ଅର୍ନବ ତକଲକର (୨୧.୬୫ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ପ୍ରତୀକଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ।

### ସଟ୍‌ପୁଟ୍‌ରେ ଓମକାରଙ୍କୁ କାଂସ୍ୟ



ସେହିଭଳି ଆଉ ଜଣେ ଓଡ଼ିଆ ଆଥ୍‌ଲେଟ୍ ମଧ ସୋମବାର ପଦକ ସଫଳତା ପାଇଛନ୍ତି। ସେ ହେଲେ ଓମ୍‌କାର ପ୍ରସାଦ ନନ୍ଦ। ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୮.୨୪ ମିଟର ଫିଙ୍ଗି ୩ୟ ସ୍ଥାନରେ ରହିଥିଲେ। ଏଥିରେ ତେଲଙ୍ଗାନାର ସାଇକ୍ରିଷ୍ଣା (୧୮.୪୨ମି) ଓ ଉତ୍ତରପ୍ରଦେଶର ଅନୁଜ କୁମାର (୧୮.୩୧ମି) ଯଥାକ୍ରମେ ପୋଡିୟମର ପ୍ରଥମ ଓ ୨ୟ ସ୍ଥାନରେ ରହିଥିଲେ। ମଙ୍ଗଳବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିସାରିଛି।

## ଓଡ଼ିଶା ସିନିଅର ଗେଟ୍‌ବଲ ଚାମ୍ପିଅନ




ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ୧୮ ତମ ଜାତୀୟ ସିନିଅର ଗେଟ୍‌ବଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମଧ୍ୟପ୍ରଦେଶ ରୌପ୍ୟ ଓ ବିହାରକୁ କାଂସ୍ୟ ପଦକ ମିଳିଛି। ଡବଲ ଇଭେଣ୍ଟରେ ଶିବରାମ ସ୍ୱାଇଁ ଓ ମହମ୍ମଦ୍ ଅମନ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଡବଲ୍ସ ଇଭେଣ୍ଟ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଯୋଡିକୁ ସ୍ୱର୍ଣ୍ଣ ଏବଂ ଓଡ଼ିଶାର ନମ୍ରତା କର୍ଣ୍ଣାଲ ଓ ତମନ୍ନା ରାୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଗେଟ୍‌ବଲ ଫେଡେରେସନର ସମ୍ପାଦକ ପରଭିନ ମାମେଣ୍ଟକର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ଲାଗି ଓଡ଼ିଶା ଗେଟ୍‌ବଲ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS